RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

THURSDAY
18 JUNE 2026
ଗୁରୁବାର
୧୮ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 18 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ଏଚ୍‌ଏଲ୍‌ସିଏ ବୈଠକ: ୯ ଜିଲ୍ଲାରେ ୨୦ ମେଗା ପ୍ରକଳ୍ପ ଅନୁମୋଦିତ

# ଖୋର୍ଦ୍ଧାରେ ରତ୍ନପଥର ଉତ୍ପାଦନ ୟୁନିଟ୍

### ୭୬,୬୧୧ କୋଟି ଟଙ୍କାର ପୁଞ୍ଜିନିବେଶ, ୫୦,୫୧୭ ନିଯୁକ୍ତି ସୁଯୋଗ

### ସମ୍ବଲପୁରରେ ହେବ ଔଷଧ ତିଆରି କାରଖାନା



**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:**

ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ୪୫ତମ ହାଇ ଲେଭଲ୍ କ୍ଲିୟାରାନ୍ସ ଅଥରିଟି (ଏଚ୍‌ଏଲ୍‌ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ୯ଟି ଜିଲ୍ଲାରେ ୨୦ଟି ମେଗା ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ମୋଟ୍ ୭୬,୬୧୧.୮୬ କୋଟି ଟଙ୍କା ନିବେଶ ହେବ ଏବଂ ଏହାଦ୍ୱାରା ୫୦,୫୧୭ ନିଯୁକ୍ତି ସୃଷ୍ଟି ହେବ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଦେଶର ଏକ ପ୍ରମୁଖ ପୁଞ୍ଜିନିବେଶ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି ଏବଂ ପ୍ରଗତିଶୀଳ ନୀତି, ସହଜ ବ୍ୟବସାୟିକ ଅନୁକୂଳ ପରିବେଶ ତଥା ସୁଦୃଢ଼ ଭିତ୍ତିଭୂମି ଯୋଗୁଁ ଉଭୟ ପାରମ୍ପରିକ ଓ ନୂତନ ଯୁଗର ଶିଳ୍ପ ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଇଛି । ଏହି ଅନୁମୋଦନ ସମଗ୍ର ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶ ଓ ଅନ୍ତର୍ଭୁକ୍ତ ଅର୍ଥନୈତିକ ଅଭିବୃଦ୍ଧି ଆଣିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ମେଗା ପ୍ରକଳ୍ପଗୁଡ଼ିକ ମଧ୍ୟରେ କୃତ୍ରିମ ହୀରା (ଲ୍ୟାବ୍-ଗ୍ରୋନ୍ ଡାଇମଣ୍ଡ), ସବୁଜ ଶକ୍ତି ସରଞ୍ଜାମ, ମହାକାଶ ଓ ପ୍ରତିରକ୍ଷା, ବିରଳ ମୃତ୍ତିକା ଖଣିଜ ଆଧାରିତ ଉତ୍ପାଦ, ଔଷଧ ନିର୍ମାଣ (ଫାର୍ମାସ୍ୟୁଟିକାଲ୍ସ),

▶▶ ୫

## ପାଠ୍ୟପୁସ୍ତକ ତ୍ରୁଟି ନେଇ ଖୋଳତାଡ଼

# କମିଟି ଗଠନ, ୭ ଦିନରେ ରିପୋର୍ଟ

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:**

ରାତି ପାହିଲେ ଖୋଲିବ ସ୍କୁଲ୍, ଏପଟେ କିନ୍ତୁ ପିଲାଙ୍କ ନୂଆ ବହିରେ ଅଗଣିତ ଭୁଲ୍ । ସମସ୍ୟାର ଗମ୍ଭୀରତାକୁ ଦେଖି ବୁଧବାର ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହି ମଗାଇ ସମୀକ୍ଷା କରିବା ସହିତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ବହିରେ ତ୍ରୁଟିକୁ ନେଇ ପୂରା ଘଟଣାର ତଦନ୍ତ କରିବେ ୩ ଜଣିଆ ଉଚ୍ଚସ୍ତରୀୟ କମିଟି । ୭ ଦିନରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ହୋଇଛି । ଭୁଲ୍ ଆସିବା ସହ ରିପୋର୍ଟ ମିଳିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ କଡ଼ା ଅଭିମୁଖ୍ୟ ଗ୍ରହଣ କରିଛନ୍ତି । ବୁଧବାର ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗରେ ଲୋକସେବା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ତୁରନ୍ତ ତ୍ରୁଟି ସୁଧାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ



ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସମୀକ୍ଷା ବୈଠକରେ ପାଠ୍ୟପୁସ୍ତକରେ ଏତେସବୁ ତ୍ରୁଟି କେମିତି ହେଲା ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ । ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିଟି ଗଠନ କରାଯାଇ ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ

### ଦୋଷୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

### ତୁରନ୍ତ ତ୍ରୁଟି ସୁଧାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି ।

ଅନ୍ୟପକ୍ଷରେ ଯେଉଁ ବହିରେ ଭୁଲ ଥିଲା ମୁଖ୍ୟମନ୍ତ୍ରୀ ସେହି ବହି ମାଗିଥିଲେ । ଆଉ ବୈଠକ ପରେ ସମ୍ପୃକ୍ତ ବହିକୁ ସିଏମଓକୁ ପଠାଯାଇଥିବା ଜଣାଯାଇଛି ।

# ବିଦ୍ୟୁତ୍ ଆଘାତରେ ୨ ମହିଳା ମୃତ

**ହିନ୍ଦୋଳ,୧୭।୬/ଏନ୍‌ଏନ୍‌ଏସ୍:**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ରଞ୍ଜାଗୋଳ ଗାଁରେ ବିଦ୍ୟୁତ୍ ଆଘାତରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଉଛନ୍ତି ଗୌର ଦେହୁରୀଙ୍କ ସ୍ତ୍ରୀ ମନୀଷା ଦେହୁରୀ ଏବଂ ବିଭୂତି ଦେହୁରିଙ୍କ ସ୍ତ୍ରୀ ରଞ୍ଜୁ ଦେହୁରୀ । ବୁଧବାର ଭୋର୍ ବାଡ଼ିକୁ ଯାଇଥିଲେ ରଞ୍ଜୁ ଦେହୁରୀ । ସେ ସେଠାରେ ତଳେ ପଡ଼ିଥିବା ଏକ ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ । ତାଙ୍କ ଚିତ୍କାର ଶୁଣି ସେଠାକୁ ଦୌଡ଼ି ଯାଇଥିଲେ ତାଙ୍କ ଯାଆ ମନୀଷା ଦେହୁରୀ । ହେଲେ ରଞ୍ଜୁଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ । ଉଭୟଙ୍କ ଚିତ୍କାର ଶୁଣି ଖୁଡ଼ି ଶାଶୂ ସାବି ଦେହୁରୀ ଦୁହିଙ୍କୁ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୂରକୁ ଛିଟିକି ପଡି ଆହତ ହୋଇଥିଲେ । ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପରେ ମନୀଷା ଓ ରଞ୍ଜୁଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଗତକାଲି ରାତିରେ ରଞ୍ଜାଗୋଳରେ କାଳବୈଶାଖୀ ବର୍ଷା ଓ ପବନ ହୋଇଥିଲା । ସେଥିରେ ମୃତକ ଦ୍ୱୟଙ୍କ ଘରର ବାଡ଼ିରେ ଏକ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିଲା । କିନ୍ତୁ ଏ ବିଷୟରେ ଅବଗତ ନଥିବା ରଞ୍ଜୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ ବୋଲି ଜଣାପଡ଼ିଛି । ଏହି ଘଟଣା ଯୋଗୁ ସ୍ଥାନୀୟ

▶▶ ୫

# ଜୁଲାଇ ୧ରୁ ଓଡ଼ିଶାରେ 'ଭିବି-ଜି-ରାମ୍‌ଜି'

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:**

ଆସନ୍ତା ଜୁଲାଇ ପହିଲାରୁ ରାଜ୍ୟର ଗ୍ରାମାଞ୍ଚଳରେ ରହୁଥିବା ଗରିବ ଲୋକମାନଙ୍କୁ ୧୨୫ଦିନର ରୋଜଗାର ଗ୍ୟାରେଣ୍ଟି ମିଳିବ । ଦୁଇ ଦଶନ୍ଧି ପୁରୁଣା 'ମନରେଗା ଯୋଜନା' ପରିବର୍ତ୍ତେ ରାଜ୍ୟର ସମସ୍ତ ପଞ୍ଚାୟତରେ ଆସନ୍ତା ଜୁଲାଇ ପହିଲାରୁ 'ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ(ଗ୍ରାମୀଣ) ବା 'ଭିବି-ଜି -ରାମଜି' କାର୍ଯ୍ୟକାରୀ ହେବ । କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ-ରୋଜଗାର ଗ୍ୟାରେଣ୍ଟି ଓ ଆଜୀବିକା ମିଶନ(ଗ୍ରାମୀଣ) ଅଧିନିୟମ-୨୦୨୫ର ଧାରା-୩(୧)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ରାଜ୍ୟ ପଞ୍ଚାୟତିରାଜ ବିଭାଗ ବୁଧବାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛି ।

ଏହା ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ପରିବାରକୁ ବର୍ଷକୁ ୧୨୦ ଦିନର ଅକୁଶଳ ଶ୍ରମଭିତ୍ତିକ ରୋଜଗାର ନିଶ୍ଚିତ କରାଯିବ । ଆବେଦନର ୧୫ ଦିନ ମଧ୍ୟରେ କାମ ଯୋଗାଇ ଦିଆନଗଲେ ବେକାର

### ବିଧିବଦ୍ଧ ବିଜ୍ଞପ୍ତି ଜାରି

ଭତ୍ତା ପ୍ରଦାନର ବ୍ୟବସ୍ଥା ରହିଛି । ସେହିପରି ମଜୁରି ପ୍ରଦାନରେ ବିଳମ୍ବ ହେଲେ କ୍ଷତିପୂରଣ ଦେବାକୁ ମଧ୍ୟ ସ୍ପଷ୍ଟ ବ୍ୟବସ୍ଥା କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାର ଅନୁଭୂତିକୁ ଆଧାର କରି ଏହି ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି । ଏଥିରେ କେବଳ

▶▶ ୫

## ପିଏମ୍ ସ୍ୱନିଧି ଯୋଜନା

# ଷ୍ଟାମ୍ପ୍ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:**

ରାସ୍ତାକଡ଼ ବ୍ୟବସାୟୀ ବା ଷ୍ଟ୍ରିଟ ଭେଣ୍ଡରମାନଙ୍କ ପାଇଁ ଓଡ଼ିଶା ସରକାର ଏକ ବଡ଼ ଆଶ୍ୱସ୍ତି ଦେଇଛନ୍ତି । ପିଏମ୍ ସ୍ୱନିଧି ବା ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି ଯୋଜନା ଅଧୀନରେ ମଞ୍ଜୁର ହେଉଥିବା ତିନିଟି ଋଣ ପର୍ଯ୍ୟାୟର ତିନିଟି ଋଣ ପର୍ଯ୍ୟାୟରେ ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ଘୋଷଣା କରାଯାଇଛି । ହାଇପୋଥିକେସନ ଚୁକ୍ତିପତ୍ର ଉପରେ ଲାଗୁଥିବା ଷ୍ଟାମ୍ପ ଶୁଳ୍କକୁ ସରକାର ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ପକ୍ଷରୁ ଜାରି ହୋଇଥିବା ଏକ ଆଦେଶ ଅନୁଯାୟୀ, ପିଏମ୍ ସ୍ୱନିଧି ଯୋଜନାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଋଣ କିସ୍ତି ସମ୍ବନ୍ଧୀୟ ହାଇପୋଥିକେସନ୍ ଏଗ୍ରିମେଣ୍ଟଗୁଡ଼ିକ ଉପରେ ଷ୍ଟାମ୍ପ ଶୁଳ୍କ ଆଦାୟ କରାଯିବ ନାହିଁ । ଭାରତୀୟ ଷ୍ଟାମ୍ପ ଆଇନ, ୧୮୯୯ର ଧାରା ୯(୧)(କ) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ଏହି ନିଷ୍ପତ୍ତି ନିଆଯାଇଛି । ନିକଟରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । କ୍ୟାବିନେଟ ନିଷ୍ପତ୍ତି ପରେ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସରକାରଙ୍କ ଏହି ପଦକ୍ଷେପ ଫଳରେ ରାସ୍ତାକଡ଼ ବ୍ୟବସାୟୀମାନଙ୍କର ଋଣ ନେବା ଖର୍ଚ୍ଚ କମିବା ସହ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ମାଧ୍ୟମରେ ସହଜରେ ଋଣ ପାଇବାର ସୁଯୋଗ ବଢ଼ିବ । ଏହାଦ୍ୱାରା ଛୋଟ ବ୍ୟବସାୟୀମାନଙ୍କ ଜୀବିକାକୁ ଅଧିକ ସୁଦୃଢ଼ କରିବା ସହ ସେମାନଙ୍କ ଆର୍ଥିକ ସଶକ୍ତିକରଣରେ

▶▶ ୫

## ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ

# ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର, ୧୭।୬/ଏନ୍‌ଏନ୍‌ଏସ୍:**

ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ ମାମଲାରେ ବନ୍ଧା ହେଲେ ଯନ୍ତ୍ରୀ । କେନ୍ଦୁଝର ହରିଚନ୍ଦନପୁରର ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ପୁଲିସ୍ ଗିରଫ କରିଛି । ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଜାଲ୍ ଦସ୍ତଖତ କରି ବଦଳି ନେଇ ଷଡ଼ଯନ୍ତ୍ର ହୋଇଥିଲା । ଏଥିରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମଙ୍କୁ ଗିରଫ କରାଯାଇଥିବା ବେଳେ ବାଂଶପାଳ ବ୍ଲକର କନିଷ୍ଠ ଯନ୍ତ୍ରୀ ମୋନାଲିସା ବେହେରାଙ୍କୁ ପୁଲିସ ଖୋଜୁଛି । ଏବେ ଯାଏଁ ମୋନାଲିସା କେଉଁଠି ସେନେଇ କୌଣସି ପତ୍ତା ମିଳିପାରିନି । ନକଲି ଲେଟରପ୍ୟାଡ୍ ଓ ଜାଲ୍ ଦସ୍ତଖତରେ ବଦଳି ନେଇ ବଡ଼ ଷଡ଼ଯନ୍ତ୍ର ହୋଇଛି । ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଦସ୍ତଖତ ଜାଲି କରିବା, ସରକାରୀ ଡି.ଓ ପ୍ୟାଡର ଦୁରୁପଯୋଗ କରିବା ଏବଂ ଜାଲ୍ ଦସ୍ତାବିଜ ବ୍ୟବହାର କରି ବଦଳି କରିବା

▶▶ ୫

# ଆଜିଠୁ ଖୋଲିବ ସ୍କୁଲ୍

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:**

ଗ୍ରୀଷ୍ମଛୁଟି ପରେ ଆସନ୍ତାକାଲି ଅର୍ଥାତ ଗୁରୁବାର ଠାରୁ ରାଜ୍ୟରେ ସ୍କୁଲଗୁଡ଼ିକ ଖୋଲୁଥିବା ବେଳେ ୯ଟି ଜିଲ୍ଲା ଯଥା ଗଞ୍ଜାମ, ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ ଓ ବରଗଡ଼ରେ ଗ୍ରୀଷ୍ମଛୁଟି ଅବଧି ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ନୂଆପଡ଼ା ଜିଲ୍ଲାରେ ସ୍କୁଲ୍ ସମୟରେ ପରିବର୍ତ୍ତନ କରାଯାଇଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାରେ ଗ୍ରୀଷ୍ମଛୁଟି ଅବଧି ୨୦ ତାରିଖ ଯାଏଁ ବଢ଼ିଛି । ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହି ଗ୍ରୀଷ୍ମଛୁଟି ବଢ଼ିଛି । ଜୁନ୍ ୨୨ ତାରିଖରେ ଗଞ୍ଜାମରେ ସ୍କୁଲ ଖୋଲିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

ସେହିପରି ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସୁବର୍ଣ୍ଣପୁର, ସମ୍ବଲପୁର, ଝାରସୁଗୁଡା, ଅନୁଗୁଳ, ବଲାଙ୍ଗୀର, ସୁନ୍ଦରଗଡ଼, ବୌଦ୍ଧ ଓ ବରଗଡ଼ ଜିଲ୍ଲାରେ ଗ୍ରୀଷ୍ମଛୁଟିକୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଜୁନ୍ ୨୧ ତାରିଖ ରବିବାର ପଡୁଥିବାରୁ ଏହି ୮ ଜିଲ୍ଲାରେ ୨୨ ତାରିଖରେ ସ୍କୁଲ ଖୋଲିବ । ସୁବର୍ଣ୍ଣପୁର ଓ ଅନୁଗୁଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକ ୨୨ ତାରିଖରେ ଖୋଲିବ । ସୁବର୍ଣ୍ଣପୁର ଜିଲ୍ଲାରେ ସ୍କୁଲ, କଲେଜ, ବୈଷୟିକ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମଧ୍ୟ ୨୨ ତାରିଖରେ ଖୋଲିବ । ଅନ୍ୟପକ୍ଷରେ ନୂଆପଡ଼ା ଜିଲ୍ଲା ସ୍କୁଲ

### ୯ ଜିଲ୍ଲାରେ ଗ୍ରୀଷ୍ମଛୁଟି ଅବଧି ବୃଦ୍ଧି

### ନୂଆପଡ଼ାରେ ୨୦ଯାଏଁ ସକାଳୁଆ ସ୍କୁଲ୍

ସମୟରେ ପରିବର୍ତ୍ତନ କରାଯାଇଛି । ୧୮ରୁ ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସ୍କୁଲଗୁଡ଼ିକ ସକାଳୁଆ ହେବ । ସକାଳ ସାଢ଼େ ୬ରୁ ସାଢ଼େ ୧୧ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲ୍ଲାର ସମସ୍ତ ସରକାରୀ ସମେତ ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ବିଦ୍ୟାଳୟଗୁଡ଼ିକ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି ।






## ଫ୍ରାନ୍ସରେ ଟ୍ରମ୍ପ୍-ମୋଦୀ ଦ୍ୱିପାକ୍ଷିକ ଆଲୋଚନା

# ଉଠିଲା ହର୍ମୁଜ୍‌ରେ ଭାରତୀୟଙ୍କ ସୁରକ୍ଷା ପ୍ରସଙ୍ଗ

**ଏଭିଆନ-ଲେସ୍-ବେନ୍ସ (ଫ୍ରାନ୍ସ), ୧୭।୬/ଏଜେନ୍ସି:**

ଫ୍ରାନ୍ସର ଏଭିଆନ-ଲେସ୍-ବେନ୍ସ ସହରରେ ଅନୁଷ୍ଠିତ ଜି-୭ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଭୟ ନେତା ଏହି ସାକ୍ଷାତକାର ଅବସରରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଏବଂ ଶୁଳ୍କ ବିବାଦ ଉପରେ ବିଚାରବିମର୍ଶ କରିଥିବା ସୂଚନା ମିଳିଛି ।

ଗତ କିଛି ମାସ ଧରି ଭାରତୀୟ ରପ୍ତାନି ଉପରେ ଆମେରିକାର କଠୋର ଶୁଳ୍କ ନୀତି ଯୋଗୁଁ ଦୁଇ ଦେଶର ବାଣିଜ୍ୟିକ ସମ୍ପର୍କରେ କିଛିଟା ତିକ୍ତତା ଦେଖାଦେଇଥିଲା । ସୁତରାଂ ଏହି ସମସ୍ୟାର ସମାଧାନ ପାଇଁ ୨୦୨୫ ଫେବୃଆରୀରେ ଦୁଇ ଦେଶ ମଧ୍ୟରେ ଏକ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିର ରୂପରେଖ ପ୍ରସ୍ତୁତ ହୋଇଥିଲା । ଏବେ ଦୁଇ ଦେଶ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତି ଉପରେ ଦ୍ୱିପାକ୍ଷିକ ଆଲୋଚନା ଜାରି ରହିଛି । ଆଜିର ବୈଠକରେ ଦୁଇ ନେତା ଏକ ମଧ୍ୟବର୍ତ୍ତୀକାଳୀନ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ଆଲୋଚନା କରିଛନ୍ତି । ଆମେରିକା ପକ୍ଷରୁ କୃଷି ଓ ଶିଳ୍ପ ସାମଗ୍ରୀ ଉପରେ ଶୁଳ୍କ ହ୍ରାସ ଏବଂ




### ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା, ଶୁଳ୍କ ବିବାଦ ଉପରେ ବିଚାରବିମର୍ଶ

### ଭାରତ ଉପରେ ଆକ୍ରମଣ ହେଲେ ଆମେରିକା ଆଗକୁ ଆସିବ: ଟ୍ରମ୍ପ୍

### ନୂଆ ୟୁଏସ୍ ଇମିଗ୍ରେସନ୍ ନୀତି ଓ ଏଚ୍‌୧ବି ଭିସା ଫି' ବୃଦ୍ଧି ଉପରେ ଚର୍ଚ୍ଚା

ଭାରତର ଡିଜିଟାଲ ବଜାରରେ ପ୍ରବେଶ ପାଇଁ ଦାବି ଉପରେ ଏହି ବାର୍ତ୍ତାଳାପ କେନ୍ଦ୍ରିତ ଥିଲା । ତେବେ ଉଭୟ ନେତାଙ୍କ ସାକ୍ଷାତକାର ବୈଠକ ସମୟରେ ଆମେରିକା ପକ୍ଷରୁ ଭାରତ ପାଇଁ ପ୍ରତିରକ୍ଷା ଭାଗିଦାରୀକୁ ନେଇ ଏକ ବଡ଼ ପ୍ରତିଶ୍ରୁତି ମିଳିଛି । ଆଲୋଚନା ସମୟରେ ଟ୍ରମ୍ପ୍ ଭାରତର ସୁରକ୍ଷା ପ୍ରତି ସମର୍ଥନ ଜଣାଇ କହିଛନ୍ତି, 'ଯଦି ଭାରତ ଉପରେ କୌଣସି ଆକ୍ରମଣ ହୁଏ, ଆମେ ସେଠାରେ (ଭାରତ ସହିତ) ଛିଡା ହେବୁ । ଟ୍ରମ୍ପ୍‌ଙ୍କ ଏହି ବୟାନ ଦୁଇ ଦେଶର ପ୍ରତିରକ୍ଷା ସମ୍ପର୍କର ଗଭୀରତାକୁ ଦର୍ଶାଉଛି ।

ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ଆମେରିକାର ସାମୁଦ୍ରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ହର୍ମୁଜ୍ ପ୍ରଣାଳୀରେ ତିନ ଭାରତୀୟ ନାବିକଙ୍କ ମୃତ୍ୟୁ ହେବା ପ୍ରସଙ୍ଗ ଉଠାଇବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ

▶▶ ୫

# ୭ ଜୁଆଡ଼ି ଗିରଫ, ନଗଦ ଟଙ୍କା ଓ ମୋବାଇଲ୍ ଜବତ



**କଟକ, ୧୭।୬/ଏନ୍ଏନ୍ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁ ଗ୍ରାମରେ ଜୁଆ ଖେଳୁଥିବା ସମୟରେ ୭ ଜୁଆଡ଼ିଙ୍କୁ ଚୌଦ୍ୱାର ଥାନା ପୋଲିସ ଗିରଫ କରିଛି। ବଡ଼ପଦାଗାଁ ଶ୍ମଶାନ ନିକଟରେ କିଛି ବ୍ୟକ୍ତି ଜୁଆ ଖେଳୁଥିବାର ସୂଚନା ପାଇ ଚୌଦ୍ୱାର ଥାନା ଅଧିକାରୀ ଚଢ଼ାଉ କରିଥିଲେ । ଚଢ଼ାଉରେ ସାତ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ନଗଦ ୨୨୨୩୦ ଟଙ୍କା, ଗୋଟିଏ ତାସ ମୁଠା, ଗୋଟିଏ ଜରି ପାଲ ଓ ଦୁଇଟି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୁକାନ୍ତ ଜେନା, କାହ୍ନୁ ବେହେରା, କାଳନ୍ଦୀ ରାଉତ, ନାରାୟଣ ପ୍ରଧାନ, ଗୋଲଖ ବସ୍ତିଆ, ପ୍ରମୋଦ ରାଉତ ଏବଂ ଦିବାକର ମହାନ୍ତି। ଏମାନଙ୍କ ବିରୁଦ୍ଧରେ କେସ ନମ୍ବର ୩୯୨ ମାମଲା ରୁଜୁ କରି ଚୌଦ୍ୱାର ପୋଲିସ ଅଧିକ ତଦନ୍ତ ଚଳାଇଛି।

## ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ

# ସମାଧାନ ସମାରୋହ-୨୦୨୬ ପାଇଁ କର୍ମଶାଳା

**କଟକ, ୧୭।୬/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଆଜି ଓଡ଼ିଶା ଜୁଡ଼ିସିଆଲ ଏକାଡେମୀ ଠାରେ ସମାଧାନ ସମାରୋହ ୨୦୨୬ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ ହରିଶ ଟଣ୍ଡନ ଆନୁଷ୍ଠାନିକ ଭାବେ ସମାଧାନ ସମାରୋହ ୨୦୨୬ କର୍ମଶାଳାକୁ ଉଦଘାଟନ କରିଥିଲେ। ବିଭିନ୍ନ ମାମଲାର ସମାଧାନ ପାଇଁ ସୁପ୍ରିମକୋର୍ଟ ପକ୍ଷରୁ ଏଭଳି



ସମାଧାନ ସମାରୋହ ବା ଲୋକ ଅଦାଲତ ଆୟୋଜନ କରାଯାଇଛି । ଗତ ଏପ୍ରିଲ ମାସ ୨୧ ତାରିଖ ଦିନ ସୁପ୍ରିମକୋର୍ଟ ପକ୍ଷରୁ ପାରିବାରିକ ବିବାଦର ସମାଧାନ, ଦୁର୍ଘଟଣା କ୍ଷତିପୂରଣ, ଚେକ ବାଉନ୍ସ, ଜମିଜମା ଅଧିଗ୍ରହଣ, ଫୌଜଦାରୀମାମଲା, ଶ୍ରମିକ ବିବାଦ ଆଦି ବିଷୟକୁ ନେଇ ସ୍ୱତନ୍ତ୍ର ଲୋକ ଅଦାଲତ ଆରମ୍ଭ କରାଯାଇଥିଲା। ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଲୋକ ଅଦାଲତ ଆସନ୍ତା ଅଗଷ୍ଟ ୨୧, ୨୨ ଏବଂ ୨୩ ତାରିଖ ତିନିଦିନ ଧରି ଅନୁଷ୍ଠିତ ହୋଇ ବିବାଦୀୟ ମାମଲା ଗୁଡ଼ିକର ବିଚାର କରାଯିବ। ଆଜି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ସମାଧାନ ସମାରୋହର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଡ.ଭାଗ୍ୟଲକ୍ଷ୍ମୀ ରଥ ସ୍ୱାଗତ ଭାଷଣ ଦେଇଥିଲେ । ଓଡ଼ିଶା ହାଇକୋର୍ଟ ଆଇନସେବା ପ୍ରାଧୀକରଣର ଅଧ୍ୟକ୍ଷ ଜଷ୍ଟିସ ରାମକୃଷ୍ଣ ମହାପାତ୍ର ଏବଂ ହାଇକୋର୍ଟର ମୁଖ୍ୟ ପ୍ରଶାସନିକ ପ୍ରାକ୍ତନ ଚେୟାରମ୍ୟାନ ଜଷ୍ଟିସ ମାନସ ରଂଜନ ପାଠକ ସମାଧାନ ସମାରୋହ ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ବିଚାରପତି, ବରିଷ୍ଠ ଆଇନଜୀବୀ ଏବଂ ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ଶରତ ସାହିତ୍ୟ ଟ୍ରଷ୍ଟ ପକ୍ଷରୁ କବି ସମ୍ମିଳନୀ

**କଟକ, ୧୭।୬/ଏନ୍ଏନ୍ଏସ୍:** ଶରତ ସାହିତ୍ୟ ଟ୍ରଷ୍ଟ ପକ୍ଷରୁ ଅରୁଣୋଦୟ



ନଗରସ୍ଥିତ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କବି ସମ୍ମିଳନୀକୁ ଅନୁବାଦକ ତଥା କଥାଶିଳ୍ପୀ ରଘୁନାଥ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍କଳ ଗ୍ରାମ ସ୍ୱରାଜର ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟବକ୍ତା ଭାବରେ କବି ପ୍ରାଣେଶ୍ୱର ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ୪୫ ନମ୍ବର ୱାର୍ଡର କର୍ପୋରେଟର ଗୋପାଳ ବେହେରା ଏବଂ ଶିକ୍ଷାବିତ୍ ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ ଯୋଗଦେଇଥିଲା ବେଳେ ସମ୍ମାନିତ ବକ୍ତା ଭାବରେ ଇଂ. ନିଶୀଥ ରଂଜନ ନନ୍ଦ ଯୋଗଦେଇ ପବିତ୍ର ରଜ ପର୍ବର ମହନୀୟତା ସଂପର୍କରେ ଆଲୋଚନା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ଶରତ କୁମାରୀ ଆଚାର୍ଯ୍ୟ ସ୍ୱାଗତ ଅତିଥିମାନଙ୍କୁ ସ୍ୱାଗତ କରିବାସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ବିଦ୍ୟୁତ୍ ମଞ୍ଜରୀ ପ୍ରଧାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ କବି ନିବେଦିତା ଦାଶ, ଶ୍ୟାମ ସୁନ୍ଦର ସାହୁ, ଶଶିଭୂଷଣ ମହାନ୍ତି, ମନୋଜ ବସନ୍ତରାୟ, ସମରେନ୍ଦ୍ର ଘୋଷ, ମୀନାକ୍ଷୀ ଘୋଷ, କ୍ଷୀରୋଦ ଜେନା, ବିରଂଚିନାରାୟଣ ପଣ୍ଡା, ସଂଯୁକ୍ତା ବେହେରା, ଲୋକନାଥ ସେଠୀ, ବ୍ରଜବନ୍ଧୁ ପୃଷ୍ଟି, ଛବିରାମ ସେଠୀ, ଭାଗୀରଥି ବେହେରା, ବଂଶୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି କୁନଲତା ତ୍ରିପାଠୀ ଏହି କିସମ୍ମିଳନୀକୁ ସଂଯୋଜନା କରିଥିଲା ବେଳେ କବି ଗୀତାଞ୍ଜଳି କର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନରୁ ଖସିପଡ଼ି ଜଣେ ଆହତ

**କଟକ, ୧୭।୬/ଏନ୍ଏନ୍ଏସ୍:** ଯୋବ୍ରାସ୍ଥିତ ମହାନଦୀ ରେଳ ବ୍ରିଜ ତଳେ ଜଣେ ବ୍ୟକ୍ତି ଆହତ ହୋଇ ପଡ଼ିଥିବା ସୂଚନା ପାଇ ମାଲଗୋଦାମ ଥାନା ପୋଲିସ ତୁରନ୍ତ ଘଟଣା ସ୍ଥଳରେ ପହଂଚି ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ଖବର ପାଇ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଂଚି ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ଉକ୍ତ ବ୍ୟକ୍ତି ଜଣକ ଯାଜପୁରର ଶ୍ରୀକାନ୍ତ ପାତ୍ରୀ ବୋଲି ଜଣାପଡ଼ିଛି। ତାଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଛି । ସେ ଏକ ଚଳନ୍ତା ଟ୍ରେନରୁ ପଡ଼ିଯାଇଥିବା ପ୍ରକାଶ କରିଛନ୍ତି । ତାଙ୍କୁ ଚିକିତ୍ସା ପାଇଁ ପୋଲିସ ଏସସିବି ମେଡ଼ିକାଲକୁ ପଠେଇଥିଲେ । ଏବେ ତାଙ୍କ ଅବସ୍ଥା ଭଲ ଅଛି ବୋଲି ଜଣାପଡ଼ିଛି ।

# ଅନ୍ନଦା ପ୍ରସାଦ ରାୟଙ୍କ ଶ୍ରାଦ୍ଧୋତ୍ସବ

**କଟକ, ୧୭।୬/ଏନ୍ଏନ୍ଏସ୍:** ବିଶିଷ୍ଟ ସାରସ୍ୱତ ସାଧକ, ପ୍ରବୀଣ ରାଜନୀତିଜ୍ଞ ଅନ୍ନଦା ପ୍ରସାଦ ରାୟଙ୍କ ୧୦ମ ବାର୍ଷିକ ପୁଣ୍ୟ ତିଥି ଉପଲକ୍ଷେ ବଙ୍ଗାଳି ସାହି ସ୍ଥିତ ଶତାୟୁ ଅନୁଷ୍ଠାନ ରାମକୃଷ୍ଣ କୁଟୀରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ୱର୍ଗତ ରାୟଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଅବଦାନ ଉପରେ ଆଲୋକପାତ କରିଥିଲେ। ସିଏମସି ମେୟର ସୁବାସ ସିଂହ, ବରିଷ୍ଠ ଆଇନଜୀବୀ ଧରଣୀ ଧର ନାୟକ, ବିଶିଷ୍ଟ କଥାକାର ତରୁଣ କୁମାର ମିଶ୍ର, ଇସ୍କଫର ରାଷ୍ଟ୍ରୀୟ ସଂପାଦକ ବିଜୟ କୁମାର ପଡ଼ିଆରୀ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷ ରୁ ଆୟୋଜିତ ଏହି ସ୍ମୃତି ସଭାରେ ଅବସରପ୍ରାପ୍ତ ଲୋକପାଳ ନ୍ୟାୟମୂର୍ତ୍ତି ପ୍ରଦୀପ କୁମାର ମହାନ୍ତି, ଗୋକୁଳାନନ୍ଦ ପଟ୍ଟନାୟକ, ଆଦିତ୍ୟ ପ୍ରତାପ ଧଳ,ଇଂ.କେ.କେ.ଦାସବର୍ମା, ରାଜୀବ କୁମାର ଷଡ଼ଙ୍ଗୀ, ଡ଼ଃ ବିଶ୍ୱଜିତ ଘୋଷ, ସୌମ୍ୟ କାନ୍ତ ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ଦାଶ, ଭୁବନାନନ୍ଦ ମହାନ୍ତି, ଅରବିନ୍ଦ ରାଉତରାୟ,ପ୍ରମିଳା ଦାସବର୍ମା ପ୍ରମୁଖ ସ୍ୱର୍ଗତ ରାୟ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଂସଦର ସଭାପତି ଡ଼ଃ ସତ୍ୟ ରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ।



ସାଧାରଣ ସଂପାଦକ ଦିଲ୍ଲୀପ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ତତ୍ତ୍ୱାବଧାରକ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋକିମ୍ ଫାଉଣ୍ଡେସନ୍ ପକ୍ଷରୁ ରଜପର୍ବ



**କଟକ, ୧୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ସତ୍ୟବ୍ରତ ପଡ଼ିଆଠାରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶାର ଗଣପର୍ବ ରଜ ଅତି ଆନନ୍ଦ ଉଲ୍ଲାସ ଓ ହସଖୁସିର ସହ ପାଳିତ ହୋଇଯାଇଛି। ଏହି ପାରମ୍ପରିକ ଉତ୍ସବରେ ବହୁ ସଂଖ୍ୟାରେ ମହିଳା, ଯୁବତୀ ଓ କୁନି କୁନି ଝିଅମାନେ ସାମିଲ ହୋଇ ରଜ ମଉଜର ଭରପୂର ଆନନ୍ଦ ନେଇଥିଲେ। ଉତ୍ସବ ପ୍ରାଙ୍ଗଣରେ ରଜର ମୁଖ୍ୟ ଆକର୍ଷଣ ସାଜିଥିବା ପୋଡ଼ପିଠା, ବିଭିନ୍ନ ପ୍ରକାରର ମିଠା, କଟକର ପ୍ରସିଦ୍ଧ ଦହିବରା-ଆଳୁଦମ୍ ଏବଂ ସୁଆଦିଆ ରଜ ପାନର ବ୍ୟବସ୍ଥା କରାଯାଇଥିଲା, ଯାହାକୁ ଖାଇ ସମସ୍ତେ ବେଶ୍ ମଜା ଉଠାଇଥିଲେ। ଏହି ଅବସରରେ ସେଠାରେ ଏକ ସ୍ୱତନ୍ତ୍ର ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ କୃତୀ ବିଜୟୀ ପ୍ରତିଯୋଗୀମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ସେଠାରେ ଉପସ୍ଥିତ ମହିଳା ଓ ଝିଅମାନଙ୍କ ସହ ମିଶି ଦୋଳି ଖେଳିବା ସହ ରଜ ପାନ ଖାଇ ଉତ୍ସବର ମଜା ନେଇଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ରଜ ପର୍ବର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ରଜର ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ସମ୍ମାନିତ ନାରୀ ନେତ୍ରୀ ଗିରିବାଳା ବେହେରା ଓ ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ ଓ ସ୍ୱର୍ଣ୍ଣପ୍ରଭା ପଶାୟତ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ଶୋଭା ବଢ଼ାଇଥିଲେ। ଏହା ସହିତ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତ୍ରୀ ନିକିତା ମିଶ୍ର ଏହି ମଞ୍ଚରେ ଯୋଗ ଦେଇଥିଲେ।

# 'ସମ୍ଭାବନା' ପକ୍ଷରୁ ପୋଷାକ ବଣ୍ଟନ



**କଟକ, ୧୭।୬/ଏନ୍ଏନ୍ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ସଭାପତି ପ୍ରିୟରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଲେଜଛକସ୍ଥିତ ଯଶୋଦା ସଦନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିଶୁ ସଦନରେ ଉପସ୍ଥିତ ଅନ୍ତେବାସୀମାନଙ୍କୁ ଓଡିଶାର ଗଣପର୍ବ ରୂପେ ସର୍ବାଦୃତ ତଥା ପ୍ରସିଦ୍ଧ ରଜପର୍ବ ଉପଲକ୍ଷେ ନୂତନ ପୋଷାକ ଓ କିଛି ପ୍ରସାଧାନ ସାମଗ୍ରୀ ବଣ୍ଟନ କରାଯିବା ସହିତ ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ରାକେଶ ଶତପଥୀ, ଉପସଭାପତି ବିମଳ ପ୍ରସାଦ ଜେନା, ଡ଼ଃ ଓଁକାର ରାଉତ,ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ,ସିପନ ସ୍ୱାଇଁ,ବିକ୍ରମ ବାରିକ,ଅନିଲ ଦାସ, ଆଲୋକ କୁମାର ସାହୁ,ଦେବଜ୍ୟୋତି ମହାନ୍ତି ପ୍ରମୁଖ ସଦସ୍ୟମାନେ ପରିଚାଳନା କରିଥିଲେ।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ବିବାଦ

# ୧୯ରେ ମୁନିନ୍ଦା ଛକରେ ଜନଆନ୍ଦୋଳନ ଚେତାବନୀ

**ଭୁବନେଶ୍ୱର, ୧୭।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠାକୁ ନେଇ ପ୍ରଶାସନିକ ଅବହେଳା ଓ ରାଜନୈତିକ ଚାପର ପ୍ରତିବାଦରେ ଆସନ୍ତା ୧୯ ତାରିଖରେ ମୁନିନ୍ଦା ଛକଠାରେ ଏକ ବୃହତ୍ ଜନଆନ୍ଦୋଳନ କରାଯିବ। କ୍ରିୟାନୁଷ୍ଠାନ କମିଟି, ମୁନିନ୍ଦା ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଏହି ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ମୁନିନ୍ଦାଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଥିବା ସହ ସମସ୍ତ ଗ୍ରାମକୁ ସମଦୂରତାରେ ସଂଯୋଗ କରୁଥିବାରୁ ଏବଂ ସରକାରୀ ନିୟମାନୁସାରେ ଭିତ୍ତିଭୂମି ଥିବାରୁ ପ୍ରଥମ ପର୍ଯ୍ୟାୟ ସର୍ଭେରେ ମୁନିନ୍ଦା ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯୋଗ୍ୟ ବିବେଚିତ କରାଯାଇଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଜିଲ୍ଲା ଶିକ୍ଷା ଅଧିକାରୀମାନେ ପରବର୍ତ୍ତୀ ସମୟରେ ରାଜନୈତିକ ଚାପରେ ଏହି ରିପୋର୍ଟକୁ ବଦଳାଇ ପଞ୍ଚାୟତର ଯୋଗାଯୋଗ ନଥିବା କଣାସ ଗ୍ରାମ ବରକେରାଠାରେ ଏହାର ଶୁଭ ଦେଇଛନ୍ତି, ଯାହାକୁ ପିପିଲି ବିଧାୟକ ଓ ପୁରୀ ଲୋକସଭା ସାଂସଦ ଉଦ୍‌ଘାଟନ କରିଛନ୍ତି। ଏହି ବିଷୟରେ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶିକ୍ଷାଧିକାରୀ ଓ ବିଧାୟକଙ୍କୁ ସାକ୍ଷାତ କରି ସଠିକ ତଥ୍ୟ ଉପସ୍ଥାପନ କରାଯାଇଥିଲେ ମଧ୍ୟ ସେ କିଛି ଜାଣିନାହାନ୍ତି ବୋଲି କହୁଛନ୍ତି। ଏମିତିକି ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ମେଲ୍ ମାଧ୍ୟମରେ ବାରମ୍ବାର ଅଭିଯୋଗ କରାଯାଇଛି। ପ୍ରଶାସନର ଏହି ଜିଦ୍ ଯୋଗୁଁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାକୁ ଯାଉଥିବାରୁ ଗତ ୮/୬/୨୦୨୬ ରିଖରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେହି ସମୟରେ ଅତିରିକ୍ତ ଜିଲ୍ଲାପାଳ, ଡେଲାଙ୍ଗ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବି.ଇ.ଓ) ଏବଂ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଆସି ଦୁଇ ଦିନ ମଧ୍ୟରେ ପୁନଃ ସମୀକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନର ବାଟ ବାହାରିନାହିଁ। ଏହାର ପ୍ରତିବାଦରେ କ୍ରିୟାନୁଷ୍ଠାନ କମିଟି, ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟମାନେ ସାଧାରଣ ସଭାରେ ଦୃଢ଼ ନିଷ୍ପତ୍ତି ନେଇଛନ୍ତି ଯେ ଆସନ୍ତା ୧୯ ତାରିଖ ପୂର୍ବାହ୍ନ ୯ଟାରେ କଣାସ-ଡେଲାଙ୍ଗର ମୁଖ୍ୟ ରାସ୍ତାର ମୁନିନ୍ଦା ଛକଠାରେ ଆବାଳ ବୃଦ୍ଧ ବନିତା ସମ୍ପୂର୍ଣ୍ଣ ପଥ ଅବରୋଧ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ସରକାରଙ୍କ ସଫଳତା ସମ୍ପର୍କିତ ବୁଦ୍ଧିଜୀବୀ ସମ୍ମିଳନୀ

**କଣ୍ଟିଲୋ, ୧୭।୬/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ବାର ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ କାଳରେ ହୋଇଥିବା ବିକାଶ ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ଭବ୍ୟ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ବିଶ୍ୱାସର ବିକାଶ ଓ ଜନକଲ୍ୟାଣ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପ୍ରଭାରୀ ସୁରତ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରିବ କଲ୍ୟାଣ, ଭିତ୍ତିଭୂମିର ବିକାଶ ଏବଂ ସାମାଜିକ ସୁରକ୍ଷା କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସରକାରଙ୍କ ନୀତି ଓ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ସଠିକ ଭାବେ ପହଞ୍ଚାଇବା ଦିଗରେ ବୁଦ୍ଧିଜୀବୀମାନଙ୍କ ମାର୍ଗଦର୍ଶନର ଗୁରୁତ୍ୱ ସମ୍ପର୍କରେ ସେ ଉପସ୍ଥିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ସମ୍ମିଳନୀରେ ସ୍ଥାନୀୟ ବିଧାୟକ ତଥା ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ (ମଣ୍ଡଳ) ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତେବେ ଅଧିକାଂଶ ପ୍ରତିଶ୍ରୁତି କଣ୍ଟିଲୋରେ କାର୍ଯ୍ୟକାରୀ ହୋଇନଥିବାରୁ ଉପସ୍ଥିତ ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିବା ସହ ଅଭିଯୋଗ ଉଠାଇଥିଲେ। ବୁଦ୍ଧିଜୀବୀଙ୍କ ଅଭିଯୋଗକୁ ସମ୍ମାନ ଜଣାଇ ସ୍ୱତନ୍ତ୍ର ଭାବେ କଣ୍ଟିଲୋର ମୌଳିକ ଦାବି ସମ୍ପର୍କରେ ଅଳ୍ପ ଦିନ ମଧ୍ୟରେ ଆଲୋଚନା କରିବାକୁ ମାନ୍ୟବର ବିଧାୟକ ଶ୍ରୀ ସ୍ୱାଇଁ ନିଜର ସହମତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଖଣ୍ଡପଡ଼ା ବିଜେପି ତରଫରୁ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣିଙ୍କ ସହିତ ହରିହର ନାୟକ, ପବିତ୍ର କୁମାର ମହାରଣା, ଦଣ୍ଡପାଣି ସାହୁ ଏବଂ ଅନ୍ତର୍ଯ୍ୟାମୀ ସାହୁଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବିଦ୍ୟାଳୟ ତାଲା ଭାଙ୍ଗି ଚାଉଳ ଚୋରି

**ଡେଲାଙ୍ଗ, ୧୭।୬/ଏନ୍ଏନ୍ଏସ୍:** ଡେଲାଙ୍ଗ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଥିବା ନେଇ ସ୍ଥାନୀୟ ପୁଲିସ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ ଚରଣ ସାହୁ ଏହି ଅଭିଯୋଗ ଦାୟର କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରୀଷ୍ମକାଳୀନ ଛୁଟି ଶେଷ ହେବାକୁ ଥିବାରୁ ଏବଂ ଆସନ୍ତା ୧୮ ତାରିଖରେ ବିଦ୍ୟାଳୟ ପୁନଃ ଖୋଲିବାକୁ ଥିବାରୁ ବିଦ୍ୟାଳୟ ପରିସର ସଫେଇ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଶିକ୍ଷକମାନେ ସେଠାକୁ ଯାଇଥିଲେ। ଏହି ସମୟରେ ମଧ୍ୟାହ୍ନ ଭୋଜନ ଚାଉଳ ରଖାଯାଉଥିବା ଗୃହର ତାଲା ଭଙ୍ଗା ଯାଇଥିବା ଏବଂ ଚାଉଳ ତଳେ ପଡ଼ିଥିବାର ଦେଖିବାକୁ ମିଳିଥିଲା। ସେଠାରେ ଗଚ୍ଛିତ ଥିବା ସମୁଦାୟ ୧୦ ପ୍ୟାକେଟ୍ (୫ କ୍ୱିଣ୍ଟାଲ) ଚାଉଳ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡ଼ିଥିଲା। ଏହି ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଡେଲାଙ୍ଗ ବ୍ଲକ୍ ଶିକ୍ଷା ବିଭାଗକୁ ତୁରନ୍ତ ଅବଗତ କରାଯିବା ସହ ଶିକ୍ଷକ ଶ୍ରୀ ସାହୁ ପୁଲିସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ବାଦୀପାଲା ମହୋତ୍ସବରେ କଳାକାରଙ୍କୁ ସମ୍ବର୍ଦ୍ଧନା



**କଟକ, ୧୭।୬/ଏନ୍ଏନ୍ଏସ୍:** କଟକର ପୋପରଡାସ୍ଥିତ ପ୍ରସିଦ୍ଧ ମା' ବୁଢ଼ୀ ଜାଗୁଳାଇ ପୀଠରେ ଚାଲିଥିବା ୧୫୪ତମ ରଜୋତ୍ସବର ତୃତୀୟ ଦିବସରେ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଲୋକଗୀତ ଏବଂ ନୃତ୍ୟର ବ୍ୟାପକ ପ୍ରଚାର ପ୍ରସାର କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ କାଠଯୋଡି ସାହିତ୍ୟ ସଂସଦ ତରଫରୁ ପାଲା ଗାୟକ ତତ୍ତ୍ୱଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ ଏବଂ ତତ୍ତ୍ୱବାରିଧି ଜୟଚନ୍ଦ୍ର ବଡ଼ଦଳାଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂସଦର ସଭାପତି ପ୍ରମୋଦ ପ୍ରଧାନ ଏବଂ ସମ୍ପାଦକ ବାବାଜୀ ଚରଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ, ରବି ରାଉତରାୟ, ଦୁର୍ଯ୍ୟୋଧନ ବେହେରା, ଗଦାଧର ପ୍ରଧାନ ଓ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ଏଥିସହିତ ସରକାରୀ ଅଧିକାରୀ କାଶୀନାଥ ଜେନା, ବିଶିଷ୍ଟ ବ୍ୟକ୍ତି ଦେବେନ୍ଦ୍ର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ପାଲାପ୍ରେମୀ, ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ କାର୍ଯ୍ୟକ୍ରମରେ ଯୋଗଦେଇ ମହୋତ୍ସବର ମାହୋଲକୁ ଆହୁରି ଆଧ୍ୟାତ୍ମିକ ଓ ଉତ୍ସବମୁଖର କରିଥିଲେ।

# ଆଞ୍ଚଳିକ ରଜ ଉତ୍ସବ ଉଦ୍‌ଯାପିତ

## କୃତୀ ଛାତ୍ରଛାତ୍ରୀ ଓ ପ୍ରତିଯୋଗୀ ପୁରସ୍କୃତ

**କଣ୍ଟାପଡ଼ା, ୧୭।୬/ଏନ୍ଏନ୍ଏସ୍:** ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସୀୟ ଆଞ୍ଚଳିକ ରଜ ଉତ୍ସବ ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ପ୍ରାକ୍ତନ ପ୍ରଫେସର (ଅଧ୍ୟାପକ) ଓ ବିଭାଗୀୟ ମୁଖ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ଆର୍ତ୍ତବନ୍ଧୁ ପାତ୍ର, ପ୍ରାଚୀ ଉପତ୍ୟକାର ଗବେଷକ ହସନାଥ ସାହୁ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ହୃଦାନନ୍ଦ ସାହୁ ଓ ରବିନାରାୟଣ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଣ୍ଟାପଡ଼ା ବ୍ଲକର ମାଟ୍ରିକ୍ ଟପ୍ପର୍) ଦେବ ପ୍ରିୟା ସାହୁ, ଜ୍ୟୋସ୍ନାରାଣୀ ମିଶ୍ର, ଅନନ୍ୟା ମହାରଣା, ସ୍ୱାତୀ ପ୍ରିୟଦର୍ଶିନୀ ପାତ୍ର, ଗାୟତ୍ରୀ ବେଉରା, ସୋନାଲି ଆଚାର୍ଯ୍ୟ ଏବଂ ରାଜ୍ୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ସନ୍ତୋଷୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅନ୍ୟତମ ଟପର ସ୍ମୃତିରେଖା ରାଉତରାୟ, ଯୁକ୍ତ ଦୁଇ କଳାର ଟପ୍ପର ଲିପିକା ରଣା, ଗୋପବନ୍ଧୁ ନୋଡାଲ ବିଦ୍ୟାମନ୍ଦିରର ଅଷ୍ଟମ ଶ୍ରେଣୀ ଟପର ପ୍ରୟାସ ଜେନା ଓ ନବମ ଶ୍ରେଣୀ ଟପର ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପୋଡ଼ପିଠା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ପ୍ରଣତି ଭୋଳଙ୍କୁ ବୃହତ ବାୟୁ ଶୀତଳକ ଯନ୍ତ୍ର (ଏୟାର କୁଲର), ଦ୍ୱିତୀୟ ସ୍ଥାନ ପାଇଁ ରୁନୁବାଳା ରାଉତରାୟଙ୍କୁ ଆଲୋକିତ ଛାତ ପଙ୍ଖା (ସିଲିଂ ଫ୍ୟାନ) ଏବଂ ତୃତୀୟ ସ୍ଥାନ ପାଇଁ ଯୋଜନାଗନ୍ଧା ମହାନ୍ତିଙ୍କୁ ମିଶ୍ରଣ ଗୁଣ୍ଡକାରୀ ଯନ୍ତ୍ର (ମିକ୍ସର ଗ୍ରାଇଣ୍ଡର) ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା। ସେହିପରି ପୁଞ୍ଚି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରିୟଦର୍ଶିନୀ ଓଝା, ବର୍ଷା ରାଣୀ ପରିଡ଼ା, ଦେବସ୍ମିତା ଭୋଇ; ମୁରୁଜ ପ୍ରତିଯୋଗିତାରେ ସିଦ୍ଧେଶ୍ୱର ରାଉତରାୟ, ସୌମ୍ୟା ପରିଡା, ସୌଭାଗ୍ୟ ରଞ୍ଜନ ଦାସ; ହୁଳହୁଳିରେ ପୁଷ୍ପାଞ୍ଜଳି ନନ୍ଦ, ମିନତୀ ଷଡ଼ଙ୍ଗୀ, ରଞ୍ଜିତା ବେହେରା; ଶଙ୍ଖଧ୍ୱନିରେ ସୌମ୍ୟା ପରିଡା, ସିଦ୍ଧେଶ୍ୱର ରାଉତରାୟ, ପରମେଶ୍ୱର ଦାସ; ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ରଶ୍ମିରେଖା ରାଉତରାୟ, ଏଲିନା ପାତ୍ର, ଲକ୍ଷ୍ମୀପ୍ରିୟା ଓଝା; ସଂଗୀତରେ ପ୍ରୟାସ ଆଚାର୍ଯ୍ୟ, ଅଲିଭା ରାଉତରାୟ, ଯୋଜନାଗନ୍ଧା ମହାନ୍ତି ଓ କ୍ଷେତ୍ରମଣୀ ଆଚାର୍ଯ୍ୟ କୃତୀ ପ୍ରତିଯୋଗୀ ବିବେଚିତ ହୋଇଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିରେନ ଆଚାର୍ଯ୍ୟ, ରଣଜିତ ରାଉତରାୟ, କିଶୋର ପାତ୍ର, ସ୍ୱଦେଶ ରଞ୍ଜନ ପାତ୍ର, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଗଗନ ରାଉତ, ପୁନାନନ୍ଦ ପାତ୍ର, ପରମେଶ୍ୱର ଦାସ, ଦୀପକ ଆଚାର୍ଯ୍ୟ, ବିଶ୍ୱ ରଂଜନ ରାଉତ, ଅଭିଜିତ ଆଚାର୍ଯ୍ୟ, ଅମ୍ବିକା ପ୍ରସାଦ ଆଚାର୍ଯ୍ୟ, ସୁବ୍ରତ ଆଚାର୍ଯ୍ୟ, ଶ୍ରୀମନ୍ତ ଆଚାର୍ଯ୍ୟ ଏବଂ ଉପେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସମ୍ପୂର୍ଣ୍ଣ ସହାୟତା କରିଥିଲେ। ଶେଷରେ ମନମୋହନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ସଫଳତାର ସହ ମଞ୍ଚ ପରିଚାଳନା କରିଥିଲେ।

ମାଓବାଦୀ ଡମ୍ପ ଠାବ

# ବିପୁଳ ଅସ୍ତ୍ରଶସ୍ତ୍ର ଜବତ



**କନ୍ଧମାଳ,ଫୁଲବାଣୀ, ୧୭।୬/ଏନ୍ଏନ୍ଏସ୍:** ଗତ ମାର୍ଚ୍ଚ ୩୧ ତାରିଖରୁ କନ୍ଧମାଳ ଜିଲ୍ଲାକୁ ମାଓମୁକ୍ତ ଘୋଷଣା କରାଯାଇଛି । ତେବେ ଜିଲ୍ଲାରେ ମାଓ କାର୍ଯ୍ୟକଳାପର ପୁନରାବୃତ୍ତିକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଅଭିଯାନ ଜାରୀ ରହିଛି । ଏହି ପରିପ୍ରେକ୍ଷୀରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ମିଳୁଥିବା ସୂଚନା ଏବଂ ଗୁଇନ୍ଦା ତଥ୍ୟ ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ କରି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରୁଛି । ବୁଧବାର ସ୍ଥାନୀୟ ପୁଲିସ ରିଜର୍ଭ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଦେଇଥିବା ସୂଚନା ଅନୁଯାୟୀ, ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ବାଲିଗୁଡା, କୋଟଗଡ, ତୁମୁଡିବନ୍ଧ ଥାନା ଅଧିନ ସୀତାଗୁଡା, ଗଂଜୁଗୁଡା, କୁଟିବାରି, ଗୁଡ୍ରିକିଆ, ଲାଞ୍ଜାମ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ କରା ଯାଇଥିଲା । ଏହି ଅପରେସନ ବେଳେ କୋଟଗଡ ଅଞ୍ଚଳରେ ଜଙ୍ଗଲ ଭିତରେ ଲୁଚାଇ ରଖା ଯାଇଥିବା ଗୋଟିଏ ୩୦୩ ରାଇଫଲ, ୨ଟି ୧୨ ବୋର ବନ୍ଧୁକ, ଦୁଇଟି ସିଙ୍ଗିଲ ସଟ୍ ବନ୍ଧୁକ, ଗୋଟିଏ ୮ ଏମ୍ଏମ୍ ବନ୍ଧୁକ, ଡିଟୋନେଟେର, ଗୁଳି ସମେତ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା । ବୋମା ନିଷ୍କ୍ରିୟ ଦଳ ପହଞ୍ଚି ତଦାରଖ କରିବା ପରେ ଏସବୁ ସାମଗ୍ରୀ ଜବତ କରାଯାଇଥିଲା । ଗତ ୧୧ ତାରିଖରେ ବାଲିଗୁଡା ଅଞ୍ଚଳରୁ ବିପୁଳ ପରିମାଣରେ ଏଭଳି ସାମଗ୍ରୀ ଜବତ ହୋଇଥିବା ବେଳେ ଏବେ ପୁଣି କୋଟଗଡ ଥାନା ଅଞ୍ଚଳରେ ଏଭଳି ଡମ୍ପ ଠାବ ହୋଇଛି । ସୂଚନାଯୋଗ୍ୟ, ୨୦୨୫ ଜାନୁଆରୀରୁ ୨୦୨୬ ମାର୍ଚ୍ଚ ୩୧ ମଧ୍ୟରେ ୨୫ ଡିସେମ୍ବରରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ସମେତ ୧୦ ଜଣ ମାଓବାଦୀ ସୁରକ୍ଷା ବାହିନୀଙ୍କ ଗୁଳିରେ ନିହତ ହେବା ସହ ରାଜ୍ୟ କମିଟି ସଦସ୍ୟ ସୁକ୍ରୁ ଏବଂ ନିତୁଙ୍କ ସମେତ ୨୪ ଜଣ ମାଓବାଦୀ ପୁଲିସ ପାଖରେ ଆତ୍ମ ସମର୍ପଣ କରିଥିଲେ । ଆଗାମୀ ଦିନରେ ମାଓବାଦୀ କାର୍ଯ୍ୟପଳାପକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଏସ୍ଓଜି, ଡିଭିଏଫ, ସିଆରପିଏଫ, ବିଏସ୍ଏଫ ଯବାନଙ୍କ ଦ୍ୱାରା ନିୟମିତ ଭାବେ କମ୍ବିଂ ଏବଂ ସର୍ଚ୍ଚ ଅପରେଶନ ରହିଛି ବୋଲି ଏସ୍ପି କହିଛନ୍ତି ।

ଓଡ଼ିଶାରେ ସିଙ୍ଗାପୁର ହାଇକମିଶନର

# ଓଡ଼ିଶା-ସିଙ୍ଗାପୁର ସହଭାଗିତା ହେବ ଅଧିକ ସୁଦୃଢ଼





**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଓଡ଼ିଶା-ସିଙ୍ଗାପୁର ସହଭାଗିତା ହେବ ଅଧିକ ସୁଦୃଢ଼ । ସିଙ୍ଗାପୁର ଆମର ଏକ ସ୍ୱାଭାବିକ ପାର୍ଟନର୍ । ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଗଠନ ହେବ ଏକ ସୁବ୍ୟବସ୍ଥିତ ମେକାନିଜିମ୍ । ଫଳରେ 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲ ସମ୍ଭବ ହେବ ।

ବୁଧବାର ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଲୋକସେବା ଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକ ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି ।

ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ । ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଛନ୍ତି । ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା । ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ୮ଟି ବୁଝାମଣାପତ୍ରର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁରର ନିବେଶ ତଥା ବିଭିନ୍ନ ପାର୍ଟନରସିପ୍‌ର ସଫଳତା ପାଇଁ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ରାଜ୍ୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ ବୋଲି ସ୍ପଷ୍ଟ କରିଛନ୍ତି ।

> **ନିବେଶ ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ଖୁବ୍‌ଶୀଘ୍ର ସୁବ୍ୟବସ୍ଥିତ ମେକାନିଜିମ୍**
>
> **ଲକ୍ଷ୍ୟ ହାସଲରେ ସିଙ୍ଗାପୁର ଆମର ସ୍ୱାଭାବିକ ପାର୍ଟନର୍ : ମୁଖ୍ୟମନ୍ତ୍ରୀ**
>
> **ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ: ସାଇମନ୍**

ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି । ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ।

ଅପରପକ୍ଷରେ ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ । ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ମିଳିତ ଭାବେ କାର୍ଯ୍ୟ କରାଯିବ ।

ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ସିଙ୍ଗାପୁର ପକ୍ଷରୁ ହାଇକମିଶନରଙ୍କ ସହ ମୁମ୍ବାଇର କନସୁଲ୍-ଜେନେରାଲ୍ ଚଙ୍ଗ୍ ମିଙ୍ଗ୍ ଫୁଙ୍ଗ୍ ଏବଂ ହାଇକମିଶନର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଜଳସମ୍ପଦ ବିଭାଗ ସମ୍ପର୍କରେ ରାଜ୍ୟପାଳଙ୍କ ଆଲୋଚନା

# ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାରକୁ ଗୁରୁତ୍ୱ



**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ସୌରଚାଳିତ ପମ୍ପର ବ୍ୟାପକ ବ୍ୟବହାର ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ବୁଧବାର ଲୋକ ଭବନର ନ୍ୟୁ ଅଭିଷେକ ହଲ ଠାରେ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ଅବସରରେ ରାଜ୍ୟପାଳ ଏପରି ଗୁରୁତ୍ୱ ଆରୋପ କରିଛନ୍ତି । ସୌରଶକ୍ତିଚାଳିତ ଜଳସେଚନ ପମ୍ପର ବ୍ୟାପକ ବ୍ୟବହାର କୃଷକମାନଙ୍କ ଜମିରେ ଜଳସେଚନ ଖର୍ଚ୍ଚ ହ୍ରାସ କରିବା ସହ ସେମାନଙ୍କ ଆୟ ବୃଦ୍ଧି କରିବ ଏବଂ ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ରାଜ୍ୟପାଳ କହିଛନ୍ତି । କୃଷକମାନଙ୍କ ମଧ୍ୟରେ ସୌରଚାଳିତ ଜଳସେଚନ ବ୍ୟବସ୍ଥାର ପ୍ରଚାର ଓ ପ୍ରସାର ପାଇଁ ଅଧିକାରୀମାନଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କହିଥିଲେ ଯେ, ଏହି ବ୍ୟବସ୍ଥା ମାଧ୍ୟମରେ ଉତ୍ପାଦିତ ଅତିରିକ୍ତ ବିଦ୍ୟୁତକୁ ଗ୍ରିଡ୍‌କୁ ଯୋଗାଇ ଦିଆଯାଇପାରିବ ଏବଂ ଏହା କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଏକ ଉତ୍ସ ସୃଷ୍ଟି କରିବା ସହ ସ୍ଥାୟୀ କୃଷି ଓ ସ୍ୱଚ୍ଛ ଶକ୍ତି ପଦକ୍ଷେପକୁ ସୁଦୃଢ଼ କରିବ । ପିଏମ୍-କୁସୁମ ଯୋଜନା ସଂପର୍କରେ ଉଲ୍ଲେଖ କରି ବିଭାଗର ସଚେତନତା ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ପାରମ୍ପରିକ ବିଦ୍ୟୁତଚାଳିତ ପମ୍ପ ପରିବର୍ତ୍ତେ ସୌରଚାଳିତ ପମ୍ପ ବ୍ୟବହାରକୁ ବ୍ୟାପକ କରିବା ପାଇଁ ଉପଯୁକ୍ତ ରଣନୀତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ବୈଠକରେ ବିଭାଗୀୟ ଅଧିକାରୀମାନେ ଜଳ ସଂପଦ ବିଭାଗର କାର୍ଯ୍ୟାବଳୀ, ଭୂପୃଷ୍ଠ ଓ ଭୂତଳ ଜଳ ସମ୍ପଦ, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଭୂତଳ ଜଳ ବିକାଶ, କମାଣ୍ଡ ଏରିଆ ବିକାଶ, ବର୍ଷାଶ୍ରୀ ଜଳସେଚନ ସଫଳତା, ସୃଷ୍ଟି ହୋଇଥିବା ଓ ପ୍ରସ୍ତାବିତ ସେଚନ କ୍ଷମତା, ଭିତ୍ତିଭୂମି ବିକାଶ ପଦକ୍ଷେପ, ଜଳବାୟୁ ସହନଶୀଳ ବ୍ୟବସ୍ଥା, ୨୦୪୭ ରୋଡମ୍ୟାପ୍ ଏବଂ ଭବିଷ୍ୟତ ଯୋଜନା ସମ୍ପର୍କରେ ବିସ୍ତୃତଭାବେ ଉପସ୍ଥାପନ କରିଥିଲେ । ରାଜ୍ୟ ବଜେଟ୍‌ରେ ଜଳ ସମ୍ପଦ ବିଭାଗ ପାଇଁ ୧୪,୫୦୦ କୋଟି ଟଙ୍କା ବ୍ୟୟବରାଦ କରିଥିବାରୁ ରାଜ୍ୟପାଳ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ । ରାଜ୍ୟପାଳ କହିଥିଲେ ଯେ, ଏହା ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ କୃଷକମାନଙ୍କ ପାଇଁ ଜଳ ନିରାପତ୍ତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ଦ୍ଧିତ ବ୍ୟୟବରାଦ ବିଭାଗକୁ ତାହାର କାର୍ଯ୍ୟକ୍ରମଗୁଡ଼ିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟର ଜଳସେଚନ ନେଟୱର୍କର ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । ଜଳସେଚନ ବ୍ୟବସ୍ଥାର ଟେଲ୍-ଏଣ୍ଡ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ କୃଷିଜମିକୁ ପର୍ଯ୍ୟାପ୍ତ ଜଳ ପହଞ୍ଚି ନପାରେ, ସେଠାରେ ମତ୍ସ୍ୟଚାଷର ସମ୍ଭାବନା ଅନ୍ୱେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏପରି ପଦକ୍ଷେପ କୃଷକମାନଙ୍କ ପାଇଁ ଅତିରିକ୍ତ ଆୟର ଉତ୍ସ ସୃଷ୍ଟି କରିବା ସହ ଗ୍ରାମୀଣ ଜୀବିକା ବିକାଶର ଏକ ଉତ୍ତମ ମଡେଲ୍ ହୋଇପାରିବ ବୋଲି ସେ କହିଥିଲେ । ମତ୍ସ୍ୟଚାଷ ବିକାଶ ମୁଖ୍ୟତଃ ମତ୍ସ୍ୟ ବିଭାଗର ଅଧୀନରେ ଥିଲେ ମଧ୍ୟ, ଜଳ ଉପଲବ୍ଧତା ସୁନିଶ୍ଚିତ କରି ଜଳ ସମ୍ପଦ ବିଭାଗ ଏଥିରେ ସହାୟକ ଭୂମିକା ନିଭାଇପାରିବ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଆଲୋଚନା ସମୟରେ ରାଜ୍ୟପାଳ ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ସଂରଚନା, ବୃହତ୍ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ସେଗୁଡ଼ିକର ସେଚନ କ୍ଷମତା ସମ୍ପର୍କରେ ଅବଗତ ହୋଇଥିଲେ । ରାଜ୍ୟପାଳ ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ବିଭାଗର ପ୍ରୟାସକୁ ପ୍ରଶଂସା କରିବା ସହ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ହାତକୁ ନିଆଯାଇଥିବା ଜଳସେଚନ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ ହେବା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ କହିଥିଲେ ଯେ, ଏହା ଦ୍ୱାରା କୃଷକ ଓ ଗ୍ରାମୀଣ ଗୋଷ୍ଠୀ ମାନେ ସର୍ବାଧିକ ଲାଭ ପାଇପାରିବେ । ଏହି ବୈଠକରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ଲୋକସେବା ଭବନର ଅଧିକାରୀ ଉପସ୍ଥିତ ଥିଲେ ।

# ଭତ୍ତା ସମସ୍ୟାର ହେଲା ସମାଧାନ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଭତ୍ତା ସମସ୍ୟାର ହେଲା ସମାଧାନ । ଏନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ହିତାଧିକାରୀଙ୍କ ପାଖକୁ ଭତ୍ତା ରାଶି ପହଞ୍ଚିଲାଣି । ଖୁବ୍ ଶୀଘ୍ର ସମସ୍ତଙ୍କୁ ବକେୟା ଭତ୍ତା ରାଶି ମିଳିଯିବ । ଦେଶରେ ସବୁ ରାଜ୍ୟରେ ଏହି ସମସ୍ୟା ଥିଲା । ପୋର୍ଟାଲ ସମସ୍ୟା ପାଇଁ ଏପରି ଅସୁବିଧା ହୋଇଥିଲା । ଏବେ ସ୍ଥିତିର ସୁଧାର ଆସିଛି । ଭତ୍ତା ମିଳିବା ଆରମ୍ଭ ହୋଇଛି । ଧୀରେ ଧୀରେ ସମସ୍ତଙ୍କୁ ଭତ୍ତା ରାଶି ମିଳିଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

ସୂଚନା ଥାଉକି, ରାଜ୍ୟରେ ବିଭିନ୍ନ ସ୍ଥାନରେ ଭତ୍ତା ସମସ୍ୟା ନେଇ ଉତ୍ତେଜନା ଲାଗି ରହିଥିଲା । ପୋର୍ଟାଲ ସମସ୍ୟା ପାଇଁ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁନଥିଲା । ଗରିବ ବୃଦ୍ଧ ବୃଦ୍ଧାର ବାରମ୍ବାର ବ୍ଲକ ଓ ପୌର କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ।

# ଭୁବନେଶ୍ୱର ଉପକଣ୍ଠରେ ଯୁବକଙ୍କୁ ହତ୍ୟା

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉପକଣ୍ଠ ପାହାଳ ଥାନା ଭୀମପୁରରେ ଜଣେ ଯୁବକଙ୍କୁ ହତ୍ୟାକରି ଭୀମପୁର କେନାଲ ପଠାରେ ଫିଙ୍ଗି ଦିଆଯିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି । ମୃତ ଯୁବକ ହେଲେ ପାହାଳ ଥାନା ଅନନ୍ତପୁର ଗ୍ରାମର ପ୍ରଭାତ ବେହେରା । ହତ୍ୟାକାଣ୍ଡ ପଛର କାରଣ ଅସ୍ପଷ୍ଟ ରହିଛି । ପ୍ରଭାତଙ୍କ ମୁଣ୍ଡ ଓ ମୁହଁରେ ଏକାଧିକ ଜାଗାରେ ଗଭୀର କ୍ଷତ ଚିହ୍ନ ରହିଛି । ମୃତଦେହ ପାଖରୁ ଏକ ପ୍ଲାଷ୍ଟିକ ପାଇପ ଓ ଭଙ୍ଗା ମଦ ବୋତଲ ମିଳିଛି । ତା'ଠୁ କିଛି ଦୂରରେ ପ୍ରଭାତଙ୍କ ସ୍କୁଟି ପଡ଼ିଥିଲା । ଘଟଣାସ୍ଥଳରେ ପାହାଳ ଥାନାର ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛି । ପ୍ରଭାତଙ୍କ ମା' ଓ ଭାଇ କହିଛନ୍ତି ମଙ୍ଗଳବାର ରାତି ୧୨ଟା ବେଳେ ତାଙ୍କୁ ବାଲି ଓ ଚିପ୍ସ ବ୍ୟବସାୟୀ ଟେନିସ ପାତ୍ର ଘରୁ ଡାକି ନେଇଥିଲେ । ପରେ ପ୍ରଭାତଙ୍କ ଫୋନ୍ ଲାଗି ନଥିଲା । ସକାଳେ କେନାଲ ନିକଟରୁ ତାଙ୍କ ମୃତଦେହ ମିଳିଥିଲା । ଟେନିସ ପାତ୍ର ହିଁ ପ୍ରଭାତଙ୍କୁ ମଦ ପିଆଇ ହତ୍ୟା କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ପ୍ରଭାତଙ୍କ ସହିତ ଟେନିସ ପାତ୍ରଙ୍କର ପୂର୍ବରୁ ଅନେକ ଥର ପାଟିତୁଣ୍ଡ ହୋଇଥିଲା । ସୂଚନା ଅନୁଯାୟୀ, ପରିବାର ଲୋକେ ପ୍ରଭାତଙ୍କୁ ଟେନିସଙ୍କ ପାଖରେ କାମ ନ କରିବାକୁ କହିଥିଲେ । ଯେହେତୁ ଟେନିସ ପାତ୍ରଙ୍କ ପାଖରେ ପ୍ରଭାତଙ୍କ ବାକି ପଇସା ରହିଥିଲା, ତାହାକୁ ମାଗିବା ସମୟରେ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ । ତେବେ ଏହି ଘଟଣାରେ ୨ ଜଣଙ୍କୁ ପୁଲିସ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଟେନିସ ପାତ୍ର ଏବଂ ତାଙ୍କ ଭାଇ ପ୍ରୀତିଶ ପାତ୍ର ।

ପର୍ଯ୍ୟଟନସ୍ଥଳୀର ବିକାଶ ପ୍ରସଙ୍ଗ

# 'ମିଶନ୍-ମୋଡ୍'ରେ ଆଗକୁ ବଢ଼ିବାକୁ ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା 'ଓଡ଼ିଶାରେ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀର ବିକାଶ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳାରେ ଅଧ୍ୟକ୍ଷତା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନା 'ଏକ ରାଜ୍ୟ - ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ' ଅଧୀନରେ ପ୍ରତ୍ୟେକ ରାଜ୍ୟରେ ଅତିକମରେ ଗୋଟିଏ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟର ସଙ୍କଳ୍ପ ଅନୁଯାୟୀ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଏହି ଅବସରରେ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ଉଦ୍ୟୋଗିତା ବିକାଶ ଏବଂ ଆଞ୍ଚଳିକ ସମୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଏକ ପ୍ରମୁଖ ମାଧ୍ୟମ ସାଜିବାର ସମସ୍ତ ସାମର୍ଥ୍ୟ ରଖିଛି । ଓଡ଼ିଶାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉତ୍କୃଷ୍ଟ ସେବା ଓ ପର୍ଯ୍ୟଟକମାନଙ୍କୁ ଅନନ୍ୟ ଅନୁଭୂତି ପ୍ରଦାନ କରି ଆନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାମୂଳକ କରିବା ପାଇଁ ସମସ୍ତ ସଂଶ୍ଳିଷ୍ଟ ବିଭାଗ ମଧ୍ୟରେ ସମନ୍ୱୟ ଏବଂ ମିଳିତ ପ୍ରୟାସ ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି । ଉପ-ମୁଖ୍ୟମନ୍ତ୍ରୀ ସମସ୍ତ ସମ୍ପୃକ୍ତ ବିଭାଗକୁ ପର୍ଯ୍ୟଟନ ବିଭାଗ ସହିତ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ପାଇଁ 'ମିଶନ-ମୋଡ୍'ରେ ଆଗକୁ ବଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ପର୍ଯ୍ୟଟନର ଅଭିବୃଦ୍ଧି ସହ ପରିବେଶ ସଂରକ୍ଷଣ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣ ମଧ୍ୟରେ ସନ୍ତୁଳନ ରକ୍ଷା କଲାଭଳି ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳୀଭିତ୍ତିକ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି । ଏହି କର୍ମଶାଳା ଅବସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଦୁଇଟି ପ୍ରସ୍ତାବିତ ପର୍ଯ୍ୟଟନ ସ୍ଥଳୀ 'ପୁରୀ-କୋଣାର୍କ' ଏବଂ 'ହୀରାକୁଦ' ବିଷୟରେ ଉପସ୍ଥାପନା କରାଯାଇଥିଲା । ଜଗନ୍ନାଥ ସଂସ୍କୃତି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଓଡ଼ିଶାର ସମୁଦ୍ରକୂଳ, ଚିଲିକା ଏବଂ ରଘୁରାଜପୁର ଐତିହ୍ୟ ଗ୍ରାମକୁ କେନ୍ଦ୍ର କରି 'ପୁରୀ-କୋଣାର୍କ' ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ, ଆଧ୍ୟାତ୍ମିକ ଏବଂ ଉପକୂଳ ପର୍ଯ୍ୟଟନ ସ୍ଥଳୀ ଭାବେ ଉପସ୍ଥାପନା କରାଯାଇଥିଲା । ଅନ୍ୟପଟେ, ହୀରାକୁଦ ଜଳାଶୟ ଏବଂ ଦେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଭିତ୍ତି କରି 'ହୀରାକୁଦ'କୁ ଏକ ଉଚ୍ଚ ସମ୍ଭାବନାମୟ ଇକୋ-ଟୁରିଜିମ୍ (ପରିବେଶ ପର୍ଯ୍ୟଟନ), ଜଳ ପର୍ଯ୍ୟଟନ ଏବଂ ସାହସିକ ପର୍ଯ୍ୟଟନ ସ୍ଥଳୀ ଭାବରେ ଉପସ୍ଥାପନା କରାଯାଇଥିଲା । କର୍ମଶାଳାରେ ଯୋଗଦେଇଥିବା ପ୍ରତିନିଧିମାନେ ପର୍ଯ୍ୟଟନ ସ୍ଥଳୀର ଯୋଜନା ପ୍ରସ୍ତୁତି, 'ଡେଷ୍ଟିନେସନ ମ୍ୟାନେଜମେଣ୍ଟ ଅର୍ଗାନାଇଜେସନ' ପ୍ରତିଷ୍ଠା, ଭିତ୍ତିଭୂମି ବିକାଶ, ପର୍ଯ୍ୟଟକଙ୍କ ପରିଚାଳନା, ସ୍ଥାୟୀତ୍ୱ, ପ୍ରଶାସନିକ ଚୌହଦୀ, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ । ଓଡ଼ିଶା ପର୍ଯ୍ୟଟନ ନୀତି ଅଧୀନରେ ପର୍ଯ୍ୟଟନ ସୁବିଧା ସୁଯୋଗର ଉନ୍ନତି, ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, ପର୍ଯ୍ୟଟକଙ୍କ ଅନୁଭୂତିକୁ ସମୃଦ୍ଧ କରିବା ଏବଂ ଦାୟିତ୍ୱପୂର୍ଣ୍ଣ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । କର୍ମଶାଳାରେ ପର୍ଯ୍ୟଟନ ବିଭାଗର ସଚିବ ସଚିନ ରାମଚନ୍ଦ୍ର ଯାଦବ, ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ସହ ପୂର୍ତ୍ତ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଜଳସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ପରିବହନ, ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# 'ସୁଶାସନ ଓ ଫଳାଫଳଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କର'

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୁଶାସନ ଓ ଫଳାଫଳଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି । ଜନ ବିଶ୍ୱାସ ବିଲ୍-୨୦୨୬ ଓ ତ୍ୱରିତ ମୂଲ୍ୟାଙ୍କନ ବ୍ୟବସ୍ଥା ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନକୁ ଗୁରୁତ୍ୱାରୋପ କରାଯାଇଛି ।

ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଦ୍ରୁତ ଏବଂ ପ୍ରମାଣଭିତ୍ତିକ ମୂଲ୍ୟାଙ୍କନ ପାଇଁ "ରାପିଡ୍ ସର୍ଭେ ବେସ୍ଡ ଆସେସମେଣ୍ଟ" ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଇଥିଲେ । ଏହି ବ୍ୟବସ୍ଥା ଫଳରେ ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ତ୍ୱରିତ ମତାମତ ମିଳିବ, ଯାହା ଦ୍ୱାରା ତ୍ରୁଟି ଚିହ୍ନଟ, ମଧ୍ୟବର୍ତ୍ତୀ ସଂଶୋଧନ, ନୀତି ନିର୍ଦ୍ଧାରଣ ଏବଂ ଫଳାଫଳମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ।

ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗରେ ନିୟାମକ ସରଳୀକରଣ(ଡି-ରେଗୁଲେସନ) ମାଧ୍ୟମରେ ଅନାବଶ୍ୟକ ଅନୁମୋଦନ ଓ ପ୍ରକ୍ରିୟାଗତ ଜଟିଳତା ହ୍ରାସ କରିବା ଉପରେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା କରାଯାଇଥିଲା । ତତ୍ ସହିତ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ, ବକେୟା ଥିବା ସରକାରୀ ବିଦ୍ୟୁତ୍ ବିଲ ପୈଠ ସଂପର୍କରେ ସମୀକ୍ଷା କରାଯାଇଥିଲା ।

ଅନୁଗୋଳ ଜିଲ୍ଲାପାଳ ଅବଦ୍ଦାଲ ଏମ୍. ଅଖତର୍ "ବିକଶିତ ଅନୁଗୋଳ" ଲକ୍ଷ୍ୟକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ୨୬ ଟି ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ପ୍ରସ୍ତାବିତ ବୁଢାପଙ୍କରୁ ଭାୟା ତେନ୍ତୁଲାଇ ଦେଇ ଲୁବୁରୀ ପର୍ଯ୍ୟନ୍ତ ଦୀର୍ଘ ୧୧୨.୫୬ କିମି ପର୍ଯ୍ୟନ୍ତ ବାହ୍ୟ ରେଳ କରିଡର ଏବଂ ପୁତୁଗାଡ଼ିଆ ଠାରୁ ତେନ୍ତୁଲାଇ ପର୍ଯ୍ୟନ୍ତ ୫୦ କିମି ଦୀର୍ଘ ଆଭ୍ୟନ୍ତରୀଣ ରେଳ କରିଡରର ନିର୍ମାଣ ସଂପର୍କରେ ଆଲୋଚନା କରିଥିଲେ, ଯାହାକି ସଂଲଗ୍ନ ବିଭିନ୍ନ ଅଂଚଳରୁ କୋଇଲା ଓ ଖଣିଜ ପଦାର୍ଥ ସୁପରିବହନରେ ତଥା ପରୋକ୍ଷରେ ରାଜ୍ୟ ତଥା ଦେଶର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବ । ସେହିପରି ଏନଏଚ୍-୫୩ ଓ ଏନଏଚ୍-୧୪୯ର ଉନ୍ନତିକରଣ, ତାଳଚେର-ବିମଳାଗଡ଼ ରେଳ ସଂଯୋଗୀକରଣ , ଜାତୀୟ ଜଳପଥ-୫ର ବିକାଶ ସଂପର୍କିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଛି । ଜିଲ୍ଲାରେ ପ୍ରଭାବିତ ଅଂଚଳରେ ଖଣି ପ୍ରଭାବିତ ଅଂଚଳରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । ଆଗାମୀ ମାର୍ଚ୍ଚରୁ ଡିସେମ୍ବର ୨୦୨୭ ମଧ୍ୟରେ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ୫ ଟି ମେଗା ପାଇପ୍ ୱାଟର ପ୍ରକଳ୍ପ ସ୍ଥାପନ, ଆଲୁମିନିୟମ ପାର୍କର ସମ୍ପ୍ରସାରଣ, ପବିତ୍ରମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ଣ୍ଣ କାର୍ଯ୍ୟକ୍ଷମତା, ମାଲ୍ୟଗିରି-ରେଙ୍ଗାଲି-ମଞ୍ଜୋର ଇକୋ-ଟୁରିଜମ ସର୍କିଟ ଏବଂ ସାତକୋଶିଆକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଭଳି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଥିଲେ ।

# ୧୮ରୁ ୨୨ ମଧ୍ୟପ୍ରଦେଶ ଓ ଓଡ଼ିଶା ଗସ୍ତ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୭।୬/ଏନ୍ଏନ୍ଏସ୍:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୁନ୍ ୧୮ ରୁ ୨୨ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ଗସ୍ତ କରିବେ । ଜୁନ୍ ୧୮ ତାରିଖରେ, ରାଷ୍ଟ୍ରପତି ମଧ୍ୟପ୍ରଦେଶର ବେତୁଲଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ 'ଆଧ୍ୟାତ୍ମିକ ଜାଗରଣ ଜରିଆରେ ଆଦିବାସୀ ସମାଜର ସଶକ୍ତିକରଣ' କାର୍ଯ୍ୟକ୍ରମରେ ଯୋଗଦେବେ । ଜୁନ୍ ୧୯ ତାରିଖରେ ରାଷ୍ଟ୍ରପତି ମଧ୍ୟପ୍ରଦେଶର ଓଁକାରେଶ୍ୱରରେ ଅନ୍ତର୍ଜାତୀୟ ସିକଲ୍ ସେଲ୍ ଦିବସ ସମାରୋହରେ ଯୋଗଦେବେ । ସେହିଦିନ ଓଡ଼ିଶାର ରାଇରଙ୍ଗପୁରରେ, ରାଷ୍ଟ୍ରପତି ଏମ୍ସ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏକ ଚିକିତ୍ସା ଶିବିର, କୁସୁମି ବ୍ଲକ୍ ଅନ୍ତର୍ଗତ ଖଣି ପ୍ରଭାବିତ ଗ୍ରାମଗୁଡ଼ିକୁ ମେଗା ସମନ୍ୱିତ ଗ୍ରାମୀଣ ପାଇପ୍ ଜଳ ଯୋଗାଣ, ବ୍ରହ୍ମାକୁମାରୀମାନଙ୍କ ମାତୃଶକ୍ତି ଭବନ, ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଏବଂ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ଉଦଘାଟନ କରିବେ । ଜୁନ୍ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାହାଡ଼ପୁରର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ । ସେମାନେ ପାହାଡ଼ପୁରର ସ୍କୁଲ ଏବଂ ଦକ୍ଷତା କେନ୍ଦ୍ର ବୁଲି ଦେଖିବା ସହିତ ହିତାଧିକାରୀ/ପିଲାମାନଙ୍କ ସହିତ ଭାବ ବିନିମୟ କରିବେ । ପରେ, ସେମାନେ ରାଇରଙ୍ଗପୁରରେ ଏକ ଜନସଭାରେ ଯୋଗଦେବେ । ଜୁନ୍ ୨୧ ତାରିଖରେ ରାଷ୍ଟ୍ରପତି ମଧ୍ୟପ୍ରଦେଶର ଜବଲପୁରଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ସମାରୋହରେ ଯୋଗ ଦେବେ । ସେହି ଦିନ ସେ ଜବଲପୁରର ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବେ ।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ



**ବ୍ରହ୍ମପୁର,୧୭।୬/ଏନ୍ଏନ୍ଏସ୍:** ଦେଶପ୍ରେମ ଓ ମାନବ ସେବାର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ମୃତ୍ୟୁ ବାର୍ଷିକୀରେ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ଆଜି ସ୍ଥାନୀୟ ଗିରିରୋଡ ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତି ଚାରଣ ଅନୁଷ୍ଠିତ ହୋଇଯାଇଛି । ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ ପ୍ରତିମୂର୍ତ୍ତିରେ ଯଥା ମର୍ଯ୍ୟାଦାର ସହ ମାଲ୍ୟାର୍ପଣ କରିଥିଲା ବେଳେ ସମିତି ସମ୍ପାଦକ ଏସ୍. ସାମ୍ବାଶିବା ରାଓ ସ୍ମୃତି ଚାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ଗୋପବନ୍ଧୁଙ୍କ ତ୍ୟାଗ, ସଂଘର୍ଷ, ସେବା ଓ ରାଜନୀତି ଆମ ମାନଙ୍କ ମନରେ ଦେଶପ୍ରେମର ବହ୍ନି ସୃଷ୍ଟି କରୁଛି ବୋଲି ମଞ୍ଚ ସଭାପତି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଗୋପବନ୍ଧୁ ତାଙ୍କ ଜୀବନରେ ଅନେକ ଝଡ ଝଂଜା ର ସମ୍ମୁଖୀନ ହୋଇଛନ୍ତି । ଦରିଦ୍ର ଲୋକ ମାନଙ୍କ ସେବାରେ ନିଜକୁ ସଦା ଲୀନ କରିଦେଇଛନ୍ତି । ନିଜ ପରିବାର କଥା ମଧ୍ୟ ଭୁଲିଯାଇ ସେ ଦେଶ ମାତୃକା ସେବାରେ ନିଜ ଜୀବନକୁ ଝାସ ଦେଇଛନ୍ତି । ୧୯୨୮ ଜୁନ୍ ୧୭ ତାରିଖ ସତ୍ୟବାଦୀ ଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦେହାନ୍ତ ଘଟିଥିଲା । ତାଙ୍କ ସ୍ମୃତି ଚାରଣରେ ସମିତିର ଉପଦେଷ୍ଟା ଆର୍ ସତ୍ୟ ନାରାୟଣ ରାଓ, ଆଦିତ୍ୟ ନାରାୟଣ ରଥ, ଗୁଣନିଧି ବେହେରା, ବିଜୟ କୁମାର ପାଢ଼ୀ, ଜୟ କୃଷ୍ଣ ନାୟକ, ଅବନୀ ଗୟା ପ୍ରମୁଖ ଉପସ୍ଥିତ କରିଥିଲେ। ଶେଷରେ ସମିତି ସମ୍ପାଦକ ଏସ୍. ଶାମ୍ଭସିବା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

### ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀଙ୍କ ଦିନିକିଆ ଗଞ୍ଜାମ ଗସ୍ତ

# ଜିଲ୍ଲାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା

**ବ୍ରହ୍ମପୁର,୧୭।୬/ଏନ୍ଏନ୍ଏସ୍:** ଭାରତ ନିର୍ବାଚନ ଆୟୋଗର ବରିଷ୍ଠ ଉପ-ନିର୍ବାଚନ ଆୟୁକ୍ତ ଜ୍ଞାନେଶ ଭାରତୀ ଆଜି ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଗୋପାଳପୁର ସର୍କିଟ ହାଉସ୍‌ରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଭି. କୀର୍ତ୍ତି ଭାସନ ଜିଲ୍ଲାରେ ଚାଲିଥିବା ପରିଗଣନା ଫର୍ମ ବିତରଣ, ଡିଜିଟାଇଜେସନ କାର୍ଯ୍ୟ ଏବଂ ଏସ୍ଆଇଆର୍ ସମ୍ପର୍କିତ ବିଭିନ୍ନ ପଦକ୍ଷେପ ବିଷୟରେ ଉପ-ନିର୍ବାଚନ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୧୩ଟି ବିଧାନସଭା କ୍ଷେତ୍ରରେ ୩,୧୨୪ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଏବଂ ୩୧୧ ଜଣ ବିଏଲ୍ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସେହିପରି ୧୩ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ଓ ୭୯ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ସମଗ୍ର କାର୍ଯ୍ୟର ତଦାରଖ କରୁଛନ୍ତି। ଜିଲ୍ଲାରେ ମୋଟ ୨୯,୯୯,୭୮୨ ଜଣ ଭୋଟର ଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୯.୮୬ ପ୍ରତିଶତ ପରିଗଣନା ଫର୍ମ ଭୋଟରମାନଙ୍କ ନିକଟରେ ବିତରଣ




କରାଯାଇଛି। ଭୋଟରମାନେ ଫର୍ମର ଗୋଟିଏ କପି ନିଜ ପାଖରେ ରଖୁଥିବାବେଳେ ଅନ୍ୟ କପିଟି ପୂରଣ ଓ ସ୍ୱାକ୍ଷର କରି ବିଏଲ୍ଓଙ୍କୁ ପ୍ରଦାନ କରୁଛନ୍ତି। ବିଏଲ୍ଓମାନେ ଭୋଟରମାନଙ୍କୁ ଫର୍ମ ପୂରଣ ପ୍ରକ୍ରିୟାରେ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ସେହିପରି ଫର୍ମଗୁଡ଼ିକର ଡିଜିଟାଇଜେସନ କାର୍ଯ୍ୟ ଜିଲ୍ଲାରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧୮,୧୩,୨୧୫ଟି ଫର୍ମର ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୧,୪୬,୬୦୯ଟି ଫର୍ମକୁ ବିଏଲ୍ଓମାନେ ଯାଞ୍ଚ କରିସାରିଛନ୍ତି। ଜିଲ୍ଲାରେ ୬୦.୪୪ ପ୍ରତିଶତ ଫର୍ମର ଡିଜିଟାଇଜେସନ ହୋଇସାରିଥିବା ନେଇ ବୈଠକରୁ ଜଣାପଡିଛି। ସମୀକ୍ଷା ବୈଠକରେ ଉପ-ନିର୍ବାଚନ ଆୟୁକ୍ତ ଭାରତୀ ଏସ୍ଆଇଆର୍ କାର୍ଯ୍ୟକ୍ରମ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଜିଲ୍ଲାପାଳ ଶ୍ରୀ ଭାସନ ସେଗୁଡ଼ିକର ଉତ୍ତର ରଖିଥିଲେ। ଗଞ୍ଜାମ ଜିଲ୍ଲା ଓଡ଼ିଶାର ଏକ ଜନବହୁଳ ଜିଲ୍ଲା ହୋଇଥିଲେ ମଧ୍ୟ ଏସ୍ଆଇଆର୍ କାର୍ଯ୍ୟରେ ରାଜ୍ୟରେ ଆଗୁଆ ରହିଥିବାରୁ ବିଏଲ୍ଓମାନଙ୍କ ନିଷ୍ଠା ଓ ପରିଶ୍ରମକୁ ଶ୍ରୀ ଭାରତୀ ପ୍ରଶଂସା କରିଥିଲେ। ଏହାସହ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ ଏସ୍ଆଇଆର୍ କାର୍ଯ୍ୟ ସାରିବାକୁ ସେ ପରାମର୍ଶ ଦେଇଥିଲେ।

ସମୀକ୍ଷା ବୈଠକରେ ଭାରତ ନିର୍ବାଚନ ଆୟୋଗର ପ୍ରମୁଖ ସଚିବ ଏସ୍.ବି. ଯୋଶୀ, ଉପ ସଚିବ ଅଭିନବ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା ଓ ସୁନୀଲ କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଡେପୁଟି ସିଇଓ ଡ଼. ଲକ୍ଷ୍ମୀ ପ୍ରସାଦ ସାହୁ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଆଇଏଏସ୍ ଶିକ୍ଷାନବୀଶ ସାରାନ୍ୟା ଏବଂ ଡେପୁଟି କଲେକ୍ଟର ଡ଼. ଅରୁଣ କୁମାର ଖଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମରେ ଏସ୍ଆଇଆର୍ କାର୍ଯ୍ୟର ଅଗ୍ରଗତି ନେଇ ଅଧିକାରୀ ସନ୍ତୋଷ ପ୍ରକାଶ କରିଥିଲେ। ପରେ ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରି ଅତିଥିମାନେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

### ପୌରାଣିକ ନାଟକ ଦେଖିଲେ ଜନସାଧାରଣ

# ଶେଷ ହେଲା ଜଗଦଳପୁର ଠାକୁରାଣୀ ଯାତ୍ରା

**କୁକୁଡାଖଣ୍ଡି,୧୭।୬/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପକଣ୍ଠ ଜଗଦଳପୁର ଗ୍ରାମରେ ଚାଲିଥିବା ମାଁ ଗ୍ରାମ ଦେବତୀଙ୍କ ଠାକୁରାଣୀ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଯାତ୍ରାର ଶେଷ ଦିବସରେ ଭକ୍ତଙ୍କ ମଧ୍ୟରେ ପ୍ରବଳ



ଉତ୍ସାହ ଦେଖିବାକୁ ମିଳିଥିଲା। ଅସ୍ଥାୟୀ ପୀଠରେ ମା'ଙ୍କୁ ଭକ୍ତମାନେ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲ୍ଲାର ନାଟକପ୍ରିୟ ଗ୍ରାମ ଭାବେ ପରିଚିତ ଏହି ଅଞ୍ଚଳରେ ପ୍ରତିଦିନ ଗହଳିଚହଳି ଲାଗି ରହୁଥିଲା। ଯାତ୍ରାର ପ୍ରଥମ ଦିବସରେ ମାଁ ଗ୍ରାମ ଦେବତୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତ୍ରିରେ ମା'ଙ୍କ ବିରାଟ ପଟୁଆର ଗ୍ରାମର ସମସ୍ତ ସାହି ପରିକ୍ରମା କରିଥିଲା। ଶଙ୍ଖ, ଘଣ୍ଟ ଓ ବିଷ୍ଣୁଙ୍କ ଦଶ ଅବତାର କଳା ପ୍ରଦର୍ଶିତ ହୋଇଥିଲା । ଏହି ଯାତ୍ରା ପୂର୍ବପୁରୁଷାନୁ କ୍ରମେ ପାଳିତ ହୋଇ ଆସୁଛି। କୃଷକ ବହୁଳ ଜଗଦଳପୁର ଗ୍ରାମରେ ପୂର୍ବରୁ ଚାଷ ଋତୁରେ ଜଳାଭାବ ଦେଖାଉଥିଲେ। ଏଥିପାଇଁ ପୂର୍ବଜମାନେ ମାଁ ଠାକୁରାଣୀଙ୍କ ନିକଟରେ ସାମୁହିକ ହୋମଯଜ୍ଞ କରି ବର୍ଷା ପ୍ରାର୍ଥନା କରୁଥିଲେ । ସେହି ପରମ୍ପରା ଏବେ ମଧ୍ୟ ଅବ୍ୟାହତ ରହିଛି "ରଜର ପ୍ରଥମ ବର୍ଷାକୁ ଆମେ ଅପେକ୍ଷା । ବର୍ଷା ହେଲେ ଚାଷୀର ଆନନ୍ଦ ଦ୍ୱିଗୁଣିତ ହୁଏ। ଚଳିତ ବର୍ଷ ଗ୍ରାମର ବିଭିନ୍ନ ସାହିରେ ୮ଟି ପୌରାଣିକ ନାଟକ ଅନୁଷ୍ଠିତ ହୋଇଥିଲା। ଗ୍ରାମର ମଝୀ ଦାଣ୍ଡ, ଧୋବା ସାହି, ଭଣ୍ଡାରୀ ସାହିରେ ମହାଭାରତ ମଞ୍ଚସ୍ଥ ହୋଇଥିବା ବେଳେ ହରିଜନ ସାହିରେ ରାମାୟଣ ନାଟକ ହୋଇଥିଲା । ସେହିପରି ଗୁଲା ସାହି, ଉପର ଧୋବା ସାହି, କୁମ୍ଭାର ସାହି, ନୂଆ ନେତାଜି ନଗରରେ ଭାରତ ଲୀଳା ଓ ହରିଙ୍କ ଦର୍ଶନ ନାଟକ ସହ ମେଲୋଡି ମଧ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା । ଯାତ୍ରାର ବିଭିନ୍ନ ଦିବସରେ ରାଜନେତା, ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରୁଥିଲେ। ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ସମାଜସେବୀ ଉଦୟ ବେହେରା, ସରପଞ୍ଚ କ୍ରାନ୍ତି ଦେବୀ, ସମିତିସଭ୍ୟ ରବୀନ୍ଦ୍ର ପାତ୍ର, କୈଳାଶ ବିଷୋୟୀ, ପୂର୍ବତନ ସରପଞ୍ଚ ହାଡୁବନ୍ଧୁ ବେହେରାଙ୍କ ସମେତ ବ୍ଲକର ବହୁ ସରପଞ୍ଚ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ନିମଖଣ୍ଡି ପୁଲିସ ପକ୍ଷରୁ ବ୍ୟାପକ ପୁଲିସ୍ ମୁତୟନ ରହିଥିଲେ।

# ଚିନ୍ମୟ ଅମୃତ ମହୋତ୍ସବ ପାଳନ

**ଆସିକା,୧୭।୬/ଏନ୍ଏନ୍ଏସ୍:** ଅନ୍ତଃରାଷ୍ଟ୍ରୀୟ ଚିନ୍ମୟ ମିଶନ୍‌ର ପ୍ରତିଷ୍ଠାତା ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ ମହାରାଜଙ୍କ ବାଣୀକୁ ପ୍ରଚାର ଓ ପ୍ରସାର କରିବା ସାଙ୍ଗକୁ ଜନସାଧାରଣଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚିନ୍ତାଧାରା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଆଜି ଆସିକାରେ ଚିନ୍ମୟ ଅମୃତ ମହୋତ୍ସବ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟ ମିଶନ୍ ଆସିକା ଶାଖାର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶହ ଶହ ଭକ୍ତ ଯୋଗ ଦେଇଥିଲେ। ଗତ ୨୦୨୫ ମସିହା ଡିସେମ୍ବର ମାସ ୩୧ ତାରିଖରୁ ପୁନେ ଠାରୁ ଅମୃତ ଯାତ୍ରା ଆରମ୍ଭ କରିଥିବା ଚିନ୍ମୟ ବିଭୁତି ରଥ ସ୍ଥାନୀୟ କଳିଙ୍ଗ ରୋଡ ସ୍ଥିତ ମା ଖମ୍ଭେଶ୍ୱରୀଙ୍କ ମୁଖଶାଳା ନିକଟରେ ବୁଧବାର ପୂର୍ବାହ୍ନରେ ପହଞ୍ଚିବା ପରେ ବହୁ ଶ୍ରଦ୍ଧାଳୁ ଭକ୍ତ ବନ୍ଦାପନା ପୂର୍ବକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଆସିକା ବ୍ଲକ ଅନ୍ତର୍ଗତ ଗୁଣ୍ଡୁପଡା ଗ୍ରାମ ପଞ୍ଚାୟତର ରାଇପଲ୍ଲୀ ଗ୍ରାମର ଶ୍ରୀ ଗୋପୀନାଥ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟା ଏବଂ ଚିନ୍ମୟ ମିଶନ୍ ଆସିକା ଶାଖାର ଶତାଧୀକ ସଦସ୍ୟଙ୍କ ଗହଣରେ ଅମୃତ ଯାତ୍ରାରଥକୁ ଲକ୍ଷ୍ମୀ ବଜାର, ବିନାୟକ ବଜାର, ଖମ୍ଭେଶ୍ୱରୀପାଟଣା, ମହାତ୍ମାଗାନ୍ଧୀ ରୋଡ, ବଜାର ସାହି, ଓଡିଆ



ସାହି ଇତ୍ୟାଦି ଅଞ୍ଚଳ ପରିକ୍ରମା କରାଯାଇଥିଲା । ପୁନେରୁ ଆସିଥିବା ସୁସଜ୍ଜିତ ରଥ ଚିନ୍ମୟ ମିଶନ୍ ଆସିକା ଶାଖା ନିକଟରେ ପହଞ୍ଚିବା ପରେ ଶତାଧୀକ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ଉପସ୍ଥିତ ରହି ଆଧ୍ୟାତ୍ମିକ ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ ମହାରାଜଙ୍କ ପାଦୁକା ଓ ପ୍ରତିମୂର୍ତ୍ତିକୁ ପୁଷ୍ପ ଓ ଚନ୍ଦନ ଅର୍ପଣ ପୂର୍ବକ ପାଛୋଟି ନେଇଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ୍‌ର ରାଉରକେଲାରୁ ଆସିଥିବା ଆଚାର୍ଯ୍ୟ ସ୍ୱାମୀ ନିର୍ଲିପ୍ତାନନ୍ଦଜୀ ମହାରାଜ ଏବଂ ସ୍ୱାମୀ ଅରୁପାନନ୍ଦଜୀ ମହାରାଜ, ଆନ୍ଧ୍ରରୁ ଆସିଥିବା ସ୍ୱାମୀ ସୁବିରାନନ୍ଦଜୀ, କୋଏମ୍ବାଟୁର୍‌ରୁ ଆସିଥିବା ବ୍ରହ୍ମଚାରିଣୀ ତାରିଣୀ ଚୈତନ୍ୟା, ବ୍ରହ୍ମଚାରିଣୀ ଭକ୍ତି ଚୈତନ୍ୟା ପ୍ରମୁଖ ଯୋଗ ଦେଇଥିଲେ। ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଚିନ୍ମୟ ମିଶନ୍‌ର ପ୍ରତିଷ୍ଠାତା ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ ଜୀବନାଦର୍ଶ ଉପରେ ଅଶ୍ରୀବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଧ୍ୟାତ୍ମିକପ୍ରେମୀ ନିରଞ୍ଜନ ମହାନ୍ତି, ଶିବରାମ ମହାରଣା, ବ୍ୟୋମକେଶ ପାଢୀ, ଶତ୍ରୁଘ୍ନ ଗୌଡ, ଇ.ଭେଙ୍କେଟରମଣ ପାତ୍ର, ବିମ୍ବାଧର ପାତ୍ର, ବିଶ୍ୱନାଥ ସେଠୀ, ଭଜରାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ପାଣିଗ୍ରାହୀ, ବୃନ୍ଦାବନ ବେହେରା, ବିଜୟ କୁମାର ମହାନ୍ତି, ରାମଚନ୍ଦ୍ର ଜେନାଙ୍କ ସମେତ ବହୁ ଆଧ୍ୟାତ୍ମିକପ୍ରେମୀ ସହଯୋଗ କରିଥିଲେ।

## ଗଞ୍ଜାମ ଜିଲ୍ଲାରେ ବଢ଼ିଲା ଗ୍ରୀଷ୍ମ ଅବକାଶ ଅବଧି

**ବ୍ରହ୍ମପୁର,୧୭।୬/ଏନ୍ଏନ୍ଏସ୍:** ପ୍ରବଳ ଖରା ଏବଂ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଓଡ଼ିଶାର ଅନେକ ଜିଲାରେ ପାରଦ ୪୦ରୁ ୪୫ ଡିଗ୍ରୀ ଉପରେ ରହୁଥିବା ବେଳେ ଉଚ୍ଚ ଆର୍ଦ୍ରତା ଯୋଗୁଁ ସ୍ଥିତି ଆହୁରି ସଂଘାତିକ ହୋଇଛି। ଏଭଳି ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ପ୍ରଚଣ୍ଡ ତାତିରୁ ରକ୍ଷା କରିବା ପାଇଁ ବିଭିନ୍ନ ଜିଲା ପ୍ରଶାସନ ପକ୍ଷରୁ ସ୍କୁଲ ଖୋଲିବା ନିଷ୍ପତ୍ତିରେ ବଡ଼ ପରିବର୍ତ୍ତନ କରାଯାଇଛି। ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ରଜ ପର୍ବ ପରେ ସ୍କୁଲଗୁଡ଼ିକ ଖୋଲିବାର ଥିଲା, ମାତ୍ର ପାଣିପାଗର ପ୍ରତିକୂଳ ଅବସ୍ଥାକୁ ଦେଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ବଡ଼ ନିଷ୍ପତ୍ତି ନେଇଛି। ସୁବର୍ଣ୍ଣପୁର (ସୋନପୁର) ଓ ଅନୁଗୁଳ ଜିଲା ପରେ ଏବେ ଗଞ୍ଜାମ ଜିଲ୍ଲା ପ୍ରଶାସନ ମଧ୍ୟ ସ୍କୁଲ ଛୁଟି ବଢ଼ାଇବାକୁ ବାଧ ହୋଇଛି। ଗଞ୍ଜାମ ଜିଲାପାଳଙ୍କ ସୂଚନା ଅନୁଯାୟୀ, ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ (ପ୍ରାଇଭେଟ) ସ୍କୁଲ ସମେତ କଲେଜଗୁଡ଼ିକ ଆସନ୍ତା ୨୦ ଜୁନ (ଶନିବାର) ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବ। ତେବେ ଜୁନ ୨୧ ତାରିଖ ରବିବାର ପଡୁଥିବାରୁ, ଆସନ୍ତା ୨୨ ଜୁନ (ସୋମବାର) ଦିନ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ସ୍ୱାଭାବିକ ଭାବେ ଖୋଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ନିଯୁକ୍ତି ପାଇଲେ ୬ ସ୍ଥାୟୀ ପ୍ରଧାନଶିକ୍ଷକ

**ବୁଗୁଡା,୧୭।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟ ବିବେଚିତ ସହକାରୀ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ରାଜ୍ୟର ବିଭିନ୍ନ ସରକାରୀ ହାଇସ୍କୁଲ ଗୁଡିକରେ ସ୍ଥାୟୀ ପ୍ରଧାନଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ଏହି କ୍ରମରେ ବୁଗୁଡା ଅଞ୍ଚଳର ୬ଟି ସରକାରୀ ହାଇସ୍କୁଲରେ ନୂତନ ଭାବେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଥିବା ଜଣାପଡିଛି । ଶିକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ସ୍ୱାଗତ କରାଯାଇଛି। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ବୁଗୁଡା ବ୍ଲକର ବାଲିପଦର ହାଇସ୍କୁଲରେ ପ୍ରଶାନ୍ତ କୁମାର ଗୌଡ, ବି.କରଡ଼ାବାଡ଼ି ହାଇସ୍କୁଲରେ ସରଜିନି ହାସଦା, ଘୋଡାପଡା ହାଇସ୍କୁଲରେ ବୁଲୁ ବେହେରା, ବୁଦ୍ଧଗିରି ବିଦ୍ୟାପୀଠରେ ସୁବଳ କଅଁର , କରଚୁଲି ହାଇସ୍କୁଲରେ ଶୁଭଲକ୍ଷ୍ମୀ ଦେହୁରି, ମାଣିତରା ହାଇସ୍କୁଲରେ ବେଲାଳସେନ ମଲ୍ଲିକ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଜଣାପଡିଛି । ବୁଗୁଡା ଅଞ୍ଚଳର ବହୁ ସରକାରୀ ହାଇସ୍କୁଲରେ ଦୀର୍ଘଦିନ ହେଲା ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡିଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ନାନା ସମସ୍ୟା ସୃଷ୍ଟି ହେଉଥିଲା। ବିଳମ୍ବରେ ହେଲେବି ଶିକ୍ଷାବିଭାଗ ପକ୍ଷରୁ ବୁଗୁଡାର ୬ଟି ସରକାରୀ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି କରାଯାଇଥିବାରୁ ସରକାରଙ୍କ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଉଛି ।

## ଆସିକାରେ ଡାକବିଭାଗ ପକ୍ଷରୁ ଶାଖା ଡାକପାଳଙ୍କ କର୍ମଶାଳା



**ଆସିକା, ୧୭।୬/ଏନ୍ଏନ୍ଏସ୍:** ସ୍ଥାନୀୟ ସମବାୟ ଚିନିଶିଳ୍ପ ଲିଃର ଅତିଥି ଭବନରେ ବୁଧବାର ପୂର୍ବାହ୍ନରେ ଆସିକା ଡାକମଣ୍ଡଳ ଅଧୀନସ୍ଥ ପୂର୍ବ ଉପଖଣ୍ଡ ଅନ୍ତର୍ଗତ ଚିନିଶିଳ୍ପ ନୂଆଗାଁ ଉପଡାକଘର ଏବଂ ଗୁଣ୍ଡୁପଡା ଉପଡାକଘର ଓ ମୁଣ୍ଡମରାଇ ଉପଡାକଘର ଅଧୀନରେ କାର୍ଯ୍ୟରତ ଥିବା ବିପିଏମ୍ ମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆସିକା ଡାକମଣ୍ଡଳ ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଦିଲୀପ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଡାକବିଭାଗର ପୋଷ୍ଟମାଷ୍ଟର ଜେନେରାଲ୍ କର୍ଣ୍ଣେଲ୍ ବିନୋଦ କୁମାର ଯୋଗଦେଇ ଡାକବିଭାଗର ୬ଟି ପ୍ରମୁଖ ବ୍ୟବସାୟିକ କ୍ଷେତ୍ର ଯଥା ଘରୋଇ ଡାକ, ପାର୍ସଲ୍ ସେବା, ଆନ୍ତର୍ଜାତୀୟ ଡାକସେବା, ନାଗରିକ-କେନ୍ଦ୍ରୀୟ ଡାକସେବା, ଡାକ ସଞ୍ଚୟ ବ୍ୟାଙ୍କ ଏବଂ ଡାକଜୀବନ ବୀମାର ସଫଳ କାର୍ଯ୍ୟକାରିତା ଉପରେ ବିସ୍ତୃତ ଭାବେ ଉପସ୍ଥିତ ବିପିଏମ୍ ମାନଙ୍କୁ ମାର୍ଗଦର୍ଶନ କରିବା ସାଙ୍ଗକୁ ଜନସାଧାରଣଙ୍କ ଯୋଗାଯୋଗକୁ ବୃଦ୍ଧି କରିବା ଏବଂ ସେବା ପ୍ରଦାନକୁ ଆହୁରି ଉନ୍ନତ କରିବା ସାଙ୍ଗକୁ ଡାକସେବାର ମୁଖ୍ୟକ୍ଷେତ୍ର ଗୁଡିକୁ ଆହୁରି ଦୃଢ଼ୀଭୁତ କରିବା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଡାକବିଭାଗର ପୋଷ୍ଟମାଷ୍ଟର ଜେନେରାଲ୍ କର୍ଣ୍ଣେଲ୍ ବିନୋଦ୍ କୁମାର କର୍ମଶାଳାରେ ଉପସ୍ଥିତ ଥିବା ୨୫ ଜଣ ଶାଖା ଡାକପାଳମାନଙ୍କୁ ବିଭିନ୍ନ ଡାକସେବା ସଂକ୍ରାନ୍ତୀୟ ସୁବିଧା ଅସୁବିଧା ଉପରେ ପଚାରି ବୁଝିବା ସାଙ୍ଗକୁ ଡାକସେବାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଡାକଘର ସଞ୍ଚୟ ଖାତାକୁ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଖାତା ସହିତ ସଂଯୋଗ କରିବା, ଡାକ ସଞ୍ଚୟ ବ୍ୟାଙ୍କ ଖାତା ଖୋଲିବା ଏବଂ ଡାକଜୀବନ ବୀମା କାର୍ଯ୍ୟକୁ ଆହୁରି ଅଧିକରୁ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ପାରଦର୍ଶିତା ଦେଖାଇଥିବା ୯ ଜଣ ଶାଖା ଡାକପାଳଙ୍କୁ ସମ୍ମାନିତ କରାଯାଇଥିଲା । ଆସିକା ଡାକମଣ୍ଡଳର ଅଧୀକ୍ଷକ ଲେଫ୍ଟନାଣ୍ଟ କର୍ଣ୍ଣେଲ୍ ଦିଲୀପ କୁମାର ବେହେରା ଏହି କର୍ମଶାଳା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସାଙ୍ଗକୁ ଡାକ ନେଟ୍‌ୱର୍କକୁ ଦଳଗତ କାର୍ଯ୍ୟ ଏବଂ ଗ୍ରାହକକେନ୍ଦ୍ରିକ ସେବା ଓ ବ୍ୟବସାୟ ବିକାଶ ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରିଥିବା ବେଳେ ଭଂଜନଗର ଡାକବିଭାଗର ଉପସହକାରୀ ଅଧୀକ୍ଷକ ଶ୍ରୀମତୀ କିରଣମାଳା ପଣ୍ଡା ଯୋଗଦେଇ ଡାକସେବାର ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୋଷ୍ଟମାଷ୍ଟର ଜେନେରାଲ୍ କର୍ଣ୍ଣେଲ୍ ବିନୋଦ୍ କୁମାର ଆସିକା ଡାକମଣ୍ଡଳ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ପରିଦର୍ଶନ କରି ୭ ତାରିଖ ଦିନ ଘଟିଥିବା ଭାୟାବହ ଅଗ୍ନିକାଣ୍ଡର ସମୀକ୍ଷା କରିବା ସହ ପୁନରୁଦ୍ଧାର ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପୋଷ୍ଟମାଷ୍ଟର ଜେନେରାଲ୍ କର୍ଣ୍ଣେଲ୍ ବିନୋଦ୍ କୁମାରଙ୍କ ସମବାୟ ଚିନିଶିଳ୍ପ ଅତିଥି ଭବନରେ ଅନୁଷ୍ଠିତ କର୍ମଶାଳା କାର୍ଯ୍ୟକ୍ରମକୁ ସୁପରିଚାଳନା କରିବା ଦିଗରେ ବିଭାଗୀୟ କର୍ମଚାରୀ ଅନୁପ୍ କୁମାର ପାଣିଗ୍ରାହୀ, ଦୀପକ ପାଣିଗ୍ରାହୀ, ରମେଶ ଚନ୍ଦ୍ର ସେଠୀ, ପ୍ରଭାତ କୁମାର ପ୍ରଧାନ, ଲକ୍ଷ୍ମୀ ନାରାୟଣ ପାତ୍ର, ସନ୍ତୋଷ କୁମାର ଗୌଡ, ସମରେଶ୍ ଗୌଡ, ବିଜୟ କୁମାର ପଣ୍ଡା, ବାବୁଲା ପାତ୍ର, ପିଙ୍କୁ ମହାନ୍ତି, ସୂର୍ଯ୍ୟନାରାୟଣ ସେଠୀଙ୍କ ସମେତ ବହୁ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଲକ୍ଷ୍ୟ କରାଯାଇଥିଲା।

### ବଦଳୁଛି ବୁଗୁଡ଼ାର ରାଜନୈତିକ ବାତାବରଣ

# ବିଜେପି ଛାଡ଼ିବେ ବ୍ଲକ୍ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ !

**ବୁଗୁଡ଼ା,୧୭।୬/ଏନ୍ଏନ୍ଏସ୍:** ସମ୍ପ୍ରତି ବୁଗୁଡା ଅଞ୍ଚଳରେ ରାଜନୈତିକ ବାତାବରଣ ବଦଳୁଥିବା ଦୃଶ୍ୟମାନ ହେଉଛି । ବିଜେଡିକୁ ହଟାଇ ବିଜେପି ଶାସନ ଡୋରି ଧରିଥିବା ବେଳେ ବୁଗୁଡ଼ା ଅଞ୍ଚଳର ଜନପ୍ରିୟ ନେତ୍ରୀ ତଥା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ କୁଆଡେ ବିଜେପି ଛାଡି ବିଜେଡିରେ ଶଙ୍ଖନାଦ କରିବାକୁ ମନସ୍ଥ କରିଥିବା ନେଇ ଅଞ୍ଚଳରେ ରାଜନୈତିକ ଆଲୋଚନା ଜୋର ଧରିଛି। ଗତ ୨୬ ଡିସେମ୍ବର ୨୦୨୪ ତାରିଖ ବିଜେଡିର ପ୍ରତିଷ୍ଠା ଦିବସରେ ବିଜେପି ପକ୍ଷରୁ ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ସାଂସଦ ଅନିତା ଶୁଭଦର୍ଶିନୀଙ୍କ ଉପସ୍ଥିତିରେ ନିଜର ସମର୍ଥିତ ଅନେକ



ଜନପ୍ରତିନିଧି ଏବଂ ଶହ ଶହ କର୍ମୀଙ୍କୁ ନେଇ ବିଜେପିରେ ସାମିଲ ହୋଇଥିଲେ। ଏଥି ସହ ଗଞ୍ଜାମ ଜିଲ୍ଲା ଉନ୍ନୟନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ମହିଳା ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଏବଂ ପରବର୍ତ୍ତୀ ସମୟରେ ମହିଳା ନେତୃତ୍ୱ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସଫଳତା ହାସଲ କରି ସେ ସର୍ବ ଭାରତୀୟ 'ଚେଞ୍ଜ ମେକର' କର୍ମଶାଳାକୁ ମନୋନୀତ ହୋଇ ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିପାରିଥିଲେ। ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷାଙ୍କୁ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଥିଲା ବେଳେ ଏବେ ପ୍ରାୟ କିଛି ମାସ ହେବ କଣ ହେଲା କେଜାଣି, ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ତାଙ୍କର ପ୍ରକୋଷ୍ଠ ତାଲାବନ୍ଦ ଅବସ୍ଥାରେ ରହିଥିବା ବେଳେ ସେ ବ୍ଲକ କାର୍ଯ୍ୟାଳୟ ପିଣ୍ଡା ମାଡୁନଥିବା ଜଣାଯାଇଛି। ସ୍ଥାନୀୟ ବିଜେପିରେ ତାଙ୍କୁ କୁଆଡେ ଏକପ୍ରକାର କୋଣଠେସା କରାଯାଇଥିବା ସହ ପ୍ରଭାବୀ ରାଜନୈତିକ ଷଡଯନ୍ତ୍ରରେ ତାଙ୍କ ସ୍ୱାମୀଙ୍କ ବ୍ୟବସାୟରେ ବିପର୍ଯ୍ୟୟ ଘଟାଇଥିବା ହେତୁ ସେ ଦଳ ପ୍ରତି ବୀତସ୍ପୃହ ହୋଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଚଳିତ ମାସ ଗତ ୧୨ ତାରିଖରେ ବି.ବ୍ରହ୍ମପୁର ଗ୍ରାମସ୍ଥ କଦମ୍ବମଠ ପରିସରରେ ବିଜେଡି ପକ୍ଷରୁ ଆୟୋଜିତ ସାଂଗଠନିକ ବୈଠକ ଅବସରରେ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଅଧ୍ୟକ୍ଷାଙ୍କ ସ୍ୱାମୀ କେ. ନୀଳମାଧବ ଆଚାରୀ ତାଙ୍କର କେତେକ ସମର୍ଥକ ସହ ବିଜେଡିକୁ ଫେରିଥିବାରୁ ଆଗାମୀ ଦିନରେ ଅଧ୍ୟକ୍ଷା ମଧ୍ୟ ବିଜେପିକୁ ବାଏ ବାଏ କରି ବିଜେଡିରେ ଯୋଗଦେବାକୁ ଯାଉଥିବା ନେଇ ଅଞ୍ଚଳର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିବା ଦେଖିବାକୁ ମିଳୁଛି।

ନିତିଦିନ NITIDIN



# ଅଟୋ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ରାଜନଗର, ୧୭।୬/ଏନ୍ଏନ୍ଏସ୍:** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଧାନଦିଆ ଗ୍ରାମର ହରେକୃଷ୍ଣ ରାଉତ(୬୦) ମଙ୍ଗଳବାର ରାତିରେ ସାଇକେଲ ଯୋଗେ ନିଜ ଶ୍ୱଶୁର ଘର ଏହି ବ୍ଲକ ମହିଁଷାସୁର ପଞ୍ଚାୟତ ଗୁଲୁଦିଆ ଗ୍ରାମକୁ ଯାଉଥିଲେ । ଜୟଗୁରୁ ଆଶ୍ରମ ନିକଟ ବାଇପାସ୍ ଛକରେ ଏକ ଡାଲା ଅଟୋ ସହ ଧକ୍କା ହୋଇଥିଲା । ଡାଲାଅଟୋ ସାଇକେଲ ସହ ବୃଦ୍ଧଙ୍କୁ କିଛି ବାଟ ଘୋଷାଡି ନେଇଥିଲା । ଲୋକମାନେ ଦେଖି ଡାଲା ଅଟୋ ଅଟକାଇ ବୃଦ୍ଧ ହରେକୃଷ୍ଣଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସେଠାରୁ କଟକ ବଡ଼ ମେଡିକାଲକୁ ପଠାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କଟକରେ ଶବ ବ୍ୟବଚ୍ଛେଦ ପରେ ଗାଁରେ ଶେଷକୃତ୍ୟ ସଂପନ୍ନ ହୋଇଛି । ମୃତ ହରେକୃଷ୍ଣଙ୍କ ବଡପୁଅ ହିମାଂଶୁ କତରରେ ରହୁଥିବା ବେଳେ ସାନପୁଅ ରାଜୁ ହାଇଦ୍ରାବାଦରେ ଦାଦନ ଖଟୁଛନ୍ତି । ଖବରପାଇ ସାନପୁଅ ଗାଁକୁ ଫେରିଛି । ଏଯାବତ ରାଜନଗର ଥାନାରେ ଅଭିଯୋଗ ହୋଇନଥିବା ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି ।

# ସାମାଜିକ ଗଣମାଧ୍ୟମକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଆବଶ୍ୟକ

**ଯାଜପୁର, ୧୭।୬/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା



ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ କ୍ରୀଡ଼ା, କଳା ସଂସ୍କୃତି, ସାହିତ୍ୟ କ୍ଷେତ୍ରରେ ଯାଜପୁରର ଏକ ସମୃଦ୍ଧ ପରମ୍ପରା ରହିଛି । ସେହି ଉତ୍କୃଷ୍ଟ ଐତିହ୍ୟ ଏବଂ ବିକାଶର ଧାରାକୁ ସକାରାତ୍ମକ ଭାବେ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ପୂର୍ବରୁ ସୋସିଆଲ ମିଡିଆ ଏକ ପ୍ରୟୋଗ ଭାବେ ଆରମ୍ଭ ହୋଇଥିଲା, କିନ୍ତୁ ବର୍ତ୍ତମାନ ଏହାର ପ୍ରଭାବଶାଳୀ ଭୂମିକା ରହିଛି । ତେଣୁ ସମାଜକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା ଉଚିତ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ । ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭା, ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ, କଳାକୃତି, ସ୍ଥାନୀୟ ସମସ୍ୟା, ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ବୁଦ୍ଧିଜୀବୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ । ଏହାସହ ମନ୍ତ୍ରୀଙ୍କ ସମେତ ବଡ଼ଚଣା ବିଧାୟକ, ଧର୍ମଶାଳା ବିଧାୟକ ଏବଂ ଜିଲ୍ଲାପାଳ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ, କ୍ରୀଡ଼ା ପ୍ରତିଭା, ଐତିହ୍ୟ ସଂସ୍କୃତିର ପ୍ରଚାର ପ୍ରସାରକୁ ନେଇ ବିଭିନ୍ନ ବିଷୟରେ ବୁଦ୍ଧିଜୀବୀ ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କ ସହ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ "ବିକାଶର ଧାରା, ଓଡ଼ିଶାର ସାରା" ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଭିନ୍ନ ମତାମତ ଓ ପରାମର୍ଶ ସଂଗ୍ରହ କରାଯାଇଥିଲା । ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା । ଏହି ସମ୍ମିଳନୀରେ ଜିଲ୍ଲାର କଣ୍ଟେଣ୍ଟ କ୍ରିଏଟର, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ, ସମାଜସେବୀ, ବୁଦ୍ଧିଜୀବୀ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପର୍ଯ୍ୟଟନ, ଶିଳ୍ପ ଓ ଐତିହ୍ୟର ବିକାଶ ଦିଗରେ ସରକାର ପ୍ରୟାସ କରୁଛନ୍ତି

## ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନା ଓ ସଫଳତା ସମ୍ପର୍କରେ ଉପସ୍ଥାପନ କଲେ ମନ୍ତ୍ରୀ

**ଯାଜପୁର, ୧୭।୬/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ଯାଜପୁରରେ ପର୍ଯ୍ୟଟନ ଶିଳ୍ପର ପ୍ରଚୁର ସମ୍ଭାବନା ଅଛି । ଜିଲ୍ଲାରେ ଥିବା ବୌଦ୍ଧ ଐତିହ୍ୟକୁ ୟୁନେସ୍କୋ ବିଶ୍ୱ ହେରିଟେଜ ସ୍ଥଳ ମାନ୍ୟତାରେ ସାମିଲ କରିବା ଦିଗରେ ସରକାର ପ୍ରୟାସ କରିଛନ୍ତି ବୋଲି ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯାଜପୁରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ବିକାଶର ଧାରା, ଓଡ଼ିଶା ସାରା' ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଗତ ଦୁଇ ବର୍ଷରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ମନ୍ତ୍ରୀ ଶ୍ରୀ ସୁରଜ ବିସ୍ତୃତ ଭାବେ ବିବରଣୀ ପ୍ରଦାନ କରିଥିଲେ । ଏହାସହ ଅର୍ଥନୈତିକ



ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ଐତିହ୍ୟ, ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ କ୍ଷେତ୍ରରେ ଉଭୟ ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ହୋଇଥିବା ଉଲ୍ଲେଖନୀୟ କାର୍ଯ୍ୟ ଏବଂ ପ୍ରକଳ୍ପ ସମ୍ବନ୍ଧରେ ସେ ସମ୍ୟକ ସୂଚନା ଉପସ୍ଥାପନ କରିଥିଲେ । ପୂର୍ବାପେକ୍ଷା ଓଡ଼ିଶାର ଜିଏସଡିପି ହାର ଏବଂ ମୁଣ୍ଡପିଛା ଆୟରେ ଅଭିବୃଦ୍ଧି ଘଟିଛି, ଯାହା ଜାତୀୟ ହାରଠାରୁ ମଧ୍ୟ ଅଧିକ ରହିଛି । ଶିଳ୍ପ, ଉନ୍ନତ ଭିତ୍ତିଭୂମି ସହ ଐତିହ୍ୟକୁ ମଧ୍ୟ ବିକଶିତ କରିବାର ଆବଶ୍ୟକତା ଅଛି ବୋଲି ମନ୍ତ୍ରୀ କହିଥିଲେ । ସାଇନ୍ସ ଏକାଡେମୀ ପ୍ରକଳ୍ପରେ ଆଉ ମାତ୍ର ୧୦ ପ୍ରତିଶତ କାମ ବାକି ଅଛି । ଏହି କାମ ଶୀଘ୍ର ଶେଷ ହେବା ସହ ଆଗକୁ ଯାଜପୁର ଜିଲ୍ଲାରେ କଳାଗ୍ରାମର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଏହାସହ ଜିଲ୍ଲାର ସାମଗ୍ରିକ ବିକାଶକୁ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା 'ପ୍ରଗତି ପ୍ରବାହ' ଏବଂ ସରକାରଙ୍କ ଯୋଜନା ସମ୍ବଳିତ ସୂଚନା ପତ୍ର ବଣ୍ଟନ କରାଯାଇଥିଲା । "ବିକାଶର ଧାରା, ଓଡ଼ିଶାର ସାରା" ସଙ୍କଳ୍ପକୁ ସାକାର କରି ୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଏବଂ ଯାଜପୁର ଜିଲ୍ଲାର ସାମଗ୍ରିକ ବିକାଶ ପ୍ରତିବଦ୍ଧତାକୁ ଏହି ଅବସରରେ ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ସମ୍ମିଳନୀରେ ଜିଲ୍ଲାର ବିଭାଗୀୟ ଅଧିକାରୀ, ସମାଜ ସେବୀ ଦେବଯାନୀ ପ୍ରଧାନ, ସମାଜସେବୀ ଗୌତମ ରାୟ, ସମାଜସେବୀ ବବିତା ମଲ୍ଲିକ, ଉମେଶ ଜେନା ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ



**କାମାକ୍ଷାନଗର, ୧୭।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କାମାକ୍ଷାନଗର ସହରର ଅଗ୍ରଣୀ ସାମାଜିକ ସଂଗଠନ 'ବିଦ୍ୟୁତପ୍ରଭା ଫାଉଣ୍ଡେସନ'କୁ ସମ୍ବର୍ଦ୍ଧିତ କରାଯାଇଛି । ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଲଳିତମୋହନ ବେହେରା ଯୋଗଦେଇ ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେସନର ସମ୍ପାଦକ ହୃଦୟବଲ୍ଲଭ ମିଶ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେସନର ଅଧ୍ୟକ୍ଷା ଲିପସା ପ୍ରଧାନ ଜିଲ୍ଲା ରେଡକ୍ରସ ସୋସାଇଟି, ଜିଲ୍ଲା ରକ୍ତଭଣ୍ଡାରର କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିବା ବେଳେ ଆଗାମୀ ସମୟରେ ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେସନ ତରଫରୁ ରକ୍ତଦାନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ସହ ରକ୍ତଦାନ ପାଇଁ ବ୍ୟାପକ ସଚେତନତା କରାଯିବା କହିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଡ. ସପନ କୁମାର ମହାନ୍ତି, ଜିଲ୍ଲା ଅପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଯୋଗ ଦେଇଥିଲେ । ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡ. ସ୍ୱରୂପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହିଙ୍ଗୁଳା ପୀଠରେ ଜିଲ୍ଲାସ୍ତରୀୟ ପୁରାଣ ପ୍ରତିଯୋଗିତା

**ତାଳଚେର, ୧୭।୬/ଏନ୍ଏନ୍ଏସ୍:** ପବିତ୍ର ରଜ ସଂକ୍ରାନ୍ତି ପାଳନ ଅବସରରେ ତାଳଚେର ଗୋପାଳପ୍ରସାଦସ୍ଥିତ ମା ହିଙ୍ଗୁଳା ପୀଠ ପରିସରରେ ୧୪ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପରିଷଦର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ଜଗନ୍ ମୋହନ ଗଡନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ହିଙ୍ଗୁଳା କୋଇଲା ଖଣିର ମହାପ୍ରବନ୍ଧକ ଏସ୍.ଭି.ଯୋଶୀ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବରେ ମା ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦର ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ଟ୍ରଷ୍ଟ ବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୂରଲୀଧର ସାହୁ, ଅରୁଣ ପ୍ରଧାନ, ରତ୍ନାକର ସାହୁ, ସଞ୍ଜୟ ସାହୁ, ପୂର୍ବତନ ସରପଞ୍ଚ ପଠାଣି ବାରିହା, ଦଣ୍ଡଗୁରୁ ହରମୋହନ ସାହୁ, ଆମ ପୁରାଣ, ଆମ ସଂସ୍କୃତି ଅନୁଷ୍ଠାନର ସଭାପତି ବିଜୟ ଦାସ, ସଂପାଦକ ବାମଦେବ ସେଠ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ତମନ୍ନା ନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ



କରିଥିବା ବେଳେ ପ୍ରବଚିକା ଧୀରାରାଣୀ ମହନ୍ତ ଭାଗବତ ପ୍ରବଚନ ଦେଇଥିଲେ । ଏହି ପ୍ରତିଯୋଗିତାରେ ବଅଁରପାଳ, ଶିରିଗିଡ଼ା, କଙ୍କିଳି, ଶାବଳଭଙ୍ଗା, ଲାଙ୍ଗିଯୋଡ଼ା, ପୁରୁକିଆ, ମାନପୁର, ସାନ ଯୋରଡ଼ା, ଗୋବରା, ବଡ଼ ଯୋରଡ଼ା, ସାନତ୍ରିବିଡ଼ା ପ୍ରମୁଖ ବାରଟି ଦଳ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବରେ ରାହାସ ଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ କୁମାର ଗଡ଼ନାୟକ, ହେମନ୍ତ ଦାସ, ଶୁଶିଲ କୁମାର ପ୍ରଧାନ, ଦିଲ୍ଲୀପ ଦାସ, ସଂଯୁକ୍ତା ସାହୁ, କରୁଣାକର ବାଇ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ତ୍ରେତାନନ୍ଦ ସାମନ୍ତ, ଗୀତାମୟୀ ମହାପାତ୍ର ଓ ଲିଲି ପ୍ରଧାନ ସ୍କୋରର୍ ଦାୟିତ୍ୱ ତୁଲାଇ କରିଥିଲେ । ଏହି ପ୍ରତିଯୋଗିତାରେ ମାନପୁର ପ୍ରଥମ ସ୍ଥାନ, ସାନ ଯୋରଡ଼ା ଦ୍ୱିତୀୟ ସ୍ଥାନ ଓ ବଡ଼ ଯୋରଡ଼ା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମସ୍ତ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ଟ୍ରଫି, ମାନପତ୍ର ଓ ଆଧ୍ୟାତ୍ମିକ ପୁସ୍ତକ ଉପହାର ଦେଇ ସମ୍ମାନୀତ କରିଥିଲେ । ଏହି ଅନନ୍ୟ ଆଧ୍ୟାତ୍ମିକ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ପୁରାଣପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ । ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ, ଡିଲେଶ୍ୱର ସାମଲ, ହରେଶ କୁମାର ବେହେରା, ବିଭୂତି ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା ବର୍ଷ ମା ହିଙ୍ଗୁଳାଙ୍କ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପରିଷଦର ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରଙ୍କୁ ମିଳିବ ମୋବାଇଲ୍



**କେନ୍ଦ୍ରାପଡ଼ା, ୧୭।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟରତ ଥିବା ୨୨୪୦ ଜଣ ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର ଓ ବ୍ଲକ୍ ସଂଯୋଜକଙ୍କୁ ମୋବାଇଲ୍ ପ୍ରଦାନ କରାଯିବ । ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ନେଇ କେନ୍ଦ୍ରାପଡ଼ାର ୧୦ ଜଣଙ୍କୁ ଓ ପୌରାଞ୍ଚଳର ୨ଜଣ ମୋଟ୍ ୧୨ ଜଣଙ୍କୁ ସ୍ମାର୍ଟ ମୋବାଇଲ୍ ପ୍ରଦାନ କରିଛନ୍ତି । ଅବଶିଷ୍ଟ ୨୧୪୭ ଜଣ ଅଙ୍ଗନବାଡୀ କର୍ମୀ, ୮୪ ଜଣ ସୁପରଭାଇଜର ଓ ୯ ଜଣ ବ୍ଲକ ସଂଯୋଜକଙ୍କୁ ସିଡିପିଓ ନିଜ ନିଜ ବ୍ଲକରେ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାଉସୀ ମା' ମନ୍ଦିରର ରତ୍ନମୁଦ ଉତ୍ସବ

**ପରଜଙ୍ଗ, ୧୭।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଗଡ଼ ପରଜଙ୍ଗ ଗ୍ରାମରେ ମାଉସୀ ମା' ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଚଳିତ ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ବୁଧବାର ଦିନ ପରଜଙ୍ଗ ବଜାର ଶେଷ ଭାଗ ବୃନ୍ଦାବନପୁର ଉପ୍ରା ବିଦ୍ୟାଳୟ ନିକଟରେ ମହାପ୍ରଭୁ ଜଗନ୍ନାଥ ପତିତପାବନଙ୍କ ନିଜସ୍ୱ ଜାଗାରେ ନୂତନ ମାଉସୀ ମା' ମନ୍ଦିରର ରତ୍ନମୁଦ ଉତ୍ସବ ବୈଦିକ ରୀତି ଅନୁସାରେ ବିଧି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ପୂଜାରମ୍ଭ ଓ ହୋମଯଜ୍ଞ ସକାଳ ସାଢ଼େ ଆଠଟାରୁ ଜଗନ୍ନାଥ ମନ୍ଦିରର ପୂଜକ ଶ୍ୱେତପଦ୍ମ ଦାସଙ୍କ ଦ୍ୱାରା ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଓ କର୍ତ୍ତି ଭାବରେ ଗ୍ରାମର ଗଜେନ୍ଦ୍ର ଦଳବେହେରା ଓ ତାଙ୍କ



ସହଧର୍ମିଣୀ ସସ୍ମିତା ଦଳବେହେରା ଯଜ୍ଞ ସ୍ଥଳରେ କାର୍ଯ୍ୟ ତୁଲାଇଥିଲେ । ନାମ ସଙ୍କୀର୍ତ୍ତନ, ହରିବୋଲ, ହୁଳହୁଳିରେ ନୂତନ ମନ୍ଦିର ପରିସର ଆଧାତ୍ମିକ ପରିବେଶରେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥିଲା । ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିରର ରତ୍ନମୁଦରେ ପ୍ରଥମେ କର୍ତ୍ତା ଓ କର୍ତ୍ତି ଏବଂ ମନ୍ଦିର ନିର୍ମାଣ ବିଶ୍ୱକର୍ମା ନନ୍ଦ କିଶୋର ବେହେରାଙ୍କ ପରେ ଗ୍ରାମ ସଭାପତି ସୁବ୍ରତ କୁମାର ପରିଡ଼ାଙ୍କ ସମେତ ଜଗନ୍ନାଥ ପ୍ରେମୀ ଭକ୍ତମାନେ ଯଥା ବିଧି ସାମଗ୍ରୀ ଦେଇଥିଲେ । ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ ଓ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପୂର୍ବତନ ମନ୍ତ୍ରୀ ଓ ବିଧାୟକ ଡ. ନୃସିଂହ ଚରଣ ସାହୁ, ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ବିଜେପି ନେତ୍ରୀ ବନଲତା ମହାନ୍ତି ପ୍ରମୁଖ ରତ୍ନମୁଦ ଉତ୍ସବରେ ଯୋଗ ଦେଇଥିଲେ । ଗଡ଼ ପରଜଙ୍ଗ ଗ୍ରାମ ସଭାପତି ସୁବ୍ରତ କୁମାର ପରିଡା, ଅନ୍ତର୍ଯ୍ୟାମୀ ସାମଲ, ସମ୍ପାଦକ ସୁବଳ କୁମାର ଦଳବେହେରା, ପ୍ରଭାତ ଶତପଥୀ, ମହେଶ୍ୱର ପରିଡା, ବିନୟ କୁମାର ଦଳବେହେରା, ହେମନ୍ତ କୁମାର ସାମଲ, ଦୁଷ୍ମନ୍ତ ସାମଲ, ବବ୍ରୁବାହାନ ସାମଲ, ଶେଷ ନାୟକ, ରଞ୍ଜନ କୁମାର ଦଳବେହେରା, ବରିଷ୍ଠ ସାମ୍ବାଦିକ ବିନୟ କୁମାର ଦାସ, ନଗେନ ବିନାୟକ ସମେତ ଗ୍ରାମର ବହୁ ଯୁବଗୋଷ୍ଠୀ ତଥା ଗ୍ରାମବାସୀ ସହଯୋଗ କରିଥିଲେ । ଏହି ରତ୍ନମୁଦ ଉତ୍ସବରେ ବହୁ ମାନ୍ୟଗଣ୍ୟ ଜଗନ୍ନାଥପ୍ରେମୀ ଯୋଗ ଦେଇଥିବା ବେଳେ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଜଗନ୍ନାଥ ପ୍ରେମୀ ଯୋଗଦେବା ସହ ଆବାଳ ବୃଦ୍ଧ ବନିତା ଅନ୍ନପ୍ରସାଦ ପାଇଥିଲେ ।

# ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

**ଚାନ୍ଦୋଲ, ୧୭।୬/ଏନ୍ଏନ୍ଏସ୍:** ଡ଼େରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଡେରାବିଶ ବ୍ଲକ୍ ଶାଖାର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଡ଼େରାବିଶ ବ୍ଲକ୍ ଶାଖାର ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ଦିନକୁ ଦିନ ବଢ଼ିଚାଲିଥିବା ବେଳେ ସମାଧାନର ନାଁ ଧରୁନଥିବା ପ୍ରକାଶ କରିଥିଲେ । ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଶ୍ରୀ ତ୍ରିପାଠୀ ଜିଲ୍ଲା ଶ୍ରମ ଅଧିକାରୀ ଓ ରାଜ୍ୟ ଶ୍ରମ କମିଶନରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ପ୍ରକାଶ କରିଥିଲେ । ଏଥିପାଇଁ ସଂଘ ତରଫରୁ



ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ଧାରଣାରେ ବସିବେ ବୋଲି ଆଜିର ବୈଠକରେ ସ୍ଥିତ କରାଯାଇଥିଲା । ତୁରନ୍ତ ଆସନ୍ତା ବୈଠକରେ ଦିନ ଧାର୍ଯ୍ୟ କରାଯିବା ସହିତ ଜିଲ୍ଲାର ସମସ୍ତ ବ୍ଲକ ସଂଘର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ଆଜିର ବୈଠକରେ ହରିହର ମାହାଳି, ଧିରେନ ସାହୁ, ଅକ୍ଷୟ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଗୌତମ ମଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ପରଜଙ୍ଗ, ୧୭।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ମହାବିରୋଡ ଥାନା ଅନ୍ତର୍ଗତ କମରପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତା କଟୁରିଆ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା । ଜଣେ ମୃତ ୨ ଗୁରୁତର । ପ୍ରକାଶ, ମହାବିରୋଡ଼ରୁ କଟୁରିଆ ଆଡକୁ ୩ ଜଣ ଯୁବକ ଏକ ମୋଟର ସାଇକେଲ ଯୋଗେ ଫେରୁଥିବା ବେଳେ କଟୁରିଆ ନିକଟ ମୋଡ଼ ରାସ୍ତାରେ ନିୟନ୍ତ୍ରଣ ହରାଇ ରାସ୍ତା କଡ ଗଛରେ ପିଟି ହୋଇ ପଡ଼ିଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଘଟଣାସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚି ୩ ଜଣ ଗୁରୁତର ଯୁବକଙ୍କୁ ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ପୃଥିବ ନାଏକ (୧୯)ଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ଜଣଙ୍କ କଟୁରିଆ ପଞ୍ଚାୟତ ମଦରଗା ମୁଣ୍ଡା ଗ୍ରାମରୁ ବୋଲି ଜଣାପଡ଼ିଛି । ମହାବିରୋଡ ଗ୍ରାମର ଶକ୍ତି ପ୍ରଧାନ (୧୮) ଓ ମଦରଗା ମୁଣ୍ଡା ଗ୍ରାମର ସରୋଜ ନାଏକ (୧୭) ଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି ।

# ଚାମେଲିଙ୍କୁ ନ୍ୟାୟ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ

**କେନ୍ଦ୍ରାପଡ଼ା, ୧୭।୬/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ ମହାକାଳପଡ଼ା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦେବା ଦାବିରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଯୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ନେତୃତ୍ୱରେ ଶହ ଶହ ଯୁବ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଥମେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କେନ୍ଦ୍ରାପଡ଼ା ତିନିମୁହାଣୀ ଠାରେ ପହଞ୍ଚିବା ପରେ ତାଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ କରାଯାଇ ନୂଆ ବସ୍‌ଷ୍ଟାଣ୍ଡକୁ ଅଣାଯାଇଥିଲା । ସେଠାରୁ ସମସ୍ତ ଯୁବ କଂଗ୍ରେସ କର୍ମୀମାନେ ଏକ ରାଲି କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ । ଏହି ସଭାରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର ପ୍ରଶାସନ ତରଫରୁ କିଭଳି ଶାସକ ଦଳର ହାତବାରିଶ ସାଜି ସ୍ଥାନୀୟ ବିଡିଓ ଥାନାଧିକାରୀ



ଚାମେଲିଙ୍କୁ ନିର୍ଯାତନା ଦେବା ସହ ତାଙ୍କ ବିରୋଧରେ ସାଂଘାତିକ ଦଫାରେ କେଶ ରୁଜୁ କରାଇ ତାଙ୍କୁ ଜେଲ ପଠାଇଛନ୍ତି ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ । ଗୋଟେ ପଟେ ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ପାଇଁ ସଜବାଜ ହେଉଥିବା ବେଳେ ଚାମେଲି ଭଳି ମହିଳା ଲୋକ ପ୍ରତିନିଧିଙ୍କୁ କିଭଳି ଏକ ରକମର ମିଥ୍ୟା ମକଦ୍ଦମାରେ ଫସାଇ ଜେଲ ପଠାଉଛନ୍ତି ତାହା ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି କହି ତୁରନ୍ତ ସ୍ଥାନୀୟ ବିଧାୟକ, ବିଡିଓ, ଥାନାଧିକାରୀ ଓ ଏସପିଙ୍କୁ ପକ୍ଷଭୁକ୍ତ କରି ଘଟଣାର ଏକ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ ବିଧାୟକ ଚିନ୍ମୟ ବେହୁରା, ଜ୍ୟୋତି ରଞ୍ଜନ ପରିଡା, ରାଜିବ ଲୋଚନ ମିଶ୍ର, କାର୍ତ୍ତିକ ମଲ୍ଲିକ, ପଙ୍କଜ ଦାସ, ପ୍ରମିଳା, ସାହୁ, ଦୁର୍ଯ୍ୟୋଧନ ମହାନ୍ତି, ନଗର ସଭାପତି ଦିଲ୍ଲିପ ପ୍ରଧାନ, ରବିନାରାୟଣ ବେହେରା, ସୁଶାନ୍ତ ମଲ୍ଲିକ, ପ୍ରମିଳା ସାହୁ, ରତିକାନ୍ତ ନାୟକ, ଜଗବନ୍ଧୁ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ରଞ୍ଜିତ ପାତ୍ର, ସୁଦିପ ସାମଲ, କେଦାର ଦଳାଇ, ଆଲୋକ କୁମାର ଦାସ, ପ୍ରିତମ ପରିଜା, କାର୍ତ୍ତିକ କାଣ୍ଡି, ଲିପିକା ପାତ୍ର, ଚିତ୍ତରଞ୍ଜନ ନାୟକ, ରଶ୍ମିକାନ୍ତ ସାହୁ, ଜଗଦିଶ ରାଉତ, ସନ୍ଦିପ ରାଉତରାୟ, ସୁନିଲ ସାହୁ, ବିରଞ୍ଚି ବାରିକ, ରଞ୍ଜିତ ପାଇକରାୟ, ଅମରେଶ ପରିଡା, ପ୍ରତ୍ୟୁଷ ପ୍ରଧାନ, ସରୋଜ ଦାସ ପ୍ରମୁଖ ଅନେକ କଂଗ୍ରେସ ନେତୃବୃନ୍ଦ ଉକ୍ତ ଘଟଣାରେ ସରକାର ଓ ପ୍ରଶାସନକୁ ତୀବ୍ର ସମାଲୋଚନା କରିଥିଲେ । ଆଜି ଏହି କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ଏକ ପ୍ରକାର ଚାମେଲିଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିବାକୁ ଶକ୍ତି ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି ।

# ଭିନ୍ନ ଢଙ୍ଗରେ ଦାବି ଉପସ୍ଥାପନ କଲେ ଗ୍ରାମବାସୀ

**ଚାନ୍ଦୋଲ, ୧୭।୬/ଏନ୍ଏନ୍ଏସ୍:** ଡ଼େରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଜହ୍ନିମୂଳ ଗ୍ରାମରେ ନିର୍ମାଣଧୀନ ଏକ ପ୍ରକଳ୍ପର କାର୍ଯ୍ୟ ଶେଷ ନିମନ୍ତେ ଅହେତୁକ ବିଳମ୍ବର ପ୍ରତିବାଦ କରି ଜିଲ୍ଲାପାଳଙ୍କୁ ନିଆରା ଢ଼ଙ୍ଗରେ ଏକ ଅଭିଯୋଗ ଦେଇଛନ୍ତି । ପ୍ରକାଶ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚଣ୍ଡିବଜାର ଠାରୁ ବଡ଼ଫୋଗଳ ଭାୟା ଜହ୍ନିମୂଳ ଦେଢ଼ କିଲୋଟର ଲମ୍ବର ରାସ୍ତା କାର୍ଯ୍ୟ ଦୁଇବର୍ଷ ତଳେ ଆରମ୍ଭ କରାଯାଇଥିଲେବି ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇନାହିଁ । ଏହି ରାସ୍ତା ଅତିକ୍ରମ କରିଥିବା ୨୦ ନଂ ଡ୍ରେନେଜ୍‌କଟ୍ ଉପରେ ପୂର୍ବରୁ ଥିବା ଏକ ପୋଲଟି ଚଳିତ ବର୍ଷ ଜାନୁଆରୀ ମାସ ପ୍ରଥମ ସପ୍ତାହରେ ଭାଙ୍ଗି ଦିଆଯାଇଛି । ସେହି ପୋଲଟି କାର୍ଯ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ । ଯାହା ଫଳରେ ଗ୍ରାମବାସୀମାନେ ପାଞ୍ଚ କିଲୋମିଟର ବାଟ ବୁଲି ବୁଲି ଯିବା ଆସିବା କରୁଛନ୍ତି । ଚାଷ ପାଇଁ ଟ୍ରାକ୍ଟର ଏପଟ ଚକରୁ ସେପଟ ଚକଯାଏ ଯିବା ପାଇଁ ବି ୫ କିଲୋମିଟର ବାଟ ଅତିକ୍ରମ କରିବା ପାଇଁ ପଡୁଛି । ବର୍ଷା ହେଲେ ଚଣ୍ଡିବଜାରରୁ ଜହ୍ନିମୂଳ ଯାଏ ରାସ୍ତାଟି କାଦୁଅ



ହୋଇଯାଉଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ପୋଲ ନିର୍ମାଣ ସ୍ଥଳୀରେ ଡ୍ରେନେଜ୍ କଟ୍‌ଟିକୁ ପୋତା ଯାଇଥିବାରୁ ଚଳିତ ଖରିଫ୍ ଋତୁରେ ଉଦବୃତ ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେବ । ଏହିସବୁ ଅସୁବିଧା ନେଇ ଗ୍ରାମବାସୀଙ୍କ ତରଫରୁ ବାପିନ କୁମାର ମଲ୍ଲ, ପ୍ରଶାନ୍ତ କୁମାର ଓଝା, ଅମୀୟ କୁମାର ମଲ୍ଲ, ପ୍ରଫୁଲ୍ଲ କୁମାର ରାଉଳ, ଦଜରତନ ମୁଦୁଲି ଓ ଦିବାକର ବାରିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଲେଖି ଆସନ୍ତା ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଅନୁମତି ଲୋଡ଼ିଛନ୍ତି ।

**ନିତି ଭାରତୀ**
ପ୍ରତ୍ୟେକ ନବଜାତ ଶିଶୁ ଏଇ ବାର୍ତ୍ତାଟିଏ ସାଙ୍ଗରେ ନେଇ ଆସିଥାଏ ଯେ ଈଶ୍ୱର ଏ ପର୍ଯ୍ୟନ୍ତ ସୁଦ୍ଧା ମଣିଷ ଉପରେ ନିରାଶା ବ୍ୟକ୍ତ କରି ନାହାନ୍ତି । - **ରବୀନ୍ଦ୍ରନାଥ ଠାକୁର**

NITIDIN ନିତିଦିନ
ଗୁରୁବାର, ୧୮ ଜୁନ ୨୦୨୬

# ପ୍ରକୃତି, ପରମ୍ପରା ଓ ସଂସ୍କୃତିର ମହାମିଳନ ଶୀତଳ ଷଷ୍ଠୀ



ସାଇପ୍ରସାଦ ସାହୁ

ଶିବ ଓ ପାର୍ବତୀ ହେଉଛନ୍ତି ଶକ୍ତିର ପ୍ରତୀକ । ଆଧ୍ୟାତ୍ମିକ ଦୃଷ୍ଟିରୁ ଶିବ ପାର୍ବତୀଙ୍କ ବିବାହ ତଥା ଦୁଇ ଶକ୍ତିର ମିଳନକୁ ଶୀତଳ ଷଷ୍ଠୀ କୁହାଯାଏ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ପବିତ୍ର ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ । ଶ୍ରୀରାମ ଓ ସୀତାଙ୍କ ବିବାହ, ଶ୍ରୀକୃଷ୍ଣ ଓ ରୁକ୍ମିଣୀ ବିବାହ ଭଳି ଅନେକ ଦେବ ଦମ୍ପତିଙ୍କ ବିବାହ ପୁରାଣରେ ବର୍ଣ୍ଣନା କରାଯାଇଛି । ସେଥି ମଧ୍ୟରୁ ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ଉତ୍ସବର ବେଶ୍ ସ୍ୱତନ୍ତ୍ରତା ରହିଛି । ବିଶେଷକରି ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ସମ୍ପୂର୍ଣ୍ଣ ଲୋକାଚାରରେ ସାମାଜିକ ରୀତିନୀତି ଅନୁସାରେ ହେଉଥିବା ଏହି ବିବାହ ଉତ୍ସବ ବେଶ୍ ଆଡ଼ମ୍ବର ଓ ଲୋକପ୍ରିୟ । ଶୀତଳତାର ସଂକେତ ବହନ କରୁଥିବା ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ଏହି ପବିତ୍ର ବିବାହ ଉତ୍ସବ 'ଶୀତଳ ଷଷ୍ଠୀ' । ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ସମୟରେ ଗ୍ରୀଷ୍ମ ପ୍ରକୋପରେ ସମଗ୍ର ପୃଥିବୀ ପୃଷ୍ଠ ଅତ୍ୟନ୍ତ ଉତ୍ତପ୍ତ ଥାଏ । ବର୍ଷାର ଆଗମନରେ ମାଟି ଓଦା ହୋଇ ପୃଥିବୀ ପୃଷ୍ଠ ଶୀତଳ ହୁଏ । ଏହି କାରଣରୁ ଏହାକୁ ଶୀତଳ ଷଷ୍ଠୀ ମଧ୍ୟ କୁହାଯାଏ । ଅପୂର୍ବ ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବ ଦମ୍ପତିଙ୍କୁ ସାଦର ସଭକ୍ତିର ସହ ସ୍ୱାଗତ କରିଥାନ୍ତି । ରୁଦ୍ର ରୂପୀ ଶିବ ଓ ଶାନ୍ତି ରୂପୀ ଦେବୀ ପାର୍ବତୀଙ୍କ ମହାମିଳନରେ ଜଗତ ହୁଏ ଆଶ୍ୱସ୍ତ । ଶିବ ଓ ଶକ୍ତିଙ୍କର ଏହି ମହାମିଳନର ପରମ୍ପରା ହେଉଛି ଶୀତଳ ଷଷ୍ଠୀର ବୈଶିଷ୍ଟ୍ୟ ।

ସମ୍ବଲପୁରର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ମିଳନର ପର୍ବ ହେଉଛି ପବିତ୍ର ଶୀତଳ ଷଷ୍ଠୀ । ଶୀତଳ ଷଷ୍ଠୀର ମହତ୍ତ୍ୱ ସମଗ୍ର ପଶ୍ଚିମ ଓଡ଼ିଶାରେ ରହିଛି । ମାତ୍ର ସମ୍ବଲପୁରବାସୀଙ୍କର ଶୀତଳ ଷଷ୍ଠୀ ଯାତ୍ରା ସହ ରହିଛି ଏକ ଭାବନାତ୍ମକ ସଂପର୍କ । ଶିବ ବିବାହ ଅନୁଷ୍ଠାନର ପୃଷ୍ଠଭୂମିରେ ସାମାଜିକ, ଅର୍ଥନୈତିକ, କୃଷିଭିତ୍ତିକ, ଧର୍ମତାତ୍ତ୍ୱିକ ଓ ଗଭୀର ଦର୍ଶନ ନିହିତ ଥିବା ଲକ୍ଷ୍ୟ କରାଯାଏ । ସମ୍ବଲପୁରରେ ପାଳିତ ହେଉଥିବା ଶୀତଳ ଷଷ୍ଠୀ ଦୀର୍ଘ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପଶ୍ଚିମ ଓଡ଼ିଶାର ଜନଜୀବନ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ତେବେ କୁହାଯାଏ, ସମ୍ବଲପୁରର ମହାରାଜା ବୀର ବଳୀୟାର ସିଂହ ପୁରୀରୁ ବ୍ରାହ୍ମଣମାନଙ୍କୁ ସମ୍ବଲପୁରକୁ ଆଣିଲା ପରେ ସମ୍ବଲପୁର ସହରସ୍ଥିତ ବାଲିବନ୍ଧାରେ ପ୍ରଥମେ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହୋଇଥିଲା । ସେ ସମୟରେ ବର୍ତ୍ତମାନ ଭଳି ବେଶ୍ ଆଡ଼ମ୍ବର ଓ ଚାକଚକ୍ୟ ନଥିଲା । ପୁରୀ ଢାଞ୍ଚାର ନୀତି ନିୟମରେ ଏହା ଅନୁଷ୍ଠିତ ହୋଇଥିଲା । କାଳକ୍ରମେ ନନ୍ଦପଡ଼ା ଓ ଝାଡ଼ୁଆପଡ଼ା ପରେ ମୁଦିପଡ଼ାରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ଧୀରେ ଧୀରେ ଏହି ନିରାଡ଼ମ୍ବର ଉତ୍ସବ ଭବ୍ୟ ରୂପ ଧାରଣ କଲା ଏବଂ ପ୍ରତିସ୍ପନ୍ଦନମୂଳକ ହେବାରୁ ଏହା କ୍ରମେ ରୋଚକ ଓ ଆକର୍ଷଣୀୟ ହେବା ସହ ସାଂସ୍କୃତିକ ମହାସଙ୍ଗମର ରୂପ ଧାରଣ କଲା । ବର୍ତ୍ତମାନ ସମୟରେ ପ୍ରତି ପଡ଼ାରେ ଏହା ଅନୁଷ୍ଠିତ ହେଉଛି । ସମଗ୍ର ସମ୍ବଲପୁର ଶୀତଳ ଷଷ୍ଠୀର ରଙ୍ଗରେ ରଙ୍ଗାୟିତ ହୋଇ ଉଠୁଛି ।

ସମ୍ବଲପୁରରେ ଶୀତଳ ଷଷ୍ଠୀ ଯାତ୍ରା କେବେଠାରୁ ଆରମ୍ଭ ହୋଇଛି ଏବଂ କିଏ ପ୍ରଥମେ ଆରମ୍ଭ କରିଥିଲେ, ସେ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଲେଖା ଓ ଇତିହାସ ନାହିଁ । ତେବେ ଏହାକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । ଲୋକମାନଙ୍କ କହିବା ଅନୁସାରେ ଓ ଜନଶ୍ରୁତିରୁ ଶୁଣିବାକୁ ମିଳେ, ଚୌହାନ ବଂଶର ରାଜାମାନେ ଶିବ ଓ ଶକ୍ତିଙ୍କର ଉପାସନା କରୁଥିଲେ । ସେବେଠାରୁ ଶୀତଳ ଷଷ୍ଠୀ ଯାତ୍ରା ହେଉଥିବା ଅନୁମାନ କରାଯାଉଛି । ପ୍ରାୟ ୫ ଶହ ବର୍ଷ ପୂର୍ବେ ପୁରୀ ଅଞ୍ଚଳରୁ ଆସି ଏଠାରେ ରହୁଥିବା ବ୍ରାହ୍ମଣମାନେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଏହି ବିବାହ ଉତ୍ସବ ଶୀତଳ ଷଷ୍ଠୀ ଭାବେ ବେଶ୍ ଲୋକପ୍ରିୟ ହୋଇଥିଲା । ସମ୍ପ୍ରତି ସହରର ନନ୍ଦପଡ଼ା ଭଳି ଝାଡ଼ୁଆପଡ଼ା, ମୁଦିପଡ଼ା, ବାଲିବନ୍ଧା, ବଡ଼ବଜାର, ଠାକୁରପଡ଼ା, ଦୁର୍ଗାପାଲି, ବୁଢ଼ାରଜା ଓ ସିନ୍ଦୂରପଙ୍କ ଭଳି ସହରର ବହୁ ସ୍ଥାନରେ ଶୀତଳ ଷଷ୍ଠୀ ଯାତ୍ରା ଖୁବ୍ ଧୁମ୍‌ଧାମ୍‌ରେ ପାଳିତ ହେଉଛି । ପତରପେଣ୍ଡିଠାରୁ ଶୀତଳ ଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀ ତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବର ଯାତ୍ରା, ପର ଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା' ପର ଦିନ ମଧ୍ୟାହ୍ନରେ ଶିବ ପାର୍ବତୀ ବାହୁଡ଼ା ବର କନ୍ୟାଙ୍କର ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ଓ ମନୋମୁଗ୍ଧକର । ଶୀତଳ ଷଷ୍ଠୀ ଏକ ଲୌକିକ ପରମ୍ପରା, ଯେଉଁଠାରେ ମଣିଷ ଓ ଦେବତାଙ୍କର ମହାମିଳନ ହୁଏ । ଦେବତା ମଧ୍ୟ ମର୍ତ୍ତ୍ୟରେ ଜନ ଜୀବନର ଅଂଶବିଶେଷ ହୋଇ ଯାଆନ୍ତି । ଶୀତଳ ଷଷ୍ଠୀର ପୃଷ୍ଠଭୂମିରେ ରହିଛି ଅନନ୍ୟ ଦାର୍ଶନିକ ତଥା ଆଧ୍ୟାତ୍ମିକ ଚିନ୍ତନ ।

ଶୀତଳ ଷଷ୍ଠୀ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କିନ୍ତୁ ଆମର ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିନୀତିରେ ଶିବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ବିବାହ ଦିନ ବେଳା ହେବା ସହ ସୂର୍ଯ୍ୟଙ୍କୁ ସାକ୍ଷୀ ରଖା ଯାଇଥାଏ । କିନ୍ତୁ ଆରଣ୍ୟକ ପରମ୍ପରାରେ ରାତ୍ରି କାଳରେ ବିବାହ ହେବା ସହ ଅଗ୍ନିଙ୍କୁ ସାକ୍ଷୀ ରଖାଯାଇଥାଏ । ଉତ୍କଳୀୟ ପରମ୍ପରା ଅନୁସାରେ ବିବାହ ହେଉଥିଲେ ହେଁ ଦେବ ଦେବ ମହାଦେବ ଓ ଜଗତ ଜନନୀ ମାତା ପାର୍ବତୀଙ୍କ ବିବାହ ରାତ୍ରି କାଳରେ ହେଉଥିବାରୁ ଏହାକୁ ଆରଣ୍ୟକ ଶୀତଳ ଷଷ୍ଠୀ କୁହାଯାଏ । ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ, ନିର୍ବନ୍ଧ ଓ ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହାଆଡ଼ମ୍ବରରେ ବରଯାତ୍ରୀ ଆଗମନ, ବୈଦିକ ରୀତିନୀତିରେ ବେଦୀରେ ଦେବ ଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ଦାନ ଓ ଯାନି ଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ । ଓଡ଼ିଶାର ସମ୍ବଲପୁର ଶୀତଳ ଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଅପୂର୍ବ ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବ ଦମ୍ପତିଙ୍କୁ ସାଦର ସଭକ୍ତି ସ୍ୱାଗତ କରିଥାନ୍ତି । ଦେବ ଦମ୍ପତିଙ୍କର ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଅକ୍ଷୟ ତୃତୀୟା ଦିନ ଥାଳ ଉଠିବାଠାରୁ ଯାତ୍ରା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ଦିନ ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଁଡି ବା ନିର୍ବନ୍ଧ (ପିନ୍ଧାଣି) ଏବଂ ତା' ପର ଦିନ ନୃସିଂହ ନିଉତା ବା ଦେବ ନିମନ୍ତ୍ରଣ ଦେବଦେବୀଙ୍କ ବିବାହ ପାଇଁ ଅନୁଷ୍ଠିତ ହୋଇଥାଏ । ଝାଡ଼ୁଆପଡ଼ାର ଲୋକନାଥ ବାବା, ମୁଦିପଡ଼ାର ଜାଗେଶ୍ୱରବାବା, ବଡ଼ବଜାରର ଶୀତଳେଶ୍ୱର ବାବା ଏବଂ ଠାକୁରପଡ଼ାର ଗୁପ୍ତେଶ୍ୱର ବାବାଙ୍କ ତୃତୀୟା ଦିନ ପତରପେଁଡି ଏବଂ ଚତୁର୍ଥୀ ଦିନ ଗୁଆଗୁଣ୍ଡା ଅନୁଷ୍ଠିତ ହୋଇଥାଏ । ପଞ୍ଚମୀ ତିଥି ରାତିରେ ଶ୍ମଶାନଚାରୀ ଶିବ ବରବେଶ ହୋଇ ବୃଷଭ ଆରୋହଣ କରି ଭବ୍ୟ ଶୋଭାଯାତ୍ରାରେ କନ୍ୟାପିତା ଗୃହକୁ ଗମନ କରନ୍ତି । ତାଙ୍କ ବରଯାତ୍ରୀରେ ଶ୍ମଶାନବାସୀ, ସାକ୍ଷୀଗୋପିନାଥ, ହନୁମାନ, ନୃସିଂହ ଦେବଦେବୀ ସାମିଲ୍ ହୋଇଥାନ୍ତି । ଦେବ ଦମ୍ପତିଙ୍କ ବିବାହ ସମ୍ପୂର୍ଣ୍ଣ ଲୋକାଚାରରେ ସମ୍ପନ୍ନ କରାଯାଉ ଥିବାରୁ ପ୍ରତି ବର୍ଷ ଯାତ୍ରା କମିଟି ପକ୍ଷରୁ କନ୍ୟା ପିତାମାତା ଚୟନ କରାଯାଏ । ଯେଉଁମାନେ କନ୍ୟା ପିତାମାତା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି, ସେମାନେ କନ୍ୟା ପାର୍ବତୀଙ୍କୁ ତାଙ୍କ ଘରକୁ ନେଇଥାନ୍ତି । ବିବାହ ପରେ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଅନ୍ୟ ଯାନିଯୌତୁକ ସାଧ୍ୟମତେ ପ୍ରଦାନ କରି ବିଦାୟ ଦେଇଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକରଣରେ ନବ ଦମ୍ପତିଙ୍କର ବିବାହ ହୋଇଥାଏ । ଏହା ବ୍ୟତୀତ ବର ନିମନ୍ତ୍ରଣ ଓ କନ୍ୟା ବିଦାୟ ଦୃଶ୍ୟ ମଧ୍ୟ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଥାଏ ।




ନନ୍ଦପଡ଼ାର ବମ୍‌ବରାଡ଼ ବାଲୁଙ୍କେଶ୍ୱର, ଝାଡ଼ୁଆପଡ଼ାର ଶ୍ରୀଲୋକନାଥ ବାବା, ମୁଦିପଡ଼ାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧର ସୋମନାଥ ବାବା, ଦୁର୍ଗାପାଲିର ଶ୍ରୀଗୁଡ଼େଶ୍ୱର ବାବାଙ୍କ ପ୍ରସିଦ୍ଧ ଶୀତଳ ଷଷ୍ଠୀ ପର୍ବରେ ସ୍ଥାନୀୟ ତଥା ବହିରାଗତ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶରେ ସମ୍ବଲପୁର ଲୋକାରଣ୍ୟ ହୋଇଉଠେ । ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ଏଥିରେ ଯୋଗ ଦେଇଥାନ୍ତି ଏବଂ ସଂସ୍କୃତିର ଇନ୍ଦ୍ରଧନୁ ସ୍ପର୍ଶ କରନ୍ତି । ଏହି ସାଂସ୍କୃତିକ ଶୋଭାଯାତ୍ରା ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାର ଅନନ୍ୟ ଓ ବଳିଷ୍ଠ ପରମ୍ପରା । ଶୀତଳ ଷଷ୍ଠୀ ଯାତ୍ରା ପଶ୍ଚିମ ଓଡ଼ିଶାବାସୀଙ୍କ ନିମନ୍ତେ ଆଣିଦିଏ ଆସନ୍ନ ଶୀତଳତାର ଶାନ୍ତି ଓ ଆଶ୍ୱସ୍ତିର ପ୍ରତିଶ୍ରୁତି । କେବଳ ଧାର୍ମିକ ଭାବନାର ଭିତ୍ତିଭୂମି ଭାବରେ ନୁହେଁ, ବରଂ ସାମାଜିକ ବନ୍ଧନର ସୁଦୃଢ଼ତା ତଥା ସାମୂହିକ ଆନନ୍ଦ ଉପଲବ୍ଧି ନିମନ୍ତେ ଲୋକାଧାରର ଏହା ଏକ ବଳିଷ୍ଠ ଦିଗ । ନିର୍ମଳ ଆନନ୍ଦ, ଉଦାର ଆଧ୍ୟାତ୍ମିକ ଭାବନା, ଭାଷା, ସାଙ୍ଗଠନିକ, ସାମ୍ପ୍ରଦାୟିକ ସଦ୍‌ଭାବନା ଓ ମାନବୀୟ ସଂସ୍କୃତି ହେଉଛି ଏହି ଲୋକଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି କ୍ରମରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଏକ ଅନନ୍ୟ ଲୋକଉତ୍ସବ । ଏହା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ବର୍ଗକୁ ଆପଣାଇ ସମସ୍ତଙ୍କୁ ଏକତା, ସଂହତି ଓ ସଂପ୍ରୀତିର ବାର୍ତ୍ତା ଦେଇ ଆସୁଛି ।

**ଆଇନଜୀବୀ, ସିନ୍ଧେକେଲା, ବଲାଙ୍ଗୀର**
**ମୋ: ୯୯୩୭୦୩୪୭୪୨**

# ନାମାଚାର୍ଯ୍ୟ ବୈକୁଣ୍ଠନାଥ



ଆରତି କର

କଟକ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ କଟରପା ଗ୍ରାମର ଏକ ସଂସ୍କୃତିସଂପନ୍ନ ପରିବାରରେ ଜନ୍ମ ନିଅନ୍ତି ବୈକୁଣ୍ଠନାଥ ପଣ୍ଡା, ଯିଏକି ବଇମାଷ୍ଟ୍ରେ ଭାବରେ ବେଶ୍ ଜଣାଶୁଣା । ଖାଲି ଯେ ସଂସ୍କୃତିସଂପନ୍ନ ଥିଲା ତାଙ୍କର ପରିବାର, ତା' ନୁହେଁ, ଯେଉଁ ଗ୍ରାମରେ ତାଙ୍କର ଜନ୍ମ, ତାହା ମଧ୍ୟ ବେଶ୍ ଐତିହ୍ୟସଂପନ୍ନ । କିମ୍ବଦନ୍ତୀ କୁହେ, ସହଜଯାନୀ କାହ୍ନୁପା, ବିରୁପା, ଲୁଇପା ପୁଣି ନାଥପନ୍ଥୀ ହାଡ଼ିପାଙ୍କ ପରି କେହି ଜଣେ ସିଦ୍ଧ ସାଧକ କଟରପାଦଙ୍କ ନାମାନୁଯାୟୀ ଏ ସ୍ଥାନର ନାମ ହୋଇଛି କଟରପା । ତା' ଛଡ଼ା କଟରପା ଗ୍ରାମ ନିକଟବର୍ତ୍ତୀ ଏକ କୁଦରେ ବିଭିନ୍ନ ସମୟରେ ସାଧୁ ସନ୍ଥମାନେ ଜପ, ତପ ଆଚରଣ କରୁଥିବାରୁ ସ୍ଥାନର ନାମ ହୋଇଛି ଉପକୁଦ । ଏମିତି ଏକ ଆଧ୍ୟାତ୍ମିକ ପରିବେଶରେ ଜନ୍ମ ନିଅନ୍ତି ବୈକୁଣ୍ଠନାଥ ।।

ଏହି କଟରପା ଗ୍ରାମର ଅନ୍ୟତମ ଆକର୍ଷଣ ପ୍ରଭୁ ବଳଦେବଜିଉଙ୍କର ପୂଜକ ପରିବାରରେ ଜନ୍ମ ନିଅନ୍ତି ବୈକୁଣ୍ଠନାଥଙ୍କ ଜେଜେ ଜୟରାମ ପଣ୍ଡା, ଯିଏ ଥିଲେ ଜଣେ ଗୃହୀ ବୈଷ୍ଣବ । ଭାରତବର୍ଷର ବିଭିନ୍ନ ତୀର୍ଥକ୍ଷେତ୍ର ପରିଭ୍ରମଣ ତଥା ସାଧୁ ସନ୍ଥମାନଙ୍କ ସତ୍‌ସଙ୍ଗ ଲାଭ କରି ବୃନ୍ଦାବନରୁ ପ୍ରଭୁ ଶ୍ରୀଗୋପାଳଜିଉଙ୍କ ପ୍ରତିମା ଆଣି ତାଙ୍କର ଆରାଧ୍ୟ ତଥା କୁଳଦେବତା ଭାବେ ପ୍ରତଷ୍ଠା କରିଥିଲେ । ତେଣୁ ସାରା ବର୍ଷ ପ୍ରାୟ ତାଙ୍କ ଘରେ ଭଜନ କୀର୍ତ୍ତନ ଓ ସାଧୁ ସନ୍ଥମାନଙ୍କର ଯିବା ଆସିବା ଲାଗି ରହିଥାଏ । ଏମିତି ଏକ ଶାଶ୍ୱତ ପରିବେଶରେ ଲାଳିତପାଳିତ ହୋଇ ଭଗବତ୍ ଚେତନା ଆଡ଼କୁ ସ୍ୱତଃ ଆକର୍ଷିତ ହୋଇ ଯାଇଥିଲେ ବୈକୁଣ୍ଠନାଥ । ଭାଗବତର ସେହି ମହାନ୍ ବାଣୀ- 'ମହତେ ଯାହା ଆଚରିବେ, ଇତରେ ତାହା ହିଁ କରିବେ,' ସ୍ୱତଃ ପ୍ରତିଫଳିତ ହୋଇଥିଲା ବୈକୁଣ୍ଠନାଥଙ୍କ ଜୀବନରେ ।

ସ୍ଥାନୀୟ କଟରପା ପ୍ରାଥମିକ ବିଦ୍ୟାଳୟ ଓ ମହାସିଂହପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ ଶିକ୍ଷାଲାଭ କରି ଜଣେ ମେଧାବୀ ଛାତ୍ର ଭାବେ ପରିଗଣିତ ହେଲେ ମଧ୍ୟ ଆଉ ଅଧିକ ଉଚ୍ଚଶିକ୍ଷା ବୋଧହୁଏ ତାଙ୍କ ଭାଗ୍ୟରେ ନଥିଲା । ପରେ ପରେ ସେ ନିଜେ ଚାଟଶାଳୀଟିଏ ଖୋଲି କୋମଳମତି ଛାତ୍ରଛାତ୍ରୀମାନଙ୍କ ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରାଇ ଥାଆନ୍ତି ଓ କିଛିଦିନ ପରେ ଆନୁଷ୍ଠାନିକ ଭାବେ କଟରପା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗ ଦିଅନ୍ତି । ପରେ ପରେ ଜାଗୁଲାଇପଡ଼ା, ଓଡ଼ାସିଂହ ଓ ଧନୁପଡ଼ା ପ୍ରଭୃତି ସ୍ଥାନ ପାଲଟି ଯାଏ ତାଙ୍କର କର୍ମକ୍ଷେତ୍ର ଆଉ ବୈକୁଣ୍ଠନାଥରୁ ସେ ଜନ ସମାଜରେ ପରିଚିତ ହୁଅନ୍ତି ବଇମାଷ୍ଟ୍ରେ ଭାବରେ । ତାଙ୍କରି ଦିଗ୍‌ଦର୍ଶନରେ କେତେ ଯେ ଛାତ୍ର ସମାଜରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ଖୋଜି ବସିଲେ ଆଖି ପାଏନା । ସୀମିତ ଶିକ୍ଷାଗତ ଯୋଗ୍ୟତା ସତ, ମାତ୍ର ଜଣେ ଛାତ୍ରବତ୍ସଳ ତଥା ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଥିଲେ ବଇମାଷ୍ଟ୍ରେ, ଯିଏକି କେବଳ ଦେବାରେ ହିଁ ଲାଭ କରୁଥିଲେ ଅପୂର୍ବ ପ୍ରଶାନ୍ତି ।

ଏହି ଦେବା ପର୍ଯ୍ୟାୟ କାଳକ୍ରମେ ଜ୍ଞାନରୁ ନାମକୁ ପରିବର୍ତ୍ତିତ ହୋଇ ବଇମାଷ୍ଟ୍ରେ ପରିଚିତ ହୋଇଥିଲେ ଆଚାର୍ଯ୍ୟରୁ ନାମାଚାର୍ଯ୍ୟ ଭାବରେ । 'ହରେକୃଷ୍ଣ ମହାମନ୍ତ୍ର'ର ପ୍ଲାବନ କିପରି ଏ ସଂସାରରେ ଅନୁଭୂତ ହେବ, ଏହା ହିଁ ଥିଲା ତାଙ୍କର ଏକାନ୍ତ ଅଭିଳାଷ ନିଜେ ସଦାସର୍ବଦା ସତ୍‌ସଙ୍ଗରେ ବୁଡ଼ି ରହିବା ସଙ୍ଗେ ସଙ୍ଗେ ଏ ଜଗତ କିପରି ସାଧୁସଙ୍ଗ ପ୍ରତି ଆକର୍ଷିତ ହେବ, ତାହା ହିଁ ଥିଲା ତାଙ୍କର

## ପୁଣ୍ୟତିଥି ଅବସରରେ

ପ୍ରଚେଷ୍ଟା । ଜୀବନରେ ସବୁକିଛି ପ୍ରାପ୍ତିର ଏକମାତ୍ର ମାର୍ଗ ସାଧୁସଙ୍ଗ- 'ସାଧୁସଙ୍ଗ ସାଧୁସଙ୍ଗ ସର୍ବ ଶାସ୍ତ୍ର କହେ, ଏକମାତ୍ର ସାଧୁ ସଙ୍ଗେ ସର୍ବ ପ୍ରାପ୍ତ ହୁଏ ।'

ବାସ୍ତବିକ ଭଗବାନ ନିଜେ ଗୁରୁ ରୂପରେ ଆସି ଏ ସମାଜକୁ ଦେଖାଇ ଥାଆନ୍ତି ମୁକ୍ତିର ପଥ, ଯାହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛନ୍ତି ନାମାଚାର୍ଯ୍ୟ ବଇମାଷ୍ଟ୍ରେ । ନାମ ରସରେ ହିଁ ସେ ସଦାସର୍ବଦା ଅବଗାହନ କରି ଏକରକମ ପାଗଳ ହୋଇ ଯାଉଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ବେଶ୍ ସରଳ, ନିରାଡ଼ମ୍ବର, ମିଷ୍ଟଭାଷୀ, ବିନୟୀ, ହରିକଥା ପିପାସୁ, ସମୟାନୁବର୍ତ୍ତୀ ଓ ସବୁର ଊର୍ଦ୍ଧ୍ୱରେ ଅତ୍ୟନ୍ତ କର୍ତ୍ତବ୍ୟ ସଚେତନ । ପ୍ରାୟ କଟକଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଅଞ୍ଚଳରେ ସେ ସୁପ୍ରସିଦ୍ଧ ଥିଲେ ସଂକୀର୍ତ୍ତନ ଗୁରୁ ଭାବରେ । ତାଙ୍କ ଆଦର୍ଶରେ କେତେ ଯେ ଛାତ୍ର ଏହି ସଂକୀର୍ତ୍ତନ ପରମ୍ପରାକୁ ଉଜ୍ଜୀବିତ କରି ରଖିଛନ୍ତି, ତାଙ୍କୁ ଦେଖିଲେ ସ୍ୱତଃ ବଇମାଷ୍ଟ୍ରେଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନଇଁଯାଏ । ସମସ୍ତଙ୍କୁ ଆପଣାର କରିନେବା ଥିଲା ତାଙ୍କ ଚରିତ୍ରର ଅନ୍ୟତମ ବିଶେଷତ୍ୱ । ଅଷ୍ଟପ୍ରହରୀ ହେଉଛି ମାନେ, ଏ ଦାୟିତ୍ୱ ଯେପରି ସମ୍ପୂର୍ଣ୍ଣ ତାଙ୍କର; ସ୍ୱତଃ ଆଗେଇ ଯାଆନ୍ତି କାର୍ଯ୍ୟଟି କିପରି ସୁଚାରୁ ରୂପେ ସଂପନ୍ନ ହେବ, ସେସବୁ ନିରୀକ୍ଷଣ କରିବା ଉଦ୍ଦେଶ୍ୟରେ । ବଇମାଷ୍ଟ୍ରେଙ୍କ କାର୍ଯ୍ୟପନ୍ଥା ଅନୁଶୀଳନ କଲେ ସ୍ୱତଃ ମନକୁ ଆସିଥାଏ ଭାଗବତର ସେହି ଅମୃତ ବାଣୀ- 'ମୁହିଁ ବସଇ ଗୁରୁ ଦେହେ, ମୋ'ଠାରୁ ଗୁରୁ ଭିନ୍ନ ନୋହେ ।'

ସଂସାରେ ଥାଇ ସଂସାରୀ ହୋଇ ସେ ସଦା ଉଦାସୀନ ରୀତିରେ ସଂସାର ପ୍ରତି ନିରାସକ୍ତ ଭାବେ ନିରଳସ ସାଧନାରେ ବୁଡ଼ି ରହି ନିଜେ ଦିବ୍ୟ ନାମାମୃତ ପାନ କରିବା ସଙ୍ଗେ ସଙ୍ଗେ ଏ ଜାତିକୁ ଦେଖାଇ ଦେଇ ଯାଇଛନ୍ତି ଅମୃତର ପଥ । 'ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ' ନ୍ୟାୟରେ ତାଙ୍କର ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହୋଇ ଯାଇଛି ସତ, ମାତ୍ର ନାମାଚାର୍ଯ୍ୟ ବଇମାଷ୍ଟ୍ରେ ଭାବରେ ସେ କିନ୍ତୁ ଚିରସ୍ମରଣୀୟ ହୋଇ ରହିଗଲେ ଜନମାନସରେ । ଏହି ମହାନ୍ ସନ୍ଥଙ୍କର ସ୍ମୃତିକୁ ପାଥେୟ କରି ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ଗଢ଼ି ଉଠିଛି ବୈକୁଣ୍ଠନାଥ ସ୍ମୃତି ସଂସଦ ଓ ତାଙ୍କରି ଆଦର୍ଶକୁ ବିଞ୍ଚି ଚାଲିଛି ଅନୁଷ୍ଠାନର ମୁଖପତ୍ର 'ଜପକୁଦ ଜ୍ୟୋତି' । ସନ୍ଥ ବୈକୁଣ୍ଠନାଥ ଓ ଆମ ସମସ୍ତଙ୍କର ଅତି ପରିଚିତ ପୂଜ୍ୟ ବଇମାଷ୍ଟ୍ରେଙ୍କୁ ତାଙ୍କର ପୁଣ୍ୟତିଥି ଅବସରରେ ଜଣାଉଛି ଆଭୂମ ପ୍ରଣାମ ।

**ଶତାବ୍ଦୀ ନଗର, ଭୁବନେଶ୍ୱର**
**ମୋ: ୮୮୪୭୮୯୨୬୭୨**

**ସମ୍ପାଦକଙ୍କୁ ପତ୍ର**

# ରାଜ୍ୟରେ ଘରୋଇ ବି.ଇଡି. କଲେଜ ଖୋଲିବାକୁ ସରକାର ଅନୁମତି ଦିଅନ୍ତୁ

ଓଡ଼ିଶାରେ ବି.ଇଡି. ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କ ଆଗ୍ରହ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହାର କାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଯୁକ୍ତି କ୍ଷେତ୍ରରେ ବି.ଇଡି. ଟ୍ରେନିଂପ୍ରାପ୍ତ ଶିକ୍ଷକଙ୍କୁ ଅଗ୍ରାଧିକାର ଦିଆ ଯାଉଅଛି । ତେବେ ଏ କ୍ଷେତ୍ରରେ ବାଧକ ସାଜିଛି ସୀମିତ ସିଟ୍ ଓ ଅସୀମିତ ପ୍ରାର୍ଥୀ । ଏବେ ଆମ ରାଜ୍ୟରେ ବି.ଇଡି. ନାମଲେଖା ପାଇଁ ୨୮୦୦ ସିଟ୍ ରହିଥିବା ସ୍ଥଳେ ପ୍ରତି ବର୍ଷ ପ୍ରାୟ ୧,୫୦,୦୦୦ ଆଶାୟୀ ପ୍ରାର୍ଥୀ ଆବେଦନ କରି ଥାଆନ୍ତି । ରାଜ୍ୟରେ ପୂର୍ବରୁ ୮୦ରୁ ଅଧିକ ଘରୋଇ ବି.ଇଡି. ଶିକ୍ଷାନୁଷ୍ଠାନ ରହିଥିଲା । ୧୯୯୫ ମସିହାରେ ଏକ ଅଧ୍ୟାଦେଶ ଜାରି କରି ପ୍ରାଇଭେଟ୍ ବି.ଇଡି. କଲେଜ ଖୋଲିବା ଉପରେ ରାଜ୍ୟ ସରକାର ଅଙ୍କୁଶ ଲଗାଇଛନ୍ତି । ଏ ବାବଦରେ ଅଦାଲତରେ ମାମଲା ଏବେ ସୁଦ୍ଧା ବିଚାରାଧୀନ । ରାଜ୍ୟରେ ଥିବା ସରକାରୀ ବି.ଇଡି. କଲେଜ ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେଉ ନଥିବାରୁ ପ୍ରତି ବର୍ଷ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ ହେଉଛନ୍ତି । ଏହି ଘରୋଇ ବି.ଇଡି. କଲେଜଗୁଡ଼ିକ ଆଡ୍‌ମିସନ ନାଁରେ ଛାତ୍ରଛାତ୍ରୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଡୋନେସନ୍ ଆକାରରେ ନେଉଛନ୍ତି । ବେଳେବେଳେ ଛାତ୍ରଛାତ୍ରୀମାନେ ଦଲାଲଙ୍କ କବଳରେ ପଡ଼ି ଠକାମି ଓ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଣାତ୍ମକ ଶିକ୍ଷା ଏକ ପ୍ରକାର ନାହିଁ କହିଲେ ଚଳେ । ଚଳିତ ବର୍ଷ ବହୁ ସଂଖ୍ୟକ ଓଡ଼ିଆ ଛାତ୍ରଛାତ୍ରୀ ଛତିଶଗଡ଼ ଓ ପଶ୍ଚିମବଙ୍ଗରେ ନାମ ଲେଖାଇ ନପାରି ଫେରି ଆସିଛନ୍ତି । ଏବେ ଦେଶର ପ୍ରାୟ ସମସ୍ତ ରାଜ୍ୟରେ ଘରୋଇ କଲେଜରେ ବି.ଇଡି. ଶିକ୍ଷାଦାନ ହେଉଛି । ତାତ୍ପର୍ଯ୍ୟର ବିଷୟ ହେଉଛି, ରାଜ୍ୟ ବାହାରର ଘରୋଇ କଲେଜରୁ ସାର୍ଟିଫିକେଟ ହାସଲ କରି ପ୍ରାର୍ଥୀମାନେ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି । ତେଣୁ ଓଡ଼ିଶା ସରକାର ଘରୋଇ ବି.ଇଡି. କଲେଜ ଖୋଲିବାକୁ ଅନୁମତି ଦିଅନ୍ତୁ । ଏହା ଫଳରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ଆର୍ଥିକ ଶୋଷଣର ଶିକାର ହେବେ ନାହିଁ ।

**ପ୍ରତାପ ନାୟକ**
**ଏମ୍‌ଆଇଜି-୭୫, କେ-୯ଏ**
**କଳିଙ୍ଗ ବିହାର, ଭୁବନେଶ୍ୱର**

# କଂଗ୍ରେସ ବିଷୟରେ ଅପ୍ରିୟ ସତ୍ୟ

କୁହାଯାଏ, ସତ ଦିନେ ନା ଦିନେ ପଦାକୁ ଆସେ, ଆଉ କେତେଗୁଡ଼ିଏ ଅପ୍ରିୟ ସତ୍ୟ ସେତେବେଳ ପର୍ଯ୍ୟନ୍ତ ପଦାକୁ ବା ଜନ ସମାଜ ସମ୍ମୁଖକୁ ଆସି ନଥାଏ, ଯେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତି ବା ଗୋଷ୍ଠୀ/ ଦଳ କଠୋର ଆଘାତ ପାଇ ନଥାଏ । ଠିକ୍ ସେମିତି ଯେତେ ବେଳ ପର୍ଯ୍ୟନ୍ତ ତାମିଲନାଡୁ ବିଧାନସଭା ନିର୍ବାଚନ ଶେଷ ହୋଇ ସେଥିରେ ଡିଏମ୍‌କେ ଅତି ନିରାଶାଜନକ ଭାବରେ ପରାଜୟ ବରଣ କରି ନଥିଲା ଏବଂ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀ ଏହି ଦଳର ଦୀର୍ଘ ଦିନ ପର୍ଯ୍ୟନ୍ତ ଧରିଥିବା ହାତକୁ ଛାଡ଼ି ନୂଆ ଦଳକୁ ସମର୍ଥନ ଜଣାଇ ନଥିଲେ, ସେ ପର୍ଯ୍ୟନ୍ତ ସତେ ଯେମିତି ଡିଏମ୍‌କେ ସେମାନଙ୍କ ସମ୍ବନ୍ଧରେ କିଛି ଅପ୍ରିୟ ସତ୍ୟ ପ୍ରକାଶ କରିବାକୁ କୁଣ୍ଠିତ ଥିଲା ବା ଆପାତତଃ ସେହିଭଳି ମନେ ହେଉଥିଲା । ଏଭଳି ତିକ୍ତତା ପାଇଁ ଏହି ଦ୍ରାବିଡୀୟ ରାଜନୀତିକ ଦଳ ଏକ ମନୋବଳ ଭାଙ୍ଗିଦେବା ଭଳି ପରାଜୟର ସାମ୍ନା କରିବା ଏକ କାରଣ; ପୁଣି କଂଗ୍ରେସ ଏହା ସହିତ ମେଣ୍ଟ ଭାଙ୍ଗିବା ଏବଂ ନୂଆକରି ବିଜୟ ଲାଭ କରିଥିବା ଏହାର ରାଜନୀତିକ ଶତ୍ରୁ ସହିତ ମେଣ୍ଟ କରିବା ପାଇଁ ପଶ୍ଚାତ୍ତାପ ନ କରିବା ବି ଅନ୍ୟ ଏକ କାରଣ । ଏ ଦୁଇଟିଯାକ କାରଣ ମିଶି କଂଗ୍ରେସ ଏବଂ ଶ୍ରୀଯୁକ୍ତ ଗାନ୍ଧୀଙ୍କ ବିରୁଦ୍ଧରେ ଦଳକୁ ନିଜର ମୁଖପତ୍ର ମୁରାଶୋଲିରେ ଏକ ସମ୍ପାଦକୀୟ ଜରିଆରେ ନିଜର ହୃଦୟଖୋଲା ଅନୁଭୂତିକୁ ପ୍ରକାଶ କରିବାକୁ ବାଧ୍ୟ କରିଛି, ଯେଉଁଥିପାଇଁ ଏହାକୁ ଦୋଷ ଦେଇହେବ ନାହିଁ । ଏହି ସମ୍ପାଦକୀୟଟିରେ ଯେଭଳି ଭାବରେ ଡିଏମ୍‌କେର ଯୁକ୍ତି ପ୍ରକାଶ ପାଇଛି, ତାହା ବେଶ୍ ସରଳ: ସାରା ଦେଶରେ କଂଗ୍ରେସ ଏବଂ ଶ୍ରୀଯୁକ୍ତ ଗାନ୍ଧୀ ନିଜକୁ ବିରୋଧୀ ଦଳମାନଙ୍କର ଏକତ୍ରିକରଣର ଏକ ଶକ୍ତି ଭାବରେ ଉପସ୍ଥାପିତ କରିବାକୁ ଚାହୁଁଛନ୍ତି, କିନ୍ତୁ ସେମାନେ ପ୍ରକୃତରେ ତାହା ନୁହନ୍ତି । ବସ୍ତୁତଃ, ସେମାନେ ମୁଖ୍ୟ ବିଭାଜନକାରୀ ବୋଲି ଡିଏମ୍‌କେ ବିଶ୍ୱାସ କରେ । ଯେଉଁସବୁ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥାଏ, କଂଗ୍ରେସ ସେସବୁରେ ଇଣ୍ଡିଆ ମେଣ୍ଟକୁ କ୍ଷମତାକୁ ଆସିବାରୁ ପ୍ରତିରୋଧ କରିବା ନିମନ୍ତେ 'ନିର୍ଲଜ' ଭାବରେ ସବୁ ପ୍ରକାରର ଛଳ କପଟପୂର୍ଣ୍ଣ କୌଶଳ ଅବଲମ୍ବନ କରିଥାଏ ଏବଂ ଯେତେବେଳେ ଲୋକସଭା ନିର୍ବାଚନ ପାଖେଇ ଆସେ, ସେତେବେଳେ ଇଣ୍ଡିଆ ମେଣ୍ଟର ଅନ୍ୟାନ୍ୟ ଦଳମାନଙ୍କଠାରୁ ସମର୍ଥନ ଆଶା କରେ । ଏହି ସମ୍ପାଦକୀୟରେ ଡିଏମ୍‌କେ ଉଲ୍ଲେଖ କରିଛି ଯେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ସଦ୍ୟତମ ବୈଠକ କଂଗ୍ରେସର ଏପରି ବ୍ୟବହାରକୁ ତୀବ୍ର ସମାଲୋଚନା କରିବାକୁ ପରିଲକ୍ଷିତ କରିଛି ।

ସେହିପରି ଡିଏମ୍‌କେ ଦଳ ସମାନ ଭାବରେ ଶ୍ରୀଯୁକ୍ତ ଗାନ୍ଧୀଙ୍କ ବିଷୟରେ ଶାଣିତ ସମାଲୋଚନା କରିଛି । ଏହା ପ୍ରକାଶ କରିଛି- ଲୋକସଭାରେ ବିରୋଧୀ ଦଳର ନେତା ଏକତା ଉପରେ ବଡ଼ ବଡ଼ ଭାଷଣମାନ ଦେଇଥାନ୍ତି, କିନ୍ତୁ ତାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗ ଉଠାଇବାକୁ ଯାଇ ଦଳ କହିଛି ଏହା ଚୋର ଗଲା ପରେ ବୁଦ୍ଧି ପଶିବା ଭଳି କାମ । ପ୍ରତ୍ୟେକଟି ଏକକ ରାଜ୍ୟରେ ଶ୍ରୀଯୁକ୍ତ ଗାନ୍ଧୀ ନିଜେ ହିଁ ବିରୋଧୀମାନଙ୍କ ଏକତାକୁ ଧ୍ୱଂସ କରିଥାନ୍ତି ଏବଂ ତାଙ୍କର ପ୍ରଚ୍ଛନ୍ନ ଆଶୀର୍ବାଦ ଲାଭ କରି କଂଗ୍ରେସ ତାମିଲନାଡୁରେ ଡିଏମ୍‌କେ ପଛରେ ଛୁରା ଭୁଷିଥିଲା । ଟିଭିକେ, ଯାହା ଏବେ ଏହାର ନୂଆ ମେଣ୍ଟ ଦଳ ପାଲଟିଛି, ତାହା ଇଣ୍ଡିଆ ମେଣ୍ଟରେ ଯୋଗ ଦେବନାହିଁ ବୋଲି ସ୍ପଷ୍ଟ ଭାବରେ କହିଦେବା ପରେ ହିଁ ଶ୍ରୀଯୁକ୍ତ ଗାନ୍ଧୀ ଜଣେ ଭଲ ବାଳକର ଭୂମିକାରେ ବର୍ତ୍ତମାନ ଅଭିନୟ କରୁଛନ୍ତି । ନିଜ ମନର କଥା ପ୍ରକାଶ କରିବା ବେଳେ ଡିଏମ୍‌କେ ବିରୋଧୀ ମେଣ୍ଟରେ ରହିଥିବା ଅନ୍ୟାନ୍ୟ ଦଳମାନଙ୍କ ସମ୍ପର୍କିତ ଉଦାହରଣଗୁଡ଼ିକ ଅତ୍ୟନ୍ତ ସାବଧାନତାର ସହିତ ସେଥିରେ ସାମିଲ କରିଛି । ଗତ ବିଧାନସଭା ନିର୍ବାଚନ ବେଳେ କେରଳରେ ଶ୍ରୀଯୁକ୍ତ ଗାନ୍ଧୀ ସିପିଆଇ(ଏମ୍) ବିରୁଦ୍ଧରେ ଯେଉଁ ଅଭିଯୋଗ ଉଠାଇ ଥିଲେ ଯେ ଏହି ଦଳର ବିଜେପି ସହିତ ଏକ ଗୁପ୍ତ ବୁଝାମଣା ହୋଇଛି, ତାକୁ ଡିଏମ୍‌କେ 'ଉଦ୍ଭଟ' ଚିନ୍ତାଧାରା ବୋଲି ଉଲ୍ଲେଖ କରିଛି; ଏହା ମଧ୍ୟ ଶ୍ରୀଯୁକ୍ତ ଗାନ୍ଧୀ କାହିଁକି ଶ୍ରୀଯୁକ୍ତ ମୋଦୀ ସିପିଆଇ(ଏମ୍) ନେତା ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଗିରଫ କରୁ ନାହାନ୍ତି ବୋଲି ବାରମ୍ବାର ପଚାରି ଥିବା ପ୍ରଶ୍ନକୁ ସମାଲୋଚନା କରିଛି । ପୁନଶ୍ଚ, ଶ୍ରୀଯୁକ୍ତ ବିଜୟନ୍ ଶ୍ରୀଯୁକ୍ତ ମୋଦୀଙ୍କୁ ସଂସଦରେ ଆଲିଙ୍ଗନ କରିଥିବାରୁ ଶ୍ରୀଯୁକ୍ତ ବିଜୟନ୍‌ଙ୍କୁ ସେ ଆଲିଙ୍ଗନ କରି ପାରିବେ ନାହିଁ ଦର୍ଶାଇ ଶ୍ରୀଯୁକ୍ତ ଗାନ୍ଧୀ ଯାହା ଦୃଢ଼ତାର ସହିତ ଦାବି କରିଥିଲେ, ଏହି ସମ୍ପାଦକୀୟ ତାକୁ ବାଜେକଥା ବୋଲି କହିବାର ଉଦ୍ୟମ କରିଛି ।

କଂଗ୍ରେସ ମେଣ୍ଟରୁ ଅଲଗା ହୋଇ ଯାଇଥିବା ଏହି ଦଳ ଦର୍ଶାଇଛି ଯେ ନିକଟ ଅତୀତରେ ଅନୁଷ୍ଠିତ ବୈଠକରେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ଗୁରୁତ୍ୱାରୋପ କରିଥିଲେ କି ଇଣ୍ଡିଆ ମେଣ୍ଟରୁ ଡିଏମ୍‌କେ ଏବଂ ଆପ୍ ଦଳ ଓହରି ଯିବା ଏକ ମେଣ୍ଟ ପାଇଁ ଏକ ଶକ୍ତ ଆଘାତ । ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସମ୍ପର୍କରେ ଏହି ସମ୍ପାଦକୀୟ ସେ କହିଥିବା କଥାକୁ ଉଦ୍ଧାର କରି ଲେଖିଛି- ବିହାରରେ ଅନେକଗୁଡ଼ିଏ ପ୍ରସଙ୍ଗରେ କଂଗ୍ରେସ ଏବଂ ବିଜେପି ନେତାମାନଙ୍କ ମଧ୍ୟରେ ଗୋପନ ବୁଝାମଣା ହୋଇଥିବା ନେଇ ତାଙ୍କର ସନ୍ଦେହ ରହିଛି । କଂଗ୍ରେସ ଏବଂ ଛାମୁଆ ନେତାମାନଙ୍କ ସମ୍ପର୍କରେ ଡିଏମ୍‌କେର ଏହି ସିଧା ସରଳ ଉଲ୍ଲେଖ ବିନା କୌଣସି ଯୁକ୍ତିଯୁକ୍ତ କାରଣରେ ହୋଇନାହିଁ । ରିପୋର୍ଟଗୁଡ଼ିକ ଉଲ୍ଲେଖ କରେ ଯେ କଂଗ୍ରେସ ଏନ୍‌ସିପି(ଏସ୍‌ପି) ଏବଂ ତୃଣମୂଳ କଂଗ୍ରେସ ସହିତ ମିଶିବା ନିମନ୍ତେ ଉଦ୍ୟମ ଚଳାଇଛି । ଡିଏମ୍‌କେ କଂଗ୍ରେସ ପାଇଁ ଏକଥା ସ୍ପଷ୍ଟ ଭାବରେ ଉପସ୍ଥାପନ କରିଛି ଯେ ଏହା ଏକମାତ୍ର ଦଳ ଭାବରେ କଂଗ୍ରେସକୁ ସମାଲୋଚନା କରୁନାହିଁ ଏବଂ ଦେଶର ରାଜନୀତି ବାବଦରେ ଯଦି କଂଗ୍ରେସ ତା'ର ସଂକୀର୍ଣ୍ଣ ମାନସିକତାକୁ ବଜାୟ ରଖେ, ତା'ହେଲେ ସେମାନଙ୍କ ନିକଟରେ ମଧ୍ୟ ବିକଳ୍ପମାନ ରହିଛି । ତେଣୁ ଏହା ଡିଏମ୍‌କେର କଥାଗୁଡ଼ିକ ପ୍ରତି କର୍ଣ୍ଣପାତ କରିବ କି ନାହିଁ, ତାହା କଂଗ୍ରେସ ଉପରେ ନିର୍ଭର କରେ, ଅର୍ଥାତ୍ ଡିଏମ୍‌କେ ଏହି ସମ୍ପାଦକୀୟ ଜରିଆରେ ବଲ୍‌ଟିକୁ କଂଗ୍ରେସ କୋର୍ଟରେ ଛାଡ଼ି ଦେଇଛି ।

# ବାପା ବାଇଆ ପୁଅ ପାଗଳ

ଚତୁର ମଣିଷଟିଏ ଯେତିକି ଦରକାର, ତା'ଠୁ ଟିକିଏ ବି ଅଧିକ ଆଶା କରନ୍ତିନି । ଏଇଭଳି ମହାପୁରୁଷଙ୍କ ଜୀବନର କଥାଟିଏ । ଓଡ଼ିଶା ମାଟିର ଅବିଭକ୍ତ ପୁରୀ ଜିଲ୍ଲା । ବର୍ତ୍ତମାନର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ବଳରାମ ପ୍ରସାଦ ଗ୍ରାମ । ସେଇଠି ବିଶ୍ୱକର୍ମା କୁଳରେ ଜନ୍ମ ନେଇଥିଲେ ସୋହମ୍ ସ୍ୱାମୀ । ପିଲାବେଳେ ଜେଜେମାଆ ନାଁ ଦେଇଥିଲେ ଭଗବାନ । ବାପା ଥିଲେ ବାଇଧର । ମାଆ କୌଶଲ୍ୟା । ପିଲାବେଳେ ସୋହମ୍ ସ୍ୱାମୀଙ୍କର ଆଚରଣ ବଡ଼ ଅଦ୍ଭୁତ ଥିଲା । ତାଙ୍କର ବୟସ ମାତ୍ର ତିନି ବର୍ଷ । ମାଆ ଦେହତ୍ୟାଗ କଲେ । ସାହି ପଡ଼ିଶା ସମସ୍ତେ କାନ୍ଦୁଥିଲେ । ମାଆଙ୍କ ପାଇଁ ଯେତିକି କାନ୍ଦୁ ନଥିଲେ, ବେଶି କାନ୍ଦୁଥିଲେ ଶିଶୁଟି ପାଇଁ । ତିନି ବର୍ଷର ଶିଶୁ । ଦାୟିତ୍ୱ କିଏ ନେବ ! ମାଆକୁ ଖୋଜିଲେ କ'ଣ କହି ବୁଝେଇବ ! ଏମିତି କେତେ ଲୋକ ଶିଶୁକୁ ଧରି ବି କାନ୍ଦୁଥିଲେ । ଶିଶୁ ଉତ୍ତର ଦେଲା- 'ତମେମାନେ କାହିଁକି କାନ୍ଦୁଛ ?' ଲୋକମାନେ ଭାବିଲେ ପିଲାଟା ମରଣ ବିଷୟରେ ଜାଣିନି । ସେଥିପାଇଁ ଏ ପ୍ରଶ୍ନ ପଚାରୁଛି । ଲୋକେ ଉତ୍ତର ଦେଲେ 'ମାଆ ଚାଲିଗଲା ।' ଶିଶୁଟି କହିଲା- 'ମାଆ କୁଆଡ଼େ ଚାଲିଗଲା ? ସେ ତ ଏଇଠି ଶୋଇଛି ।' କେହିଜଣେ କହିଲେ- 'ତା' ଦେହରୁ ପ୍ରାଣ ଚାଲିଗଲା । ଶରୀର ଏବେ ନଷ୍ଟ ହୋଇଯିବ ।' ଶିଶୁ କହିଲା- 'ଯୋଉ ଶରୀର ଛାଡ଼ି ଦେଇ ଚାଲି ଯାଉଛି, ତା' ପାଇଁ କାହିଁକି କାନ୍ଦିବି ? ଅର୍ଥାତ୍ ଶରୀର ଆମକୁ ଛାଡୁଛି । ଶରୀର ପାଇଁ କାନ୍ଦିବାନି ।'



ସୋହମ୍‌ଙ୍କ ପାଠପଢ଼ା ବୟସ ହେଲା । ଚାଟଶାଳୀ ଗଲେ । ଅବଧାନେ ଅକ୍ଷର ଶିଖେଇଲା ବେଳେ 'ଅ'ଉଚ୍ଚାରଣ କରିବାକୁ କହିଲେ । ଏ କହିଲେ- 'ଅ ଓମ୍' । ଅବଧାନ ଏକ, ଦୁଇ ଆଦି ସଂଖ୍ୟା ପଢ଼େଇଲେ । ସୋହମ୍ ସ୍ୱାମୀ କହିଲେ- 'ଏକ' । ତା'ପରେ ଅବଧାନେ 'ଦୁଇ' କହିବାକୁ ଯେତେ ବାଧ କଲେ ବି ସେ 'ଦୁଇ' କହିଲେନି । କହିଲେ- 'ଦୁନିଆରେ ମୁଁ ତ କେବଳ ଏକ ହିଁ ଦେଖୁଛି । ଦୁଇ କୋଉଠୁ ଆସିଲା !' ଅବଧାନେ କହିଲେ- 'ୟାର ବାପା ତ କାମଧନ୍ଦା ନକରି କୀର୍ତ୍ତନରେ ମାତୁଛି । ରୋଜଗାର ନାହିଁ । ମଠରେ ବସୁଛି । ପୁଅ ମୁଣ୍ଡ କେମିତି ଭଲ ହେବ ! ବାପା ବାଇଆ, ପୁଅ ପାଗଳ ।' ଭଗିଆକୁ ସଂସାର ବନ୍ଧନରେ ବାନ୍ଧିବାକୁ ଲୋକମାନେ ଚେଷ୍ଟାକଲେ । ଦିନେ ଲୋକେ ଏକାଠି ହୋଇ ବୁଝେଇଲେ- 'ବ୍ରହ୍ମଚର୍ଯ୍ୟ ଆଶ୍ରମ ପରେ ଗାର୍ହସ୍ଥ୍ୟ ଆଶ୍ରମ କରାଯାଏ । ତୁ ବିବାହ କର । ପରେ ସନ୍ନ୍ୟାସୀ ହେବୁ ।' ସୋହମ୍ ଉତ୍ତର ଦେଲେ- 'ତୁମେ ଯେତେକ ମତେ ବୁଝଉଛ, ସମସ୍ତେ ବାହା ହୋଇଛ ?' ମିଳିତ ଲୋକମାନେ ଉତ୍ତର ଦେଲେ- 'ହଁ' । ସୋହମ୍ ପୁଣି ପଚାରିଲେ- 'ତମେ ତ ବାହା ହୋଇଛ । ସନ୍ନ୍ୟାସ ନେଇନ କାହିଁକି ? ତେବେ ମୁଁ କାହିଁକି ବାହା ହୋଇ ସନ୍ନ୍ୟାସ ନେବି ?' ଅଦ୍ଭୁତ ଯୁକ୍ତିରେ ଲୋକମାନଙ୍କୁ ଆଧ୍ୟାତ୍ମିକମାର୍ଗୀ କରାଇ ପାରୁଥିଲେ ସୋହମ୍ ସ୍ୱାମୀ । ତାଙ୍କ ଜେଜେମାଆଙ୍କ ଇଚ୍ଛା ଥିଲା ଓଡ଼ିଶା ଛାଡ଼ି ବାହାରକୁ ନଯିବା ପାଇଁ । ଓଡ଼ିଶାର ଆଧ୍ୟାତ୍ମିକ ବଳୟକୁ ନୂଆ ସନ୍ଦେଶ ବାଣ୍ଟି ସୋହମ୍ ସ୍ୱାମୀ 'ଶ୍ରୀମଦ୍ ଆତ୍ମଗୀତା' ନାମକ ଅମୂଲ୍ୟ ଗ୍ରନ୍ଥ ପ୍ରଦାନ କରିଛନ୍ତି । ତାଙ୍କ ଗୁରୁ ଥିଲେ- ସୋହମ୍ ପରିବ୍ରାଜକାଚାର୍ଯ୍ୟ ଶ୍ରୀପତୀ ଚରଣ ସନ୍ନ୍ୟାସୀ ।

ନିତିଦିନ NITIDIN



# 'ବିକଶିତ ଓଡ଼ିଶା ଗଠନରେ ଗଣମାଧ୍ୟମ ସାଜୁ ସାରଥି'

**ଖୋର୍ଦ୍ଧା,୧୭।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା, ଓଡ଼ିଶା ସାରା' ସରକାରୀ ଜନସମ୍ପର୍କ ଏବଂ ନାଗରିକ ସହଭାଗିତା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ମାନ୍ୟବର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ। ସେ ସରକାରଙ୍କ ଦୁଇ ବର୍ଷର ସଫଳତା, ଜିଲ୍ଲାର ପ୍ରଗତି ଏବଂ ବିଭିନ୍ନ ଲୋକାଭିମୁଖୀ ଯୋଜନାର ବ୍ୟାପକ ପ୍ରଚାର ପ୍ରସାର କରି ପ୍ରକୃତ ହିତାଧିକାରୀଙ୍କ ପାଖରେ ସୁଫଳ ପହଞ୍ଚାଇବା ଦିଗରେ କଲମ ଚାଳନା କରିବାକୁ ସାମ୍ବାଦିକମାନଙ୍କୁ ଅନୁରୋଧ କରିଥିଲେ।

ଏହି ଅବସରରେ ସେ ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ସାମାଜିକ ଭତ୍ତା ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ଜାତୀୟ ସାମାଜିକ ସହାୟତା ଯୋଜନା, ବର୍ଦ୍ଧିତ ଭତ୍ତା, ଜାତୀୟ ପରିବାର ସହାୟତା ଯୋଜନା, ବିବାହ ପ୍ରୋତ୍ସାହନ ରାଶି, ବୈଦ୍ୟୁତିକ ରିକ୍ସା (ଇ-ରିକ୍ସା), ଦୁଇଚକିଆ ଯାନ (ସ୍କୁଟି), ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ସୁମଙ୍ଗଳ ଯୋଜନା, ବିକଶିତ ଗାଁ, ବିକଶିତ ଓଡ଼ିଶା, ପ୍ରଧାନମନ୍ତ୍ରୀ ଆବାସ, ଅନ୍ତ୍ୟୋଦୟ ଗୃହ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଏବଂ ପିଏମ୍‌ଶ୍ରୀ ସ୍କୁଲ ଆଦି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ଗଠନମୂଳକ ପ୍ରଶ୍ନର ଉତ୍ତର ଦେଇ ବିକଶିତ ଓଡ଼ିଶା ଅ୨୦୨୩୬ ଓ ବିକଶିତ ଭାରତ ଅ୨୦୪୭ ଗଠନ ଦିଗରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସହଯୋଗ କରିବାକୁ ସେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ (ମଣ୍ଡଳ) ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଉପସ୍ଥିତ ରହି ଜିଲ୍ଲାର ପ୍ରଗତିମୂଳକ କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ତଥ୍ୟ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ସହ ଧନ୍ୟବାଦ୍ ଦେଇଥିଲେ। ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ବିଶ୍ୱ ରଞ୍ଜନ ବଡ଼ଜେନା, ଭାଜପା କର୍ମକର୍ତ୍ତା ନିକୁଞ୍ଜ ପଟ୍ଟନାୟକ, ଦିଲ୍ଲୀପ ହୋତାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଜନପ୍ରତିନିଧି, ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ଯୁବ ସାମ୍ବାଦିକ ଦୀପକ ସାହୁଙ୍କ ପରଲୋକ

**କୁଆଁପାଳ,୧୭।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ପଣସପୁର ଗ୍ରାମର ବାସିନ୍ଦା ତଥା ମାହାଙ୍ଗା ପ୍ରେସ୍ କ୍ଲବ୍ ସଭାପତି, ନିର୍ଭୀକ ଯୁବ ସାମ୍ବାଦିକ ଦୀପକ କୁମାର ସାହୁ (୪୪)ଙ୍କର ବୁଧବାର ଭୋରରୁ ଏକ ବେସରକାରୀ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ମାହାଙ୍ଗା ପ୍ରେସ୍ କ୍ଲବ୍‌କୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯିବା ପରେ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଛି, ଯେଉଁଠାରେ ତାଙ୍କ ପୁତ୍ର ସାଗର ମୁଖାଗ୍ନି ଦେଇଥିଲେ ଏବଂ ବଡ଼ଭାଇ ବରିଷ୍ଠ ସାମ୍ବାଦିକ ଭକ୍ତଚରଣ ସାହୁ, ପ୍ରମୋଦ ସାହୁ, ରଜତ ସାହୁଙ୍କ ସମେତ ବହୁ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, କଂଗ୍ରେସ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ, କଂଗ୍ରେସ ଯୁବ ନେତା ସେକ୍ ମସୁଦ ଅଲ୍ଲୀ, ବିଜେପି ନେତା ସୁମନ୍ତ ଘଡେଇ, ଶରତ କର ଓ ଅନିମା କର ଫାଉଣ୍ଡେସନ ଅଧ୍ୟକ୍ଷ ଶୋଭନ କର, ଡଃ ଅମରେନ୍ଦ୍ର ମହାନ୍ତି, ଦିଲୀପ ରଞ୍ଜନ ସାମଲ, ବିରଞ୍ଚି ନାରାୟଣ ପାଢ଼ୀ, ସୁଶାନ୍ତ ବିଶ୍ୱାଳ, ବିଶ୍ୱନାଥ ହରିଚନ୍ଦନ, ଗିରିଶ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜ କିଶୋର ଜେନା, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସମିତିସଭ୍ୟ ଦେବ ପ୍ରସାଦ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ଦୀପକ କୁମାର ମହାନ୍ତି, ଆଇନଜୀବୀ ସୁଶାନ୍ତ ମହାନ୍ତି, କୃଷ୍ଣକାନ୍ତ ଷଡଙ୍ଗୀ, ସାମ୍ବାଦିକ ସୁମନ୍ତ ଜେନା, ଶଶୀଭୂଷଣ ଷଡଙ୍ଗୀ, ଅଜୟ କୁମାର ମହାନ୍ତି, ଅଖିଳେଶ ପଦ ମହାନ୍ତି, ସୀତାନାଥ ସିଂହ, ଲକ୍ଷ୍ମୀଧର ଖୁଣ୍ଟିଆ, ଅଶୋକ ଦାଶ, ଅମୀୟ ନାୟକ, ରମେଶ ସାହୁ, ରଶ୍ମିରଞ୍ଜନ ମହାନ୍ତି, ପ୍ରଦ୍ୟୁମ୍ନ ବାରିକ, ସୁବ୍ରତ ମହାନ୍ତି, ତାପସ ବିଶ୍ୱାଳ, ପ୍ରକାଶ ନାୟକ, ବିଜୟ ଜେନା, ଧନେଶ୍ୱର ସେଠୀ, ଲକ୍ଷ୍ମଣ ଦାସ, ଉମାକାନ୍ତ ଜେନା, ପ୍ରଶାନ୍ତ ମିଶ୍ର, ଅଶୋକ ପ୍ରହରାଜ, ତୁଷାର ଜ୍ୟୋତି ନାୟକ, ରବି ନାରାୟଣ ଦାସ, ଦିବାକର ରାଉତ, ପବିତ୍ର ଓଝା, ଦାମୋଦର ପରିଡ଼ା, ହରିହର ସାହୁ, ସୁରେଶ ବଳ, ରାମକୃଷ୍ଣ ସାହୁ, ଶିବ ଚରଣ ଜେନା, ଅକ୍ଷୟ ରାଉଳ, ବିବେକାନନ୍ଦ ଦାସ, ଅର୍ଜୁନୀ ସାହୁ, ଅଚ୍ୟୁତାନନ୍ଦ ନାୟକ, ସତ୍ୟବ୍ରତ ବାରିକ, ଦୟାନିଧି ସାହୁ, ବସନ୍ତ ସାମଲ, ଉତ୍ତମ ବେହେରା, ବିକାଶ ମହାନ୍ତି, ସପ୍ତଜ୍ୟୋତି ରାଉଳ, ଜୟନ୍ତ ବିଶ୍ୱାଳ, ମନୋଜ ଆଚାର୍ଯ୍ୟ, ଆଶିଷ ପଣ୍ଡା, ପ୍ରଦୀପ ପରିଜା, ପ୍ରଦୀପ୍ତ ପୃଷ୍ଟି, ରମେଶ ଦାସ, ଶୈଳେନ୍ଦ୍ର ସାହୁ, ଭାବଗ୍ରାହୀ ମିଶ୍ର, ଡଲି ବେହେରା, ଡଃ ଏକାଦଶୀ ପ୍ରଧାନ, ଡଃ ଭୁବନାନନ୍ଦ ସାହୁ, ଗୌତମ ଜେନା ଓ ସଚିନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# 'ବିକାଶର ଧାରା, ଓଡ଼ିଶା ସାରା' ଅଭିଯାନ ଆରମ୍ଭ

**ଅସ୍ତରଙ୍ଗ,୧୭।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଅସ୍ତରଙ୍ଗ ବ୍ଲକ୍ ପରିସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାୟକ ଶୁଭ ଉଦ୍‌ଘାଟନ କରିଛନ୍ତି। ଏଥିରେ ଜଗତସିଂହପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଦିବାକର ଛାଟୋଇ, ବିଡିଓ ସସ୍ମିତା ବେହେରା, ଏବିଡିଓ ଶୁଭସ୍ମୃତି ମହାଭୋଇ ଏବଂ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ମଣ୍ଡପ ପରିଦର୍ଶନ ସହ ଆଲୋଚନାଚକ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଚାଲିଥିବା ସୁଶାସନ ଓ ଜନକଲ୍ୟାଣମୂଳକ ଯୋଜନାର ସଫଳତା ସମ୍ପର୍କରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା।

# ମହିଳାଙ୍କୁ ପ୍ରେମଜାଲରେ ଫସାଇ ଅଡୁଆରେ ଥାନାଧିକାରୀ

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ଓଡ଼ଗାଁ,୧୭।୬/ଏନ୍ଏନ୍ଏସ୍:** ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶଙ୍କ ବିରୋଧରେ ଜଣେ ଅସହାୟ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଶାରୀରିକ ସମ୍ପର୍କ ରଖିବା ଏବଂ ପରବର୍ତ୍ତୀ ସମୟରେ ଅମାନୁଷିକ ଅତ୍ୟାଚାର କରିବା ଭଳି ଏକ ସଂଗୀନ ଅଭିଯୋଗ ଆସିଛି। ନ୍ୟାୟ ପାଇଁ ପୀଡ଼ିତା ଏବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗାଁରେ ପରିବାର ଏକଘରିଆ ହୋଇଥିବାରୁ ନ୍ୟାୟ ପାଇଁ ଥାନାକୁ ଯାଉଥିବା ସମୟରେ ଥାନା ଅଧିକାରୀ ଶ୍ରୀ ଦାଶ ମହିଳାଙ୍କୁ ନିଜ ପ୍ରେମଜାଲରେ ଫସାଇଥିଲେ। ସେ ରାତିଅଧରେ ଭିଡ଼ିଓ କଲ୍ ଓ ଫୋନ୍ କରିବା ସହ ବାଉଁଶିଆରେ ଭଡ଼ା ନେଇ ରହୁଥିବା ଘରକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ଗ୍ରାମବାସୀ ପୁଲିସ ଉପସ୍ଥିତିରେ ପୀଡ଼ିତାଙ୍କ ପରିବାରକୁ ଠେଙ୍ଗାରେ ମାଡ଼ ମାରୁଥିଲେ ମଧ୍ୟ ପୁଲିସ କେବଳ ଦେଖଣାହାରୀ ସାଜି ଉଭୟ ପକ୍ଷ ନାମରେ ମାମଲା ରୁଜୁ କରି କାମ ସାରିଦେଇଥିଲା।

ଏହି ଯନ୍ତ୍ରଣା ଅସହ୍ୟ ହେବାରୁ ପୀଡ଼ିତା ସବୁକଥା ଗଣମାଧ୍ୟମ ଆଗରେ ପ୍ରକାଶ କରିବେ ବୋଲି କହିବା ପରେ ଥାନା ଅଧିକାରୀ ଛୁଟିରେ ଚାଲିଯାଇଥିଲେ ଏବଂ ମୋବାଇଲରୁ ସବୁ କଲ୍ ରେକର୍ଡିଂ ଓ ଫଟୋ କାଟିବାକୁ ଧମକ ଦେଇଥିଲେ। ଏଥିସହ ଥାନା ଅଧିକାରୀଙ୍କ ସ୍ତ୍ରୀ ମଧ୍ୟ ପୀଡ଼ିତାଙ୍କୁ ବରବାଦ କରିଦେବାକୁ ଧମକାଇଥିଲେ। ପ୍ରମାଣ ନଷ୍ଟ ପାଇଁ ଥାନା ଅଧିକାରୀ ମହିଳାଙ୍କ ଫୋନ୍ ଭାଙ୍ଗି ଦେଇଥିଲେ ମଧ୍ୟ ସେତେବେଳକୁ ତାଙ୍କ କଳାକାରନାମାର ଭିଡ଼ିଓ ମୋବାଇଲରୁ ମୋବାଇଲକୁ ଇଣ୍ଟରନେଟ୍ ମାଧ୍ୟମରେ ଘୂରି ବୁଲିଥିଲା। ଛୁଟିରୁ ଫେରିବା ପରେ ଥାନା ଅଧିକାରୀ ପୀଡ଼ିତା ଶରଣକୁଳ ଷ୍ଟେଟ୍ ବ୍ୟାଙ୍କକୁ ଆସିଥିବା ଜାଣି ତାଙ୍କୁ ସେଠାରୁ ନିଜେ ଘୋଷାରି ଘୋଷାରି ଥାନା ଭିତରକୁ ଆଣିଥିଲେ ଏବଂ ଅମାନୁଷିକ ଭାବେ ଥାର୍ଡଡିଗ୍ରୀ ଦେଇ ମିଛ ମାମଲାରେ ଜେଲ୍ ପଠାଇ ଦେଇଥିଲେ। ପୁଲିସ ପୋଷାକରେ ନ ଥାଇ ଜଣେ ମହିଳାଙ୍କୁ ଏଭଳି ଅମାନୁଷିକ ଭାବେ ଘୋଷାରି ଆଣିବା ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଥାନା ଓ ଷ୍ଟେଟ୍ ବ୍ୟାଙ୍କର ସିସିଟିଭି ତଥା ଥାନା ଅଧିକାରୀଙ୍କ ମୋବାଇଲ୍ ଯାଞ୍ଚ ହେଲେ ସତ୍ୟ ପଦାକୁ ଆସିବ ବୋଲି ପୀଡ଼ିତା କହିଛନ୍ତି। ନ୍ୟାୟ ନମିଳିଲେ ଆତ୍ମାହୁତି ଦେବେ ବୋଲି ମହିଳା ଜଣକ ଧମକ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଆଡିଶନାଲ ଏସପି) ଘଟଣାର ତଦନ୍ତ କରୁଛନ୍ତି।



# ରଥ ମହାରଣାଙ୍କ 'ଖେଇ'କୁ ନେଇ ପ୍ରଶାସନ ସହ ଦ୍ୱନ୍ଦ୍ୱ

## ପ୍ରତିଶ୍ରୁତି ମିଳିବାରୁ ପୁଣି ଆରମ୍ଭ ହେଲା ରଥ ନିର୍ମାଣ

**ପୁରୀ,୧୭।୬/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଉନ୍ନୟନ ପ୍ରଶାସକଙ୍କ ସହ ଆଲୋଚନା ଏବଂ ପ୍ରଶାସନିକ ପ୍ରତିଶ୍ରୁତି ପରେ ରଥ ମହାରଣା ସେବକମାନଙ୍କ 'ଖେଇ' (ପ୍ରାପ୍ୟ କାଠ)କୁ ନେଇ ସୃଷ୍ଟି ହୋଇଥିବା ବିବାଦ ଟଳିଛି। ରଥ ନିର୍ମାଣର ୫୮ତମ ଦିବସରେ ବୁଧବାର ପ୍ରାୟ ତିନି ଘଣ୍ଟା କାର୍ଯ୍ୟ ବନ୍ଦ ରହିବା ପରେ ମହାରଣାମାନଙ୍କ ଦୁଇଟି ପ୍ରମୁଖ ଦାବି ପୂରଣ ନେଇ ମିଳିଥିବା ଆଶ୍ୱାସନା ପରେ ରଥଖଳା ପୁଣି ଚଳଚଞ୍ଚଳ ହୋଇଉଠିଛି।



ଆସନ୍ତାକାଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଆଲୋଚନା ପରେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ବିଶ୍ୱକର୍ମା ମହାରଣା ପ୍ରକାଶ କରିବା ସହ ଦାବି ପୂରଣ ନହେଲେ ଆଗକୁ କାର୍ଯ୍ୟ ବନ୍ଦ କରାଯିବ ବୋଲି ତିନି ରଥର ମୁଖ୍ୟ ମହାରଣା ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି ଏକ ନୋଟିସ୍ (ସୂଚନାପତ୍ର)କୁ ନେଇ ବିବାଦ ସୂତ୍ରପାତ ହୋଇଥିଲା। ସେହି ନୋଟିସ୍ ଅନୁସାରେ ୪ ଫୁଟ ଲମ୍ବ ଓ ୩ ଫୁଟ ଗୋଲେଇରୁ ଊର୍ଦ୍ଧ୍ୱ ସାଇଜ୍ କାଠ ମୁଖ୍ୟ ମହାରଣାମାନେ ଧାର୍ଯ୍ୟ ମୂଲ୍ୟ ବିନିମୟରେ ପ୍ରଶାସନକୁ ହସ୍ତାନ୍ତର କରିବେ ଏବଂ ୪ ଫୁଟରୁ କମ୍ କାଠକୁ ଖେଇ ହିସାବରେ ଗ୍ରହଣ କରିପାରିବେ କିମ୍ବା ମୂଲ୍ୟ ବଦଳରେ ପ୍ରଶାସନକୁ ଦେଇପାରିବେ ବୋଲି ଉଲ୍ଲେଖ ଥିଲା। ଏହି ମାପର କାଠ ନେବା ପୂର୍ବରୁ ତତ୍ତ୍ୱାବଧାରକ ଓ ଅମିନଙ୍କ ଅନୁମତି ଆବଶ୍ୟକ ବୋଲି କୁହାଯାଇଥିବା ବେଳେ ଯେକୌଣସି ମାପର ଚିରଟ କାଠକୁ ପ୍ରାପ୍ୟ ଭାବେ ନେବାକୁ ମୁଖ୍ୟ ମହାରଣାମାନେ ଜିଦ୍ ଧରିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି ଯେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଉଲ୍ଲଂଘନ ଅଭିଯୋଗ ଆସିବା ପରେ ଏଭଳି ସୂଚନା ଦିଆଯାଇଥିଲା ଏବଂ ସ୍ୱତ୍ୱଲିପି ଅନୁଯାୟୀ ୪ ଫୁଟ ଲମ୍ବ ଓ ୩ ଫୁଟ ଗୋଲେଇ କାଠ ପ୍ରଶାସନ ନେବ ଓ ବଦଳରେ ମହାରଣାମାନେ ମୂଲ୍ୟ ପାଇବେ। ଅପରପକ୍ଷେ, ରଥ ନିର୍ମାଣ ତତ୍ତ୍ୱାବଧାରକ ନିଜ କାର୍ଯ୍ୟ ଠିକ୍ ଭାବେ କରୁନଥିବାରୁ ତାଙ୍କୁ ପଦବୀରୁ ହଟାଇବା ପାଇଁ ରଥ ବିଶ୍ୱକର୍ମାମାନେ ଦାବି କରିଛନ୍ତି। ଏହି ସମସ୍ତ ବିଷୟ ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ତର୍ଜମା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ନୀତି ପ୍ରଶାସକ ଶ୍ରୀ ପୃଷ୍ଟି ପ୍ରକାଶ କରିବା ପରେ ରଥ ନିର୍ମାଣ କାର୍ଯ୍ୟ ସ୍ୱାଭାବିକ ହୋଇଛି।

# ବସୁମତି ସ୍ନାନରେ ମା' ଭଗବତୀଙ୍କ ରାଜରାଜେଶ୍ୱରୀ ବେଶ

**ବାଣପୁର,୧୭।୬/ଏନ୍ଏନ୍ଏସ୍:** ଓଡ଼ିଆ ଘରର ଗଣପର୍ବ ରଜର ଶେଷ ଦିବସ ତଥା ବସୁମତି ସ୍ନାନ ଅବସରରେ ପ୍ରସିଦ୍ଧ ଭଗବତୀ ପୀଠରେ ମା'ଙ୍କ ଠାକୁରାଣୀ ବୁଢ଼ ଓ ଦୁର୍ଲ୍ଲଭ ରାଜରାଜେଶ୍ୱରୀ ବେଶ ଅତି ନିଷ୍ଠାର ସହ ଅନୁଷ୍ଠିତ ହୋଇଯାଇଛି। ମାନବୀୟ ଲୀଳାର ପରମ୍ପରାନୁସାରେ ପ୍ରତ୍ୟୁଷରୁ ପାଳିଆମାଳି ସେବକ ଅନୀଲ ମହାପାତ୍ର ଏବଂ ଅଭିମନ୍ୟୁ ଭୋପା ମା'ଙ୍କୁ ରାଶିତେଲ ଓ ହଳଦୀ ଲାଗି କରିବା ସହ ଗଙ୍ଗାଜଳ, ଶ୍ରୀକର୍ପୂର, ଚନ୍ଦନ, ଅଗୁରୁ ଓ ଗୋଲାପ ଜଳ ମିଶ୍ରିତ ସୁଗନ୍ଧିତ ବାରିରେ ସାତଥର ମହାସ୍ନାନ କରାଇଥିଲେ। ଏହା ପରେ ପାଟବସ୍ତ୍ର ଓ ପୁଷ୍ପମାଲ୍ୟରେ ମା'ଙ୍କ ବଲ୍ଲଭ ଆଳତୀ ବଢ଼ାଯାଇ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ସାହାଣମେଲା କରାଯାଇଥିଲା। ମଧ୍ୟାହ୍ନ ଧୂପରେ ଖେଚଡ଼ି, ଡାଲି, ମାଛ ମହୁର, କ୍ଷୀରି ଓ ଏଣ୍ଡୁରୀ ପିଠା ଭୋଗ ଅର୍ପଣ ପରେ ଦିବା ପହଡ଼ ହୋଇଥିଲା। ଅପରାହ୍ଣରେ ବେଶକାରୀ ନିଯୋଗୀ ସେବାୟତମାନେ ମା'ଙ୍କୁ ଦୁର୍ଲ୍ଲଭ ରାଜରାଜେଶ୍ୱରୀ ବେଶରେ ସୁନାରୁପାର ଅଳଙ୍କାର ଯଥା- ସୁବର୍ଣ୍ଣ ମୁକୁଟ, ମକରକୁଣ୍ଡଳ, ମଥାମଣି, ଓଡ଼ିଆଣି, ବଶଣି, ବାଜୁବନ୍ଧ, ଅଣ୍ଟା ପାତିଆ, ସୁବର୍ଣ୍ଣର ଝରି, ଖାଆସୁ ମାଳି, ଚାପସୁରି, ବେଲପତ୍ର ମାଳି, ଡଙ୍କି ମାଳି, ହରିଡ଼ା ମାଳି, ମୁଣ୍ଡମାଳ, ପଦ୍ମମାଳି, ସେବତୀମାଳି, ବ୍ୟାଘ୍ର ନଖ, ତାବିଜ ସମେତ ପାଦରେ କିଙ୍କିଣି, ପାହୁଡ଼, ଖଡୁ ଓ ପାଉଞ୍ଜି ପିନ୍ଧାଇ ସଜ୍ଜିତ କରିଥିଲେ। ମନ୍ଦିର ପରିସରରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଦନେଇ ସାର୍ ଓ ସାଥିଙ୍କ ଭଜନ ପରିବେଶକୁ ଆଧ୍ୟାତ୍ମିକମୟ କରିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ଥାନୀୟ ଥାନାଧିକାରୀ ଜୟ ପ୍ରକାଶ ପରୀଡ଼ାଙ୍କ ସହଯୋଗରେ ପୁଲିସ ବାହିନୀ ଓ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ପଞ୍ଚାୟତ ସ୍ତରୀୟ 'ବ୍ରେ' ପ୍ରତିଯୋଗିତା ଉଦ୍‌ଯାପିତ

## ନାଥିଆପଲ୍ଲୀ ଦଳ ଚାମ୍ପିଅନ୍

**ଓଡ଼ଗାଁ,୧୭।୬/ଏନ୍ଏନ୍ଏସ୍:** ପବିତ୍ର ରଜ ଉତ୍ସବ ଉପଲକ୍ଷେ ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ତୋଟାସାହି ମା' ମଙ୍ଗଳା ବ୍ରେ ଆସୋସିଏସନ୍ ଆନୁକୂଲ୍ୟରେ ଦୀର୍ଘ ୪ ଦିନ ଧରି ଚାଲିଥିବା ପଞ୍ଚାୟତ ସ୍ତରୀୟ ବ୍ରେ ପ୍ରତିଯୋଗିତା ବୁଧବାର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ (ପ୍ରତିଯୋଗିତାରେ) ସମୁଦାୟ ୧୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଅନୁଷ୍ଠିତ ଚୂଡ଼ାନ୍ତ (ଫାଇନାଲ) ମ୍ୟାଚ୍‌ରେ ନାଥିଆପଲ୍ଲୀ ଦଳ ବେଙ୍ଗେଇସାହି ଦଳକୁ ପରାସ୍ତ କରି ବିଜେତା ଗୌରବ ହାସଲ କରିଛି। ଯାହାଫଳରେ ବେଙ୍ଗେଇସାହି ଦଳକୁ ଉପବିଜେତା (ରନର୍ସ ଅପ୍)ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ନିଜର ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ବିଜେତା ଦଳର ସୁରେନ୍ଦ୍ର ନାୟକ ଓରଫ ମିଲୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି (ମ୍ୟାନ୍ ଅଫ୍ ଦି ସିରିଜ୍) ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ସାମ୍ବାଦିକ ଗଣେଶ୍ୱର ସାହୁ, ବରିଷ୍ଠ ଖେଳାଳି ସୁବାସ ଚନ୍ଦ୍ର ପ୍ରଧାନ, ଆୟୋଜକ କମିଟି ସଭାପତି ସୁଶାନ୍ତ ଦେବତା ଏବଂ ସମ୍ପାଦକ ତ୍ରିନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳର ସନ୍ତୋଷ ପାତ୍ର ଓ ସୁରେନ୍ଦ୍ର ନାୟକଙ୍କୁ ଚାମ୍ପିଅନ୍ ଟ୍ରଫି (ବିଜେତା କପ୍) ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉପବିଜେତା ଦଳର କୁଳମଣି ପଲେଇ ଓ ବୁଲୁ ଖଟେଇଙ୍କୁ ରନର୍ସ କପ୍ ଏବଂ ଉତ୍ତରୀୟ ପ୍ରଦାନ କରି ପୁରସ୍କୃତ କରିଥିଲେ। ଖେଳ ନିର୍ଦ୍ଦେଶକ ଗନ୍ଧର୍ବ କୁମାର ପ୍ରଧାନ ଖେଳକୁ ସଂଯୋଜନା କରିଥିବା ବେଳେ ଉପସଭାପତି ବରୁଣ ବିଶ୍ୱାଳ ଓ କୋଷାଧ୍ୟକ୍ଷ ମାନସ ରଞ୍ଜନ ଚୌଧୁରୀ ଖେଳ ପରିଚାଳନା କରିଥିଲେ। ଏହି ଆୟୋଜନରେ ତୋଟାସାହିର ସମସ୍ତ ସାହି ବାସିନ୍ଦା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।



## ମିଠାରେ ବିଷ ଦେବା ଘଟଣା

# ୨୧ ଦିନର ସଂଘର୍ଷ ପରେ ଆଖି ବୁଜିଲା ଦିବ୍ୟରଞ୍ଜନ

**ସାଲେପୁର,୧୭।୬/ଏନ୍ଏନ୍ଏସ୍:** ସମ୍ପତ୍ତି ଲୋଭରେ ପଡ଼ୋଶୀ ମିଠାରେ ବିଷ ଦେଇ ହତ୍ୟା ଉଦ୍ୟମ କରିବା ଭଳି ଏକ ଅମାନୁଷିକ ଘଟଣାରେ ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛି ପାଞ୍ଚ ବର୍ଷ ୬ ମାସର ଶିଶୁ ପୁତ୍ର ଦିବ୍ୟରଞ୍ଜନ ମଲ୍ଲିକ। କଟକ ଜିଲ୍ଲା ସାଲେପୁର ଥାନା ବାହାବଳପୁର ଗ୍ରାମର ଅଜୟ ମଲ୍ଲିକଙ୍କ ପୁଅ ଦିବ୍ୟରଞ୍ଜନ ପ୍ରାୟ ୨୧ ଦିନ ଧରି କଟକ ଶିଶୁ ଭବନର ସେବା ପ୍ରକୋଷ୍ଠ (ଆଇସିୟୁ)ରେ ଚିକିତ୍ସିତ ହେବା ପରେ ଶେଷ ନିଶ୍ୱାସ ତ୍ୟାଗ କରିଛି। ଘଟଣାରୁ ପ୍ରକାଶ, ଗତ ମେ ମାସ ୨୨ ତାରିଖ ଦିନ ସମ୍ପର୍କୀୟ ପଡ଼ୋଶୀମାନେ ଦିବ୍ୟରଞ୍ଜନଙ୍କୁ ମିଠା ଖୁଆଇଥିଲେ। ଏହା ପରେ ସେ ଘରକୁ ଆସି ବାନ୍ତି ଓ ଝାଡ଼ା କରିବାରୁ ତାଙ୍କୁ ପ୍ରଥମେ ସାଲେପୁର ଚିକିତ୍ସାଳୟ ଓ ପରେ ଅବସ୍ଥା ବିଗିଡ଼ିବାରୁ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଟିକୁ ବିଷ ଦିଆଯାଇଥିବା ନେଇ ଡାକ୍ତରୀ ଦଳ ଜାଣିବା ପରେ ପରିବାର ଲୋକେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବରୁ ମଧ୍ୟ ସମ୍ପତ୍ତି ପାଇଁ ଅଜୟ ମଲ୍ଲିକଙ୍କ ଉପରେ ଅନେକ ଥର ଆକ୍ରମଣ ହୋଇଥିବା ବେଳେ ଏହି ନୃଶଂସ କାଣ୍ଡରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଶିଶୁର ବାପା ଅଜୟ ମଲ୍ଲିକ ପ୍ରଶାସନ ନିକଟରେ ଦାବି କରିଛନ୍ତି।



# ନିମ୍ନମାନର କାମ, ମାସେ ନପୂରୁଣୁ ଧୋଇଗଲା କେନାଲ୍ ରାସ୍ତା

## ଉଚ୍ଚସ୍ତରୀୟ ତଦନ୍ତ ଦାବି

**ନୟାହାଟ,୧୭।୬/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ପାଣିଛତ୍ର ଜଳସେଚନ ଅଧୀନରେ ଥିବା ଶ୍ରିକୋଇଲି ଠାରୁ ନୟାହାଟ ମହାବିଦ୍ୟାଳୟ ଛକ ପର୍ଯ୍ୟନ୍ତ ସାଢ଼େ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ପଥର ଓ ମୋରମ ରାସ୍ତା ମାସେ ନପୂରୁଣୁ ସାମାନ୍ୟ ବର୍ଷାରେ ଧୋଇହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସମ୍ପୃକ୍ତ ଠିକାଦାର କଳା ପଥର ବଦଳରେ ନିମ୍ନମାନର ଧଳା ପଥର ବ୍ୟବହାର କରିବା ସହ ବାଲି ବଦଳରେ ଅଧିକ ମାଟି ପକାଇଥିବାରୁ ଏଭଳି ସ୍ଥିତି ଉପୁଜିଛି ଏବଂ ସ୍ଥାନୀୟ ଲୋକେ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ କୁଣ୍ଡେଇ କେନାଲ ବନ୍ଧରେ ଚାଲିଥିବା କଂକ୍ରିଟ୍ ରାସ୍ତା ନିର୍ମାଣ ସ୍ଥଳକୁ କୌଣସି ଯନ୍ତ୍ରୀ ତଦାରଖ ପାଇଁ ଆସୁନଥିବାରୁ ଠିକାଦାର ମନଇଚ୍ଛା କମ୍ ଦାମର ସିମେଣ୍ଟ ଓ ଧଳା ପଥରରେ କାମ କରୁଛନ୍ତି ବୋଲି ଓଡ଼ଗାଁ ଗ୍ରାମର ମାନସ ପ୍ରଧାନ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଜଳସେଚନ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ, ବର୍ଷା ଯୋଗୁଁ ରାସ୍ତା ନଷ୍ଟ ହୋଇଛି ଏବଂ ଏହା ଉପରେ ପଥର ଗୁଣ୍ଡ ପକାଯିବ ବୋଲି ସେ କହିଛନ୍ତି। କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ପାନୀୟ ଜଳ ପାଇଁ ରାଜରାସ୍ତାରେ ଗ୍ରାମବାସୀ

## ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**କଣ୍ଟିଲୋ,୧୭।୬/ଏନ୍ଏନ୍ଏସ୍:** ଭାପୁର ବ୍ଲକ ବାଉଁଶବାଟି ଗ୍ରାମର ଅଧିବାସୀମାନେ ବର୍ଷ ବର୍ଷ ଧରି ପାନୀୟ ଜଳ ସମସ୍ୟାର ସମାଧାନ ନ ହେବାରୁ ବୁଧବାର ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହ ଦୀର୍ଘ ୬ ଘଣ୍ଟା ଧରି ରାସ୍ତାରୋକ ଆନ୍ଦୋଳନ କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମଠାରୁ ଦୁଇ କିଲୋମିଟର ଦୂର ମାରଡ଼ା ଗ୍ରାମ ଛକରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଓଭରହେଡ୍ ପାଣି ଟାଙ୍କି ଓ ପାଇପ୍ ଲାଇନ ସଂଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ମନମାନି ଯୋଗୁଁ ଗ୍ରାମର ୪ଟି ୱାର୍ଡର ୧୨୦୦ରୁ ଊର୍ଦ୍ଧ୍ୱ ଲୋକ ବର୍ଷେ ହେବ ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ବ୍ଲକ ପ୍ରଶାସନ ଦୃଷ୍ଟି ନ ଦେବାରୁ ଗ୍ରାମବାସୀ ବାଉଁଶବାଟିଠାରେ କଣ୍ଟିଲୋ-ବାଘମାରୀ ସଂଯୋଗୀକରଣ ୪୮ ନମ୍ବର ରାଜ୍ୟ ରାଜପଥ ଅବରୋଧ କରିବାରୁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଫତେଗଡ଼ ଥାନାଧିକାରୀ ଅଜୟ କୁମାର ସାହୁ ଏକ ପ୍ଲାଟୁନ ପୁଲିସ ଫୋର୍ସ ସହ ପହଞ୍ଚି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପରେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଓ ନୟାଗଡ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଣ୍ଡା ଉପସ୍ଥିତ ହୋଇ ଖୁବଶୀଘ୍ର ସମସ୍ୟାର ସମାଧାନ ପାଇଁ ଦୃଢ଼ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିଭାଗୀୟ କର୍ମଚାରୀଙ୍କ ସହ ମିଶି ମୁଖ୍ୟ ପାଇପ୍ ଲାଇନରୁ ଚୋରାରେ ନିଜ ଗୃହକୁ ପାଣି ସଂଯୋଗ କରିଥିବା ଅଭିଯୋଗ କରି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ମହୁମୁହାଣରେ ବାଦିପାଲା ଉଦ୍‌ଯାପିତ



**ସୋର, ୧୭।୬/ଏନ୍ଏନ୍ଏସ୍:** ସୋର ବ୍ଲକ ମହୁମୁହାଣ ଗ୍ରାମର ମେଳାଡିହଠାରେ ରଜ ପର୍ବ ଅବସରରେ ଆୟୋଜିତ ତିନି ଦିନିଆ ଐତିହାସିକ ବାଦିପାଲା ଏବଂ ନାଟକ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଶହେ ବର୍ଷରୁ ଅଧିକ ସମୟର ଏହି ପ୍ରାଚୀନ ମଣ୍ଡପରେ ଓଡ଼ିଶାର ସୁନାମଧନ୍ୟ ପାଲା ଗାୟକ ପୁରୀର ମାୟାଧର ପ୍ରଧାନ ଏବଂ ଖୋର୍ଦ୍ଧାର ନିରଞ୍ଜନ ବାହିନୀପତିଙ୍କ ମଧ୍ୟରେ ଆକର୍ଷଣୀୟ ବାଦିପାଲା ଅନୁଷ୍ଠିତ ହୋଇଥିଲା, ଯାହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ପ୍ରବଳ ଜନସମାଗମ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମେଳା ମଣ୍ଡପ ରଜ କମିଟି ପକ୍ଷରୁ ଉଭୟ ଗାୟକ ଓ ସେମାନଙ୍କ ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ରାତିରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା 'କାନ୍ଦିବିନି ଆଉ ତୋରି ପାଇଁ' ଏବଂ 'ସିନ୍ଦୂର ପିନ୍ଧିଲି ଦିନକ ପାଇଁ' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଯାତ୍ରା ନାଟକଗୁଡ଼ିକରେ ସନ୍ତୋଷ କୁମାର ଦାସ ନିର୍ଦ୍ଦେଶନା ଦେଇଥିବା ବେଳେ ସୁଧାଂଶୁ କୁମାର ମହାପାତ୍ର, ଗଜେନ୍ଦ୍ର କୁମାର ନାୟକ ଓ ଉଦୟ କୁମାର ସାହୁ ସହଯୋଗ କରିଥିଲେ। ଏଥିରେ ସଂଗ୍ରାମ ପଟ୍ଟନାୟକ, ଯଦୁନାଥ ନାୟକ, ମାଧବ ନାୟକ ଏବଂ କରୁଣାକର ନାୟକ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରି ଚମତ୍କାର ଅଭିନୟ ପ୍ରଦର୍ଶନ କରିଥିଲେ। କମିଟି ସଭାପତି ସରୋଜ କୁମାର ପଟ୍ଟନାୟକ ଏବଂ ସମ୍ପାଦକ ନବୀନ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ବନ୍ୟା ଓ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି



**ବାଲେଶ୍ୱର, ୧୭।୬/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବନ୍ୟା, ବାତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ତଥା ଧନଜୀବନର ସୁରକ୍ଷା ନିମନ୍ତେ ବୁଧବାର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ଆସନ୍ତା ୧୮ ତାରିଖ ପୂର୍ବାହ୍ନରେ ଜିଲ୍ଲା ସ୍ତରରେ ଏବଂ ଅପରାହ୍ଣରେ ବ୍ଲକ ଓ ପୌରାଞ୍ଚଳ ସ୍ତରରେ ଟେବୁଲଟପ ଏକସରସାଇଜ୍ ହେବ ଏବଂ ୧୯ ତାରିଖରେ ଜିଲ୍ଲାର ସମସ୍ତ ୧୪୪ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସମେତ ରେଡ୍‌କ୍ରସ୍ ଦ୍ୱାରା ପରିଚାଳିତ ୧୨ଟି କେନ୍ଦ୍ରରେ ମକଡ୍ରିଲ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିପର୍ଯ୍ୟୟ ସମୟରେ ଉଦ୍ଧାର, ଥଇଥାନ, ଶୁଖିଲା ଓ ରନ୍ଧା ଖାଦ୍ୟ, ବିଶୋଧିତ ଜଳ ଯୋଗାଣ, ନଦୀବନ୍ଧ ମରାମତି, ଆବଶ୍ୟକ ଔଷଧ ଓ ପ୍ରାଣୀସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜାତୀୟ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ, ଅଗ୍ନିଶମ ବିଭାଗ, ଆପଦ ମିତ୍ର ଓ ସିଭିଲ ଡେଫେନ୍ସର ଅଧିକାରୀମାନେ ଯୋଗଦେଇଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ୍ ଦେଇଥିଲେ।

# ଏସିରୁ ନିଆଁ ଲାଗି ଜଳିଗଲା ବୀମା କାର୍ଯ୍ୟାଳୟ

## ଜରୁରୀକାଳୀନ ନିଷ୍କାସନ ପଥ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନଥିବା ସ୍ପଷ୍ଟ

**ବାରିପଦା, ୧୭।୬/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ବାରିପଦା ସହରର ମଧ୍ୟଭାଗ ତଥା ରକ୍ସି ସିନେମା ହଲ୍ ନିକଟସ୍ଥ ଏକ ଚାରିମହଲା ବିଶିଷ୍ଟ କୋଠାରେ ଥିବା 'ରୟାଲ ଇନ୍ସ୍ୟୁରାନ୍ସ'

**ଅଳ୍ପକେ ବର୍ତ୍ତିଲେ ୨୦ କର୍ମଚାରୀ**

ବୀମା କାର୍ଯ୍ୟାଳୟରେ ଆଜି ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଦୀର୍ଘ ସମୟ ଧରି ପୁରୁଣା ଏସି ଚାଲିବା ଯୋଗୁଁ ବିଦ୍ୟୁତ ତାର ଜଳି ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ନିଆଁ ଲାଗିବା ଦେଖି ଘର ମାଲିକଙ୍କ ସମ୍ପର୍କୀୟ ରାଜୀବ କୁମାର ରାଉତ ଓ କର୍ମଚାରୀମାନେ ପ୍ରଥମେ ମୁଖ୍ୟ ବିଦ୍ୟୁତ ସଂଯୋଗ ବନ୍ଦ କରି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁ ଆୟତ୍ତ ନହେବାରୁ ସେମାନେ ଅଗ୍ନିଶମ ବାହିନୀକୁ




ଖବର ଦେଇଥିଲେ। ବାରିପଦା ଶାଖାର ଦୁଇଟି ଦମକଳ ଗାଡ଼ି ସହ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରିଶ୍ରମ ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। କାର୍ଯ୍ୟାଳୟରେ ଥିବା ୨୦ ଜଣଯାକ କର୍ମଚାରୀ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଆସିଥିବାରୁ କୌଣସି ଜୀବନ ହାନୀ ହୋଇନାହିଁ ବୋଲି ଅଗ୍ନିଶମ ଅଧିକାରୀ ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡ ପରେ ଉକ୍ତ ବହୁତଳ କୋଠାରେ ବ୍ୟାପକ ସୁରକ୍ଷାଗତ ତ୍ରୁଟି ଥିବା ପଦାକୁ ଆସିଛି। ଦ୍ୱିତୀୟ ମହଲାରେ ଥିବା ଏହି କାର୍ଯ୍ୟାଳୟର ପ୍ରବେଶ ପଥ ଅତ୍ୟନ୍ତ ସଂକୀର୍ଣ୍ଣ ଥିବା ବେଳେ ସେଠାରେ ନା ଅଛି ଜରୁରୀକାଳୀନ ଅଗ୍ନି ନିଷ୍କାସନ ପଥ ନା ଅଛି ଅଗ୍ନି ନିର୍ବାପକ ଯନ୍ତ୍ର ବୋଲି ତଦନ୍ତ କରି ଅଗ୍ନିଶମ ଅଧିକାରୀ ଗୁଣାଧର ଜେନା ସ୍ପଷ୍ଟ କରିଛନ୍ତି। ଏହି ନିଆଁ ଯଦି ଆଖପାଖର ପ୍ରାୟ ୧୫ଟି କପଡ଼ା ଦୋକାନ, ଭୋଜନାଳୟ ଓ ବୈଦ୍ୟୁତିକ ସଂସ୍ଥା ବିଶିଷ୍ଟ କୋଠାକୁ ବ୍ୟାପିଥାନ୍ତା, ତେବେ ବ୍ୟାପକ ଧନଜୀବନ ନଷ୍ଟ ହୋଇଥାନ୍ତା। ଏଭଳି ବିପଜ୍ଜନକ ସ୍ଥିତିରେ ୪ଟି ବାଣିଜ୍ୟିକ ସଂସ୍ଥାକୁ ଗୃହ ଭଡ଼ା ଦିଆଯିବା ଏବଂ କର୍ମଚାରୀଙ୍କ ଜୀବନକୁ ବାଜି ଲଗାଇ ବୀମା ସଂସ୍ଥା ଚାଲିବା ସ୍ଥାନୀୟ ଅଞ୍ଚଳରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ସହରର ବିଭିନ୍ନ ଚିକିତ୍ସାଳୟ ଓ ବ୍ୟାଙ୍କରେ ପୂର୍ବରୁ ଅଗ୍ନିକାଣ୍ଡ ଘଟିବା ସତ୍ତ୍ୱେ ବର୍ଷ ବର୍ଷ ଧରି ବାଣିଜ୍ୟିକ କୋଠାଗୁଡ଼ିକର ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଅଗ୍ନିଶମ ବିଭାଗ କାହିଁକି ଯାଞ୍ଚ କରିନାହିଁ, ସେ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ରାଇରଙ୍ଗପୁର, ୧୭।୬/ଏନ୍ଏନ୍ଏସ୍:** ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମରେ ଦିନ ଦିପହରରେ ବଡ଼ ଭଉଣୀ ସମ୍ମୁଖରୁ ସାନ ଭଉଣୀକୁ ୪ ଜଣ ଯୁବକ ଟେକି ନେଇ ଗଣଦୁଷ୍କର୍ମ କରିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାରା ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ବିଜେଡି ସୁପ୍ରିମୋ

**ନାବାଳିକା ଗଣଦୁଷ୍କର୍ମ ମାମଲା**

ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜୁ ଜନତା ଦଳର ଏକ ଉଚ୍ଚସ୍ତରୀୟଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଆଜି ରାଇରଙ୍ଗପୁର ଗସ୍ତ କରି ଟାଉନ ଥାନାରେ ପୀଡ଼ିତା ଏବଂ ତାଙ୍କ ପରିବାର ବର୍ଗଙ୍କୁ ସାକ୍ଷାତ କରିଛି। ତେବେ ଅତ୍ୟଧିକ ଭୟ ଓ ମାନସିକ ଦୁଶ୍ଚିନ୍ତାରେ ଥିବା ଯୋଗୁଁ ନାବାଳିକା ଜଣକ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ଅପରାହ୍ନରେ ଏହି ପ୍ରତିନିଧି ଦଳ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ, ଦୋଷୀଙ୍କ ତୁରନ୍ତ ଗିରଫଦାରୀ, କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ, ପୀଡ଼ିତାଙ୍କୁ ସରକାରୀ ସହାୟତା ଏବଂ ପରିବାରକୁ ସୁରକ୍ଷା




ଯୋଗାଇଦେବାକୁ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ ପାଇଁ ଜଣେ ଦକ୍ଷ ମହିଳା ଉପଆରକ୍ଷୀ ଅଧୀକ୍ଷକ (ଡିଏସପି)ଙ୍କୁ ଦାୟିତ୍ୱ ଦିଆଯାଇଥିବା ଏବଂ ପୋକ୍ସୋ ଅଦାଲତରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ୧୪ ଧାରା ଅନୁଯାୟୀ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ପୂର୍ବତନ ମହିଳା କମିଶନର ମିନତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୌରପାଳିକା ସଦସ୍ୟା ପ୍ରୀତିନନ୍ଦା ରାଉତରାୟ, ପ୍ରାକ୍ତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡୀ, ପ୍ରାକ୍ତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡୀ, ପ୍ରାକ୍ତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପ୍ରାକ୍ତନ ମୋରଡ଼ା ବିଧାୟକ ରାଜକିଶୋର ଦାସ, ପ୍ରାକ୍ତନ ବଡ଼ସାହି ବିଧାୟକ ମନ୍ଟୁ ପାତ୍ର, ଜିଲ୍ଲା ବିଜେଡି ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡି ଏବଂ ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ ସାମିଲ ଥିଲେ। ସେହିପରି ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଚକ୍ରଧର ହେମ୍ବ୍ରମ, ରାଜ୍ୟ ବିଜେଡି ସମ୍ପାଦିକା ନିନା ଦାସ, ସରକାରୀ ଅତିରିକ୍ତ ଜନ ଅଭିଯୋଜକ ପଙ୍କଜ ଦାସ, ନାରୀ ନେତ୍ରୀ ତନୁଜା ମହାନ୍ତ, ଗୌରୀ ଦତ୍ତ, ସ୍ୱରୂପ ବେହେରା, ସୁବାସ ମଣ୍ଡଳ, ପିଙ୍କୁ ବଳ, ଡିଙ୍ଗ ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା, ବହଳଦା ଜିଲ୍ଲା ପରିଷଦ ସଦସ୍ୟା ସୂର୍ଯ୍ୟମଣି ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ଭଗବତୀ ମିଶ୍ର ଏବଂ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମଙ୍କ ସମେତ ବିଭିନ୍ନ ପଞ୍ଚାୟତ ଓ ବ୍ଲକ ସ୍ତରର ଅନେକ ଦଳୀୟ ବରିଷ୍ଠ ନେତୃବୃନ୍ଦ ଏହି ଗସ୍ତ ସମୟରେ ଉପସ୍ଥିତ ରହି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ସାପ କାମୁଡ଼ାରେ ଛାତ୍ର ମୃତ

**ଖଇରା, ୧୭।୬/ଏନ୍ଏନ୍ଏସ୍:** ଖଇରା ଥାନା ଅଧୀନ ଗଣ୍ଡିବେଡ଼ ଗ୍ରାମରେ ମାମୁଘରେ ରହୁଥିବା ଜୟନ୍ତୀ ରାଉତଙ୍କ ପୁଅ ଗଣେଶ(୧୪) ସାପ କାମୁଡାରେ ମୃତ୍ୟୁବରଣ କରିଛି। ଜୟନ୍ତୀଙ୍କ ଶ୍ୱଶୁର ଘର ଆଗରପଡ଼ା ଥାନା ଅଧୀନ ବରହମପୁର ଗ୍ରାମରେ ହୋଇଥିବା ବେଳେ ପାରିବାରିକ ସମସ୍ୟାକୁ ନେଇ ସେ ତାଙ୍କ ୨ ପୁଅ ଗଣେଶ ଓ ସୁରେଶ (୧୧)ଙ୍କ ସହ ନିଜ ବାପଘର ଗଣ୍ଡିବେଡ଼ରେ ରହୁଥିଲେ। ଗଣ୍ଡିବେଡ଼ ହାଇସ୍କୁଲରେ ୧୦ମ ଶ୍ରେଣୀରେ ପଢୁଥିବା ଗଣେଶ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଡାହାଣଗୋଡକୁ ଏକ ସାପ କାମୁଡିଥିଲା। ସକାଳେ ଗୁରୁତର ଅବସ୍ଥାରେ ପ୍ରଥମେ ଖଇରା ଓ ପରେ ଭଦ୍ରକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଶିବ ବିବାହ ପାଇଁ ଚଳଚଞ୍ଚଳ ଆଖଣ୍ଡଳମଣି ପୀଠ






**ଭଦ୍ରକ, ୧୭।୬/ଏନ୍ଏନ୍ଏସ୍:** ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅର୍ଥାତ୍ ଆସନ୍ତା ଶୁକ୍ରବାର ଦିନ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପାରମ୍ପରିକ ଦେବଦମ୍ପତିଙ୍କ ଶିବ ବିବାହ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ସମଗ୍ର ପୀଠ ଏବେ ଉତ୍ସବମୁଖର ହୋଇଉଠିଛି। ବୈଦିକ ରୀତିନୀତି ଅନୁଯାୟୀ, ଗୁରୁବାର ଦେବଦମ୍ପତିଙ୍କ ମାଙ୍ଗଳିକ କୃତ୍ୟ ଓ ହଳଦୀ ସ୍ନାନ ନୀତି ସମ୍ପନ୍ନ ହେବାକୁ ଥିବା ବେଳେ ଶୁକ୍ରବାର ଦିନ ବାବାମଣି ବିବାହ ବନ୍ଧନରେ ଆବଦ୍ଧ ହେବେ। ମାନବୀୟ ଲୀଳା ଅନୁସାରେ ବାବାମଣିଙ୍କ ଚଳନ୍ତି ପ୍ରତିମା ହର ଏବଂ ମାତା ପାର୍ବତୀଙ୍କ ଚଳନ୍ତି ପ୍ରତିମା ଗୌରୀଙ୍କୁ ବରପିତା ଓ କନ୍ୟାପିତା ନିଜ ନିଜ ଗୃହକୁ ପାଛୋଟି ନେବେ। ଚଳିତ ବର୍ଷ ବରପିତା ଭାବେ ଗଦାଧର ପାଢ଼ୀଙ୍କ ଜଜମାନ ଅସିତ ସାହୁ ଏବଂ କନ୍ୟାପିତା ଭାବେ ବିଚିତ୍ର ପାଢ଼ୀଙ୍କ ଯଜମାନ ମାନସ ରଞ୍ଜନ ସାହୁ ସୌଭାଗ୍ୟ ଅର୍ଜନ କରିଛନ୍ତି। ଉଭୟଙ୍କ ଗୃହରେ ମାଙ୍ଗଳିକ କାର୍ଯ୍ୟ ସହ ନିମନ୍ତ୍ରଣ ପତ୍ର ଓ

**ଆଜି ମଙ୍ଗନ, କାଲି ବାହାଘର**

ମଙ୍ଗୁଳାଗୁଆ ବଣ୍ଟନ ଜାରି ରହିଛି। ବିବାହ ନିମନ୍ତେ ମନ୍ଦିର ସମ୍ମୁଖରେ ଭବ୍ୟ ବେଦୀ ନିର୍ମାଣ ସାଙ୍ଗକୁ ତୋରଣ ଓ ଆଲୋକ ସଜ୍ଜା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ପିରାହାଟସ୍ଥିତ ପ୍ରଦେଶ ସେବା ସଂଗଠନ ପକ୍ଷରୁ ମନ୍ଦିର ପ୍ରାଚୀରରେ ମନୋରମ ମାଙ୍ଗଳିକ ଚିତ୍ରମାନ ଅଙ୍କନ କରାଯାଇଛି। ଏହି ସାଂସ୍କୃତିକ ଗଣପର୍ବରେ ବିହାରର ଅଘୋରୀ ନୃତ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ, ଢେଙ୍କାନାଳର ଦୁଲୁଦୁଲି, ଖୋର୍ଦ୍ଧାର ପାଇକ ଆଖଡ଼ା, ଶ୍ରୀକ୍ଷେତ୍ର ପୁରୀର ସାହିମେଢ ଓ ବନାଟି, ଘଣ୍ଟବାଦ୍ୟ ସମେତ ବିଭିନ୍ନ ପ୍ରାନ୍ତରର ସଂକୀର୍ତ୍ତନ ମଣ୍ଡଳୀ ମୁଖ୍ୟ ଆକର୍ଷଣ ସାଜିବେ। ବରଯାତ୍ରୀ ରୂପେ ବ୍ରହ୍ମା, ବିଷ୍ଣୁ, ଇନ୍ଦ୍ର ଓ ଯମ ଆଦି ଦେବଗଣଙ୍କ ସହ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ମହୋତ୍ସବରେ ସାମିଲ ହେବେ। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ଜିଲ୍ଲା ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି। ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ବୁଧବାର ପୀଠରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହ ଯାନବାହନ ଚଳାଚଳ ନିୟନ୍ତ୍ରଣ ବ୍ୟବସ୍ଥାର କ୍ଷେତ୍ରୀୟ ପରିଦର୍ଶନ କରିଛନ୍ତି। ସାମ୍ବାଦିକ ଏନ୍ ଏନ୍ ଏସଙ୍କ ରିପୋର୍ଟ ଅନୁସାରେ, ଏହି ଦେବ ବିବାହ ପାଇଁ ସମଗ୍ର ଜିଲ୍ଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି।

# ଏବିଇଓଙ୍କୁ ଘେରିଲେ କଳମଚୁଆ ଗ୍ରାମବାସୀ

**ଖଇରା, ୧୭।୬/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଉଁଶଗଡ଼ିଆ ପଞ୍ଚାୟତ ଅଧୀନ କଳମଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଦାମରେ ଗଚ୍ଛିତ ଥିବା ମଧ୍ୟାହ୍ନ ଭୋଜନ ଚାଉଳରେ ବିଷ ମିଶାଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବୁଧବାର ଗ୍ରାମବାସୀମାନେ ଏହି ସ୍ପର୍ଶକାତର ଘଟଣାର ତଦନ୍ତ ସହ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ଏପରିକି ଖବର ପାଇ ପହଞ୍ଚିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଲକ୍ଷ୍ମୀଧର ସିଂଙ୍କୁ ଗ୍ରାମବାସୀ ଦୀର୍ଘ ୨ ଘଣ୍ଟା କାଳ ସେଠାରେ ଘେରାଉ କରି ରଖିଥିଲେ। ସୂଚନା

**ମଧ୍ୟାହ୍ନ ଭୋଜନ ଚାଉଳରେ କୀଟନାଶକ ମିଶାଯିବା ଘଟଣା**

ଅନୁଯାୟୀ, ବିଦ୍ୟାଳୟରେ ଗଚ୍ଛିତ ଥିବା ପ୍ରାୟ ୬ କ୍ୱିଣ୍ଟାଲ ଚାଉଳକୁ ପୋକ ମୁଖରୁ ରକ୍ଷା କରିବା ପାଇଁ କମିଟି ସଭାପତି ରୋଷେଇ ଦାୟିତ୍ୱରେ ଥିବା ସହାୟିକାଙ୍କୁ କୀଟନାଶକ (ବିଷ) ମିଶାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସହାୟିକା ଜଣକ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ ଗଭୀର ଅସନ୍ତୋଷ ବ୍ୟକ୍ତ କରି ଶିକ୍ଷା ବିଭାଗକୁ ଅବଗତ କରାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗ୍ରାମବାସୀଙ୍କ ଚେତାବନୀ ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏହି ସମ୍ପୂର୍ଣ୍ଣ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିବା ସହ ଅଭିଯୁକ୍ତ କମିଟି ସଭାପତିଙ୍କୁ ଆସନ୍ତା ଗୁରୁବାର ବିଦ୍ୟାଳୟରେ ହାଜର ହେବା ପାଇଁ ପ୍ରଧାନଶିକ୍ଷକଙ୍କ ଜରିଆରେ ଏକ ନୋଟିସ୍ ଜାରି କରିଛନ୍ତି। ଏହି ପ୍ରଶାସନିକ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଅଧିକାରୀଙ୍କୁ ଛାଡ଼ିଥିବା ବେଳେ ସଭାପତି ଉପସ୍ଥିତ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: EPC-CECONIIBBS 2026017, ତା.21.04.2026 ଦିନ ର

ଶୁଦ୍ଧିପତ୍ର ସଂ.05

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

| ବିବରଣୀ | ପ୍ରକାଶିତ ଅନୁଯାୟୀ (ବର୍ତ୍ତମାନ ମୂଲ୍ୟ) | ବର୍ତ୍ତମାନ ପଢ଼ନ୍ତୁ (ସଂଶୋଧିତ ମୂଲ୍ୟ) |
|---|---|---|
| EMD ଜମା ରାଶି | ₹1,06,31,800/- | ₹1,12,40,800/- |
| କାର୍ଯ୍ୟର ଅନୁମାନିତ ମୂଲ୍ୟ | ₹5315.90 ଲକ୍ଷ | ₹5620.39 ଲକ୍ଷ |

ଟେଣ୍ଡରଦାତାମାନେ ଅଧିକ ବିବରଣୀ ପାଇଁ ୱେବସାଇଟ: www.ireps.gov.in ପରିଦର୍ଶନ କରିପାରିବେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ଭୁବନେଶ୍ୱର

PR - 93/CJ/26-27

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 12/06/2026, I KUMUDINI NAIK of vill- Mandua, Po- Mandua, Ps- Town, Dist- Keonjhar, Pin-758014 , declare that I have changed my name from KUMUDUNI DAS to KUMUDINI NAIK. Henceforth, I shall be known as KUMUDINI NAIK for all purposes.

KUMUDINI NAIK

**AFFIDAVIT**

By virtue of an affidavit sworn before in the court of Executive Magistrate, Bhandaripokhari, dt.04.06.2026 I, Subash Chandra Sethy, At:- Guhalia, P/O: Palikiri, P.S- Dhamnagar, Dist- Bhadrak, PIN- 756117 declare that I have changed the name from SUBASH SETHY to SUBASH CHANDRA SETHY. Henceforth, I shall be known as SUBASH CHANDRA SETHY for all purposes.

Sd/- Subash Chandra Sethy

**AFFIDAVIT**

By virtue of an affidavit sworn before in the court of Executive Magistrate, Bhandaripokhari, dt.12.05.2026 I, Nilamadhab Barik, At:- Areikana, P/O/ P.S.- Bhandaripokhari, Dist- Bhadrak, PIN- 756120 declare that I have changed the name of my son from ABINASH BARIK to ABISEK BARIK. Henceforth, he will be known as ABISEK BARIK for all purposes.

Sd/- Nilamadhab Barik

GOVERNMENT OF ODISHA 1001/84/2627

OFFICE OF THE EXECUTIVE ENGINEER (AGRIL.),

SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017

e-mail: eenzsc.sambalpur@gmail.com

Notice No. 690 Dt. 16.06.2026

**NATIONAL COMPETITIVE BIDDING THROUGH e-Procurement**

Identification No. 02 /DSC&WD / NZ / 2026-27 Dt. 16.06.2026

| | | | |
|---|---|---|---|
| 1 | Nature of Work | : | Construction of new Non-Residential Building |
| 2 | Nos. of work | : | 01 no. |
| 3 | Tendered amount in Rs. | : | Rs. 21,86,903 /- |
| 4 | Period of completion | : | 180 days |
| 5 | Date & Time of availability of bid document in the portal | : | From 10.00 Hrs. of 25.06.2026 to 17.30 Hrs. of 08.07.2026 |
| 6 | Last date/ time of receipt of original documents in the tender box at the office of the undersigned | : | Before 17.30 Hrs. of 18.07.2026 |
| 7 | Date & Time of opening of bids | : | 11.00 Hrs. of 21.07.2026 onwards |
| 8 | Name and Address of the officer inviting bid | : | Executive Engineer (Agril.), Soil Conservation, Northern Zone, Sambalpur, At/Po-Burla, Near Planetarium Chowk, Pin-768017 |

Further details can be seen from the web site www.tendersodisha.gov.in

OIPR-1001/1481/1/26-27/0002

Sd/- Executive Engineer, (Agril.)
Soil Conservation, NZ, Sambalpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

OFFICE OF THE SENIOR GENERAL MANAGER, (ELECTRICAL)
CENTRAL (O&M) ZONE, BHUBANESWAR

**NOTIFICATION**

No. TW-SGM-CZ(O&M)- 132/2026/594 Dated : 16.06.2026

In accordance with Section-164 of the Indian Electricity Act, 2003 and in exercising the power conferred upon OPTCL vide Department of Energy, Government of Odisha Order No: R&R-II-10\2006\2353 dated 09.03.2006, the following transmission scheme, which is intended to be undertaken by the Odisha Power Transmission Corporation Limited for execution, are published for general information. The approved amount of the project is **Rs. 18.215 Crores**. It is also notified in the interest of the general public that any person interested in making representation regarding the execution of the above scheme, may submit such representation in writing so as to reach the Sr.General Manager(Elect.), Central(O&M) Zone, Bhubaneswar, Odisha Power Transmission Corporation Limited, (1st floor) Multi storied Corporate Building, Bhoinagar, Bhubaneswar-751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.),EHT (O&M) Division, Paradeep as mentioned against the work, on any working day during office hours.

**Name of the Work:-** Construction of 01 no. of 132kV feeder bay extension at existing 132/33kV Grid Sub-Station Tirtol with associated 132kV Transmission line on DC towers from 132kV Grid Sub Station Tirtol to RTSS Gorekhnath.

**Name of the Village in which the line will Pass :**
**Tahasil:** Tirtol, **RI Circle:** Manijanga, **Revenue Village:** Bodhei, Gopalpur, Haladia; **RI Circle:** Jagannath pur, **Revenue Village:** Purijena, Chandilo; **RI Circle:** Gobindapur, **Revenue Village:** Uradha; **RI Circle:** Garam, **Revenue Village:** Airi, Sarai; **RI Circle:** Kanakpur, **Revenue Village:** Kiranti, Salijanga, Chinapada, Malanda, Mahamadpur, Sardola; **RI Circle:** Patilo, **Revenue Village:** Begunia, Korkora; **RI Circle:** Mulisingha, **Revenue Village:** Oleipada, Jhankeswar, Birtol, Harisingpur; **RI Circle:** Gopalpur, Revenue Village: Barunapada.

**Perceived benefit that may accrue :** This will facilitate the un-interrupted power supply to the villages' covers under the Tahasil of Tirtol command area & overall development of Odisha State in general.

PRASANTA KUMAR SWAIN
Senior General Manager (EL)

FIPR-20/2026-27

/optcl.odisha /optcl_odisha

OFFICE OF THE DIVISIONAL FOREST OFFICER, BRAHMAPUR FOREST DIVISION
AT/P.O. COURTPETA SQUARE, BRAHMAPUR, DIST. GANJAM (ODISHA) – 760 004
Phone / Fax Number – 0680 2281354, Cell Phone Number – 7653908594
E-mail id – dfo.berhampur@odisha.gov.in

Re-Tender Notice No 03 /1F (ACCOUNT)- 2026-27,
Dated, Brahmapur, the June, 2026

**RE-TENDER CALL NOTICE FOR HIRING VEHICLE**

Sealed Tenders are invited and interested Reputed Travel Agencies/Tour Operators or Private individuals for providing tentatively **14 (Fourteen) Nos of AC BS–VI compliant Scorpio N/Bolero/TUV 300/Ertiga or equivalent** vehicles having sitting capacity not more than seven including driver, which shall conform to the Terms and Conditions (Annexure-II) for official use at different offices under the jurisdiction of Brahmapur Forest Division on monthly rent basis. The re-tender application form is available in the websites of **odishaforest.in/ganjam.nic.in** and can be obtained from the O/o the Divisional Forest Officer, Berhampur Forest Division on payment of Rs 1000/- (one thousand) only or in shape of non-refundable D.D. issued in favour of the Divisional Forest Officer, Berhampur Division. The sale of re-tender papers will be start from 17.06.2026 to 24.06.2026 and **will be opened on 25.06.2026 at 11.00 AM**. The Standard Bidding Document and Terms and Conditions can be downloaded through **odishaforest.in/ganjam.nic.in** from 17.06.2026 to 24.06.2026.

Sd/-Divisional Forest Officer,
Brahmapur Division

OIPR-8001/8038/1/26-27/0004 8001/152/2627

8001/149/2627

OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION
Telephone No:- 06644-299949, Email ID:- dfo.redhakhol@odisha.gov.in

Notice No- F & E/RKL/ 015 (OFFLINE)/2026-27, Dated- 02.06.2026

**1st Corrigendum Notice**

In partial modification of the Tender Call Inviting Notice No. F & E/RKL/015 (OFFLINE)/2026-27, dated 02.06.2026 for **"Solar-powered Irrigation Systems and IoT/SCADA Solutions for the Design, Supply, Installation, Commissioning, and Maintenance Support of a Solar-Based Drip Irrigation System with IoT Integration for the 15 km Lemon/Lime Bio-Fencing Plantation"** in Redhakhol Forest Division" during the year 2026-27, issued by the Divisional Forest Officer, Redhakhol, the last dates of the tender are hereby extended in the interest of wider participation. The tender document along with detailed terms and conditions shall be available for download from www.redhakholforest.com, https://sambalpur.odisha.gov.in or www.odishaforest.in from 02:00 PM (14:00 Hours) on 17.06.2026 to 05:00 PM (17:00 Hours) on 25.06.2026.

All prospective bidders are advised to submit their bids in accordance with the extended schedule of dates given below:

| | Existing Date | Revised Date |
|---|---|---|
| Bid Availability Date | 02.06.2026 (02:00 PM) to 18.06.2026 (5:00PM) | 17.06.2026(02:00 PM) to 25.06.2026(5:00 PM) |
| Last Date for Submission of Bids | 18.06.2026 till 05.00 PM | 25.06.2026(5:00 PM) |
| Date of Opening of Tenders | 19.06.2026 at 10.00 AM | 29.06.2026(02:30 PM) |

Sd/-Divisional Forest Officer,
Redhakhol Forest Division

OIPR-8001/8146/1/26-27/0023

## ପ୍ରଥମ ପୃଷ୍ଠାରୁ

### ଖୋର୍ଦ୍ଧାରେ ରତ୍ନପଥର ...

ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ପୁଞ୍ଜିଗତ ସାମଗ୍ରୀ, କେମିକାଲ୍ସ, ଇସ୍ପାତ, ଲୁହା ଏବଂ ଫେରୋ ଆଲୟଜ୍ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ଏହି ମଞ୍ଜୁରୀର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଓଡ଼ିଶା ଏବେ ରତ୍ନପଥର ବା ହୀରା ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛି। ଖୋର୍ଦ୍ଧା ଜିଲ୍ଲାରେ କିରା ଡାଇମଣ୍ଡ ଏଲ୍ଏଲ୍ପି, ଅଞ୍ଜଳି ଲ୍ୟାବ୍ଟେକ୍ ଲିମିଟେଡ୍ ଏବଂ ଗ୍ରୋ ମ୍ୟାଗ୍ନିଫିସେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସମୁଦାୟ ୯,୮୧୭.୫୦ କୋଟି ଟଙ୍କା ନିବେଶରେ କୃତ୍ରିମ ହୀରା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ୮,୧୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।ଏହି ପ୍ରକଳ୍ପ ରତ୍ନପଥର ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ମଜବୁତ କରିବ। ସେହିପରି ସବୁଜ ଶକ୍ତି ସରଞ୍ଜାମ କ୍ଷେତ୍ରରେ ଟାଟା ପାୱାର ରିନିଉଏବଲ୍ ଏନର୍ଜି ଲିମିଟେଡ୍ ଗଞ୍ଜାମ ଜିଲ୍ଲାରେ ୧୦,୦୦୦ କୋଟି ଟଙ୍କା ବ୍ୟୟରେ ସୌର ପିଭି ସେଲ୍, ଇଙ୍ଗଟ୍ ଓ ୱେଫର ନିର୍ମାଣ ୟୁନିଟ୍ ସ୍ଥାପନ କରି ୫,୦୦୦ ଲୋକଙ୍କୁ ନିଯୁକ୍ତି ଦେବ। ଏହା ସହିତ ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୧,୭୦୯.୮୧ କୋଟି ଟଙ୍କା ନିବେଶରେ ସୌର ପିଭି ସେଲ୍ କାରଖାନା ପ୍ରତିଷ୍ଠା କରି ୫୧୯ ଜଣଙ୍କୁ ନିଯୁକ୍ତି ଦେବ। ସେହିପରି ବିରଳ ମୃତ୍ତିକା ଖଣିଜ କ୍ଷେତ୍ରରେ ଏନ୍.ଏ.ଏନ୍. ମ୍ୟାଗନେଟେକ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା/କଟକରେ ୧,୨୫୦ କୋଟି ଟଙ୍କା ବ୍ୟୟରେ ବୈଦ୍ୟୁତିକ ଯାନ ଗ୍ରେଡ୍ ଚୁମ୍ବକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରି ୨,୦୦୦ ଜଣଙ୍କୁ ଏବଂ ଲାର୍ସେନ୍ ଆଣ୍ଡ ଟୁବ୍ରୋ ଲିମିଟେଡ୍ ଗଞ୍ଜାମରେ ୨,୪୦୦ କୋଟି ଟଙ୍କା ନିବେଶରେ ସ୍ଥାୟୀ ଚୁମ୍ବକ ନିର୍ମାଣ କାରଖାନା ସ୍ଥାପନ କରି ୨,୦୦୦ ଜଣଙ୍କୁ ଜୀବିକା ଯୋଗାଇବେ। ବିଶ୍ୱ ଟାଇଟାନିୟମ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୨,୮୦୦ କୋଟି ଟଙ୍କା ବିନିଯୋଗରେ ଟାଇଟାନିୟମ ଡାଇଅକ୍ସାଇଡ୍ ସ୍ଲାଗ୍ ଏବଂ ପିଗମେଣ୍ଟ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରି ୧,୫୦୦ ନିଯୁକ୍ତି ସୃଷ୍ଟି କରିବ। ରାଜ୍ୟର ଉତ୍ପାଦନ ଭିତ୍ତିଭୂମିକୁ ସୁଦୃଢ଼ କରି ରତ୍ନମଣି ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ଲିମିଟେଡ୍ ଯାଜପୁରରେ ୧,୬୪୨ କୋଟି ଟଙ୍କାର ଏକ ସ୍ପେସିଆଲିଟି ଇସ୍ପାତ ୟୁନିଟ୍ (୮୦୦ ନିଯୁକ୍ତି), ନେକ୍ଟର ଲାଇଫ୍ସାଇନସ୍ସେ୍ ଲିମିଟେଡ୍ ସମ୍ବଲପୁରରେ ୧,୧୭୦ କୋଟି ଟଙ୍କାର ଔଷଧ ନିର୍ମାଣ ୟୁନିଟ୍ (୧,୦୦୦ ନିଯୁକ୍ତି) ଏବଂ ଜୁପିଟର ୱାଗନ୍ସ ଲିମିଟେଡ୍ ଯାଜପୁରରେ ୧,୫୦୦ କୋଟି ଟଙ୍କା ବ୍ୟୟରେ ରେଳ କୋଚ୍ ନିର୍ମାଣ କାରଖାନା (୧,୦୦୦ ନିଯୁକ୍ତି) ପ୍ରତିଷ୍ଠା କରିବେ। ଇସ୍ପାତ ଓ ଲୁହା କ୍ଷେତ୍ରରେ ରଶ୍ମି ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ଯାଜପୁରରେ ୧୫,୦୦୦ କୋଟି ଟଙ୍କା ବିନିଯୋଗରେ ଏକ ୪ ଏମ୍ଟିପିଏ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା କରି ସର୍ବାଧିକ ୧୧,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ ସମ୍ବଲପୁରରେ ୭,୫୮୦ କୋଟି ଟଙ୍କା ନିବେଶରେ ୧ ଏମ୍ଟିପିଏ ସମନ୍ୱିତ ଇସ୍ପାତ ୟୁନିଟ୍ (୩,୫୦୦ ନିଯୁକ୍ତି) ସ୍ଥାପନ କରିବ। ଏଥିସହ ଏସ୍ଏମ୍ସି ପାୱାର ଜେନେରେସନ ଲିମିଟେଡ୍ (ବଡ଼ମାଲ) ଝାରସୁଗୁଡ଼ାରେ ଏହାର ଇସ୍ପାତ ଓ ସିମେଣ୍ଟ କାରଖାନାର ସମ୍ପ୍ରସାରଣ ପାଇଁ ୫,୩୫୦ କୋଟି (୨,୦୦୦ ନିଯୁକ୍ତି) ଏବଂ ଏସ୍ଏମ୍ସି ପାୱାର ଜେନେରେସନ ଲିମିଟେଡ୍ (ହିରମା) ସମାନ ପ୍ରକଳ୍ପ ପାଇଁ ୩,୮୦୦ କୋଟି ଟଙ୍କା (୨,୦୦୦ ନିଯୁକ୍ତି) ବିନିଯୋଗ କରିବେ। ବିଆର୍ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ୧.୨ ଏମ୍ଟିପିଏ ସମନ୍ୱିତ ଇସ୍ପାତ କାରଖାନା ପାଇଁ ୨,୪୦୦ କୋଟି ଟଙ୍କା (୫,୦୨୦ ନିଯୁକ୍ତି) ଏବଂ ଓଡ଼ିଶା ଆଲୟ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ଲୁହପଥର ପ୍ରକ୍ରିୟାକରଣ କାରଖାନା ପାଇଁ ୧,୨୦୦ କୋଟି ଟଙ୍କା (୧,୧୦୦ ନିଯୁକ୍ତି) ବିନିଯୋଗ କରିବେ। ବିଦ୍ୟୁତ ଓ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରାଜପୁଷ୍ପା ରେନୋଭା ଏଲ୍ଏଲ୍ପି ମାଲକାନଗିରିରେ ୫,୨୨୦ କୋଟି ଟଙ୍କା ବ୍ୟୟରେ ଏକ ପମ୍ପଡ୍ ଷ୍ଟୋରେଜ୍ ଜଳବିଦ୍ୟୁତ ପ୍ରକଳ୍ପ (୫୦୦ ନିଯୁକ୍ତି) ଏବଂ କେୟୁ ଉର୍ଜା ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ୨,୪୭୧.୯୮ କୋଟି ଟଙ୍କା ନିବେଶରେ ଏକ କୋଇଲା ଆଧାରିତ ତାପଜ ବିଦ୍ୟୁତ କେନ୍ଦ୍ର (୪୭୮ ନିଯୁକ୍ତି) ପ୍ରତିଷ୍ଠା କରିବେ। କେମିକାଲ୍ସ ତଥା ଆଲୁମିନିୟମ କ୍ଷେତ୍ରରେ ସିଙ୍ଘଲ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ ରାୟଗଡ଼ାରେ ୧,୩୦୦.୫୭ କୋଟି ଟଙ୍କା ବ୍ୟୟରେ ଏକ ଆଲୁମିନିୟମ ଡାଉନ୍ଷ୍ଟ୍ରିମ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରି ୩,୦୦୦ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ।

### ବିଦ୍ୟୁତ୍ ଆଘାତରେ ...

ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଖବର ପାଇ ବାଲିମି ପୁଲିସ ହିନ୍ଦୋଳ ଡାକ୍ତରଖାନାରେ ପହଞ୍ଚି ଦୁଇ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

### ଜୁଲାଇ ୧ରୁ ଓଡ଼ିଶାରେ ...

ରୋଜଗାର ସୃଷ୍ଟି ନୁହେଁ, ବରଂ ଗ୍ରାମୀଣ ଭିତ୍ତିଭୂମି ବିକାଶ, ଜଳ ସଂରକ୍ଷଣ, କୃଷି ଉତ୍ପାଦନ ବୃଦ୍ଧି, ଜୀବିକାମୂଳକ ସମ୍ପତ୍ତି ସୃଷ୍ଟି ଓ ଜଳବାୟୁ-ସହନଶୀଳ ଗ୍ରାମ ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି। ଯୋଜନାକୁ 'ବିକଶିତ ଭାରତ-୨୦୪୭' ଦୃଷ୍ଟିକୋଣ ସହ ସମନ୍ୱୟ କରାଯାଇଥିବା ସରକାର କହିଛନ୍ତି। ଏସବୁ ବ୍ୟତୀତ ଏହି ଯୋଜନାରେ ଦୁର୍ନୀତି ରୋକିବା ପାଇଁ ସ୍ୱଷ୍ଟ ନିୟମ ରହିଛି। କୌଣସିବି ପରିସ୍ଥିତିରେ ଠିକାଦାରଙ୍କୁ ନିୟୋଜିତ କରାଯାଇପାରିବ ନାହିଁ ଓ ଶ୍ରମିକମାନଙ୍କ ବଦଳରେ କୌଣସି ମେସିନ୍ ବ୍ୟବହାର କରାଯିବ ନାହିଁ। କୃଷି କାର୍ଯ୍ୟର ମୁଖ୍ୟ ସମୟରେ କୃଷି-ଶ୍ରମିକଙ୍କ ସହଜ ଉପଲବ୍ଧତା ନିମନ୍ତେ ବୁଣା ଓ ଅମଳର ମୋଟ ୬୦ଦିନିଆ ଚାଷ ଋତୁକୁ ସରକାର ଆଗୁଆ ବିଜ୍ଞାପିତ କରିବେ, ଯେଉଁ ସମୟରେ ଯୋଜନାର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିବ। ଯଦି କୌଣସି ଶ୍ରମିକଙ୍କୁ ତାଙ୍କ ବାସସ୍ଥାନର ୫କିମି ପରିଧି ବାହାରେ କାମ ମିଳେ, ତେବେ ପରିବହନ ଓ ରହଣି ଖର୍ଚ୍ଚ ଭରଣା ପାଇଁ ମଜୁରୀ ହାରର ୧୦% ଅତିରିକ୍ତ ମଜୁରୀ ମିଳିବ।

### ଷ୍ଟାମ୍ପ୍ ଶୁଳ୍କ ସମ୍ପୂର୍ଣ୍ଣ ...

ସହାୟକ ହେବ ବୋଲି ଆଶା କରାଯାଉଛି । କୋଭିଡ୍-୧୯ ମହାମାରୀ ପରେ ପ୍ରଭାବିତ ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ପୁନର୍ବାସ ଓ ଆର୍ଥିକ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପିଏମ୍ ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ । ଓଡ଼ିଶା ସରକାରଙ୍କ ଏହି ନୂତନ ନିଷ୍ପତ୍ତି, ଯୋଜନାର ଲାଭ ଅଧିକ ସଂଖ୍ୟକ ହିତାଧିକାରୀଙ୍କ ନିକଟକୁ ପହଞ୍ଚାଇବାରେ ସହାୟକ ହେବ।

### ସହକାରୀ ନିର୍ବାହୀ ଯନ୍ତ୍ରୀ ...

ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗରେ ଦୁଇ ଜଣ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ମାମଲା ହୋଇଛି। ଉପବାଚସ୍ପତିଙ୍କ କାର୍ଯ୍ୟାଳୟ ସ୍ୱଷ୍ଟ କରିଛି ଯେ, ଉକ୍ତ ଚିଠିଗୁଡ଼ିକ କେବେ ବି ତାଙ୍କ କାର୍ଯ୍ୟାଳୟରୁ ଜାରି କିମ୍ବା ଅନୁମୋଦିତ ହୋଇନଥିଲା।

### ଉଠିଲା ହର୍ମୁଜ୍‌ରେ ...

ପଥର ସୁରକ୍ଷା ଏବଂ ନାବିକମାନଙ୍କ ଜୀବନର ସୁରକ୍ଷା ଉପରେ ଜୋର ଦେଇଛନ୍ତି। ମୋଦୀ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀକୁ ଖୋଲା ରଖିବା ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହିତ ସେ କହିଛନ୍ତି, ଇରାନ ସହିତ ଯେକୌଣସି ଶାନ୍ତି ଚୁକ୍ତିରେ ନାବିକଙ୍କ ସୁରକ୍ଷା ବିଶେଷକରି ଭାରତୀୟଙ୍କ ସୁରକ୍ଷାକୁ ନିଶ୍ଚିତ ଭାବରେ ପ୍ରାଥମିକତା ଦିଆଯିବ ବୋଲି ସେ ଆଶା କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗକୁ ଟ୍ରମ୍ପଙ୍କ ସାମ୍ନାରେ ଦୃଢ଼ ଭାବରେ ଉପସ୍ଥାପନ କରିବା ସହ କହିଛନ୍ତି ଯେ ବିଶ୍ୱର ପ୍ରାୟ ୧୦% ନାବିକ ହେଉଛନ୍ତି ଭାରତୀୟ ଏବଂ ସେମାନଙ୍କ ସୁରକ୍ଷା ଭାରତ ପାଇଁ ସର୍ବୋପରି। ଏହି ଅବସରରେ ମୋଦୀ, ଟ୍ରମ୍ପଙ୍କୁ ପ୍ରଶଂସା କରି କହିଛନ୍ତି ଯେ, କେବଳ ଆମେରିକା ରାଷ୍ଟ୍ରପତିଙ୍କ ନେତୃତ୍ୱ ଯୋଗୁ ପଶ୍ଚିମ ଏସିଆ (ମଧ୍ୟ ପ୍ରାଚ୍ୟ) ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ଏବଂ ଏହି ଅଞ୍ଚଳରେ ଶାନ୍ତି ଫେରିବ ବୋଲି ସେ ଦୃଢ଼ ଆଶାବାଦୀ। ସେହିପରି ଆମେରିକାର ନୂଆ ଇମିଗ୍ରେସନ ନୀତି ଓ ଏଚ୍୧ବି ଭିସା ଫି' ବୃଦ୍ଧି ପ୍ରସଙ୍ଗ ସହିତ ଦୁଇ ନେତାଙ୍କ ମଧ୍ୟରେ ପ୍ରତିରକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାଗିଦାରୀକୁ ମଜବୁତ୍ କରିବା ନେଇ ସକରାତ୍ମକ ଆଲୋଚନା ହୋଇଛି। ପଶ୍ଚିମ ଏସିଆ ସଙ୍କଟ (ମଧ୍ୟ ପ୍ରାଚ୍ୟ ବିବାଦ) ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ଭଳି ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମସ୍ୟା ଉପରେ ମଧ୍ୟ ଦୁଇ ନେତା ନିଜର ମତ ବିନିମୟ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ମୋଦୀ ଓ ଭାରତକୁ ଟ୍ରମ୍ପ୍ ବେଶ୍ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦୀ ଦୃଶ୍ୟମାନ ଭାବରେ ଶାନ୍ତ କିନ୍ତୁ ଆଲୋଚନାରେ ବହୁତ କଠୋର। ଆମେ ଖୁବ୍ ଶୀଘ୍ର ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବୁ। ମୁଁ ଭବିଷ୍ୟତରେ କେବେ ଭାରତ ମଧ୍ୟ ଗସ୍ତ କରିବି।

ମୋର ଭାରତ ପ୍ରତି ବହୁତ ସମ୍ମାନ ଅଛି, ଭାରତ ଏକ ବିଶ୍ୱାସୀ ବନ୍ଧୁ ରାଷ୍ଟ୍ର। ବୈଠକ ଆରମ୍ଭ ହେବା ପୂର୍ବରୁ ଦୁଇ ନେତାଙ୍କ ମଧ୍ୟରେ ବେଶ୍ ଆନ୍ତରିକତା ଦେଖିବାକୁ ମିଳିଥିଲା। ଟ୍ରମ୍ପ୍ ଏବଂ ମୋଦୀ ହାତ ମିଳାଇ ହସଖୁସିରେ କଥା ହେବା ସହ ଟ୍ରମ୍ପ, ମୋଦୀଙ୍କ ପିଠି ଥାପୁଡ଼ାଇ ନିଜର ପୁରୁଣା ବନ୍ଧୁତାକୁ ଦର୍ଶାଇଥିଲେ। ଭାରତ ଜି-୭ ର ସ୍ଥାୟୀ ସଦସ୍ୟ ନହେଲେ ମଧ୍ୟ ଚଳିତ ବର୍ଷ ଅତିଥି ଦେଶ ଭାବେ ଏଥିରେ ଯୋଗ ଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ କ୍ରମାଗତ ସପ୍ତମ ଥର ପାଇଁ ଜି-୭ ସମ୍ମିଳନୀରେ ଯୋଗ ଦେଇ ବୈଶ୍ୱିକ ମଞ୍ଚରେ ଭାରତ ଓ 'ଗ୍ଲୋବାଲ ସାଉଥ୍'ର ପ୍ରତିନିଧିତ୍ୱକୁ ଆହୁରି ସୁଦୃଢ଼ କରିଛନ୍ତି। ବୈଠକରେ ମୋଦୀ 'ବସୁଧୈବ କୁଟୁମ୍ବକମ' ଆଦର୍ଶରେ ବିଶ୍ୱ କଲ୍ୟାଣ ଏବଂ ଆନ୍ତର୍ଜାତୀୟ ସହଯୋଗରେ 'ବିଶ୍ୱାସ'ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ପିଲା ଚୋର ସନ୍ଦେହରେ ଯୁବକ ଓ ଯୁବତୀଙ୍କୁ ଆକ୍ରମଣ

**ରାୟଗଡ଼ା,୧୭।୬/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲାରୁ କଳାହାଣ୍ଡି ଜିଲ୍ଲାକୁ ଗସ୍ତ କରୁଥିବା ଦିଲ୍ଲୀର ଜଣେ ଗବେଷଣା ବୃତ୍ତି (ଫେଲୋଶିପ୍) କରୁଥିବା ଯୁବତୀ ଏବଂ ତାଙ୍କ ସହଯୋଗୀ ଯୁବକଙ୍କୁ ପିଲା ଚୋର ସନ୍ଦେହରେ ସ୍ଥାନୀୟ ଲୋକେ ମରଣାନ୍ତକ

**ଏସ୍‌ପିଙ୍କ ତଦନ୍ତ ଆରମ୍ଭ**





ଆକ୍ରମଣ ଓ ଅସଦାଚରଣ କରିଥିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ଯୁବତୀ ସୁମନ ଝାଙ୍କ ଘର ଦିଲ୍ଲୀ ଏବଂ ତାଙ୍କ ସହ ଥିବା ଯୁବକ ସୁପ୍ରିୟ ଅର୍ପିତଙ୍କ ଘର ସୁରତ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁହେଁ ଦିଲ୍ଲୀରେ ରହି ଏକ ବର୍ଷିଆ ଗବେଷଣା ବୃତ୍ତି କାର୍ଯ୍ୟକ୍ରମ କରୁଛନ୍ତି ଏବଂ ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଏକ ବ୍ୟାବହାରିକ କ୍ଷେତ୍ର ପରିଦର୍ଶନ (ଏକ୍ସପୋଜର୍ ଭିଜିଟ୍) ସାରି ସ୍କୁଟି ଯୋଗେ ଫେରୁଥିଲେ। ସେମାନେ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ିଠାରୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳକୁ ଯାଉଥିବା ବେଳେ ସେହି ସ୍ଥାନ ବିଷୟରେ ଅଜ୍ଞ ଥିବାରୁ ମୋବାଇଲ ମାନଚିତ୍ର (ଗୁଗୁଲ୍ ମ୍ୟାପ୍) ସାହାଯ୍ୟରେ ରାସ୍ତା ଦେଖି ଦେଖି ଯାଉଥିଲେ। ତେବେ ଇନ୍ତାଲିଗୁଡ଼ାଠାରେ ସ୍ଥାନୀୟ ବାସିନ୍ଦା ସେମାନଙ୍କ ଗତିବିଧିକୁ ନେଇ ପିଲା ଚୋର ସନ୍ଦେହରେ ଅଟକାଇବା ସହ ଆଇନକୁ ନିଜ ହାତକୁ ନେଇଥିଲେ। ଯୁବତୀ ସୁମନ ଝାଙ୍କ ଅଭିଯୋଗ ଅନୁସାରେ, ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଅଟକାଇବା ପରେ ସେମାନେ ନିଜର ବୈଧ ପରିଚୟପତ୍ର ଦେଖାଇ ସାମାଜିକ କାର୍ଯ୍ୟ ପାଇଁ ଆସିଥିବା ସ୍ୱଷ୍ଟ କରିଥିଲେ ମଧ୍ୟ ସ୍ଥାନୀୟ ଲୋକେ ସନ୍ତୁଷ୍ଟ ହୋଇନଥିଲେ। ଦେଖୁଦେଖୁ ସେଠାରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା ଏବଂ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ସେମାନେ ପୁଲିସର ସହାୟତା ନେବାକୁ ଚେଷ୍ଟା କରୁଥିବା ସମୟରେ ହିଁ କିଛି ଦୁର୍ବୃତ୍ତ ତାଙ୍କ ସହ ଦୁର୍ବ୍ୟବହାର, ଅସଦାଚରଣ କରିବା ସହ ଉଭୟଙ୍କୁ ନିର୍ଦ୍ଦୟ ଭାବେ ମାଡ଼ ମାରିଥିଲେ। କୌଣସି ବେଆଇନ କାର୍ଯ୍ୟ ପାଇଁ ନୁହେଁ, ବରଂ କେବଳ ସାମାଜିକ କାର୍ଯ୍ୟାବଳୀର ଅନୁଭୂତି ପାଇଁ ଗ୍ରାମ ଗସ୍ତରେ ଆସିଥିବା ଯୁବତୀ ଜଣକ ସ୍ୱଷ୍ଟ କରିଛନ୍ତି। ସେ ଏବେ ମଧ୍ୟ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ଜଣାପଡ଼ିବା ପରେ ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସ୍ୱତନ୍ତ୍ର ପୁଲିସ ଦଳ ସହ ତୁରନ୍ତ କଲ୍ୟାଣସିଂହପୁର ଥାନାରେ ପହଞ୍ଚିଛନ୍ତି। ସେଠାରୁ ସେ ମେଡିକାଲକୁ ଯାଇ ଚିକିତ୍ସାଧୀନ ଥିବା ଦୁଇ ଆହତ ଗବେଷକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଘଟଣାର ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଜୋରଦାର କରାଯାଇଥିବା ବେଳେ ଖୁବ୍ ଶୀଘ୍ର ଘଟଣାର ପ୍ରକୃତ ସତ୍ୟାସତ୍ୟ ଏବଂ ଆକ୍ରମଣକାରୀଙ୍କ ପରିଚୟ ସାମ୍ନାକୁ ଆସିବ ବୋଲି ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ହାତୀ ଆକ୍ରମଣରେ ଯୁବକ ମୃତ

**ରେଢ଼ାଖୋଲ,୧୭।୬/ଏନ୍ଏନ୍ଏସ୍:** ରେଢ଼ାଖୋଲ ବନଖଣ୍ଡ ବଡ଼ବାହାଲ ରେଞ୍ଜ ଅନ୍ତର୍ଗତ ରେଢ଼ାଖୋଲ ଥାନା ସାନ ନୂଆପଡ଼ା ଗ୍ରାମ ପୀଢ଼ ନିକଟରେ ଗତ ମଙ୍ଗଳବାର ରାତିରେ ଜଣେ ଯୁବକ ବଣୁଆ ଦନ୍ତା ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଛନ୍ତି। ମୃତ ଯୁବକ ଜଣକ ଅନୁଗୁଳ ଜିଲ୍ଲା ରାଜକିଶୋରନଗର ବ୍ଲକ ଟାପୁରସିଙ୍ଗା ଗ୍ରାମର ନରେନ୍ଦ୍ର ପ୍ରଧାନ (୩୭) ବୋଲି

**କ୍ଷତିପୂରଣ ଓ ସ୍ଥାନାନ୍ତର ଦାବିରେ ଉତ୍ତେଜନା**

ଜଣାପଡ଼ିଛି। ବୁଧବାର ସକାଳେ ଗ୍ରାମବାସୀ ତାଙ୍କ ମୃତଦେହ ସହ ନିକଟରେ ହାତୀର ପାଦଚିହ୍ନ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ଅନୁଯାୟୀ, ଦୀର୍ଘ ଦିନ ହେଲା ଏକ ହିଂସ୍ର ଗୋଠଛଡ଼ା ଦନ୍ତା ହାତୀ ସାନ ନୂଆପଡ଼ା, ବଡ଼ କସିବାହାଳ, କଦଳୀଗଡ଼, କୁକୁଡ଼ାବାହାଲି ଏବଂ ଆଠମଲ୍ଲିକ ବନଖଣ୍ଡର ମାଧପୁର ରେଞ୍ଜ୍ ? ଅଞ୍ଚଳରେ ବ୍ୟାପକ ଉପଦ୍ରବ ଚଳାଇବା ସହ ଫସଲ ଓ ଘରଦ୍ୱାର ଭାଙ୍ଗି ଆତଙ୍କ ସୃଷ୍ଟି କରିଛି। ମଙ୍ଗଳବାର ରାତିରେ ନରେନ୍ଦ୍ର କୌଣସି କାମ ସାରି ଘରକୁ ଫେରୁଥିବା ବେଳେ ଏହି ନରହନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ ଏବଂ ହାତୀଟି ତାଙ୍କୁ କଚାଡ଼ି ମାରିଦେଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ସହ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସଞ୍ଜ ନଇଁଲେ ଗାଁ ପାଖ ଜଙ୍ଗଲରୁ ହାତୀର ଗର୍ଜନ ଶୁଣାଯାଉଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀମାନେ ଉକ୍ତ ଗୋଠଛଡ଼ା ହାତୀକୁ ନିଶ୍ଚେତକ ପ୍ରୟୋଗ (ଟ୍ରାଙ୍କୁଲାଇଜ୍) କରି ଅନ୍ୟତ୍ର ସ୍ଥାନାନ୍ତର କରିବା, ସୌର ଶକ୍ତି ଚାଳିତ ବିଦ୍ୟୁତ ଆଘାତ ବ୍ୟବସ୍ଥା କରିବା, ବନ ବିଭାଗ ପକ୍ଷରୁ ନିୟମିତ ପାଟ୍ରୋଲିଙ୍ଗ କରିବା ଏବଂ ମୃତକଙ୍କ ପରିବାରକୁ ଉପଯୁକ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଖବର ପାଇ ବନ ବିଭାଗର ସହକାରୀ ବନ ସଂରକ୍ଷକ ଗଜେନ୍ଦ୍ର କୁମାର ଆନ୍ଦାଜା, ପ୍ରଜ୍ଞା ପାରମିତା ଦୀପ, କଦଳୀଗଡ଼ ଫରେଷ୍ଟର ସଞ୍ଜୟ କୁମାର ପ୍ରଧାନ ଏବଂ ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ବନ ବିଭାଗ ପକ୍ଷରୁ ରେଡ଼କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି ଏବଂ ସରକାରୀ ନିୟମ ଅନୁଯାୟୀ ବାକି ସମସ୍ତ କ୍ଷତିପୂରଣ ରାଶି ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ବୋଲି ବରିଷ୍ଠ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

**ସନ୍ଦେହରେ ଇରାନ୍ ସହ ଶାନ୍ତି ଚୁକ୍ତି**

## ପୁଣି ଇରାନ୍‌କୁ ଆକ୍ରମଣର ଧମକ ଦେଲେ ଟ୍ରମ୍ପ୍

**ୱାଶିଂଟନ୍, ତେହରାନ୍, ୧୭।୬/ଏଜେନ୍ସି:** ଆସନ୍ତା ୧୯ରେ ସ୍ୱାକ୍ଷରିତ ହେବାକୁ ଥିବା ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟିକ ଓ ରଣନୀତିକ ଚୁକ୍ତିକୁ ନେଇ ଏବେ ମଧ୍ୟ ସନ୍ଦେହ ଓ ସସପେନ୍ସ ଜାରି ରହିଛି। ଏହି ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ଜି-୭ ସମ୍ମିଳନୀ ଅବସରରେ ଇଜିପ୍ଟର ରାଷ୍ଟ୍ରପତି ଆବ୍ଦେଲ୍ ଫତେହ ଅଲ୍-ସିସିଙ୍କ ସହ ସାକ୍ଷାତକାର ସମୟରେ ଏହି ସୂଚନା ଦେଇଛନ୍ତି।

ଟ୍ରମ୍ପ୍ ସ୍ୱଷ୍ଟ କରିଛନ୍ତି ଯେ, ଇରାନ ସହିତ ହୋଇଥିବା ଚୁକ୍ତି ଏପର୍ଯ୍ୟନ୍ତ ଚୂଡ଼ାନ୍ତ ବା ଫାଇନାଲ୍ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ଦୁଇ ଦେଶ ମଧ୍ୟରେ କେବଳ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ଉପରେ ଆଲୋଚନା ହେବା ଏବେ ବି ବାକି ଅଛି। ଏହି ଅବସରରେ ରାଷ୍ଟ୍ରପତି ଟ୍ରମ୍ପ୍, ଇରାନକୁ ଅତ୍ୟନ୍ତ କଠୋର ଭାଷାରେ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, 'ଯଦି ଇରାନ ଚୁକ୍ତିର ସର୍ତ୍ତଗୁଡ଼ିକୁ ଠିକ୍ ଭାବରେ ପାଳନ ନକରେ ଏବଂ ସେମାନଙ୍କ ବ୍ୟବହାରରେ ସୁଧାର ନଆସେ, ତେବେ ଆମେରିକା ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ଇରାନ ଉପରେ ପୁଣି ବୋମା ବର୍ଷଣ କରାଯିବ।' ତେବେ ଯଦି ଇରାନ୍ ସହ ଚୁକ୍ତି ସ୍ୱାକ୍ଷରିତ ହୁଏ ତେବେ ଏହି ଚୁକ୍ତିର ପ୍ରଭାବ ବିଶ୍ୱ ବଜାର ଉପରେ ଦେଖିବାକୁ ମିଳିବ। ହର୍ମୁଜ୍ ପ୍ରଣାଳୀ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ଖୋଲିବ। ଟ୍ରମ୍ପଙ୍କ ଅନୁଯାୟୀ, ଇରାନ ସହ ଆଲୋଚନା ହେବା ଫଳରେ ବିଶ୍ୱ ବଜାରରେ ସକରାତ୍ମକ ବାତାବରଣ ସୃଷ୍ଟି ହୋଇଛି ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଭରସା ବଢ଼ିଛି। ଟ୍ରମ୍ପ ସୂଚନା ଦେଇଛନ୍ତି ଯେ, ଆସନ୍ତା କିଛି ଦିନ ମଧ୍ୟରେ ସେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚୁକ୍ତିର ସମ୍ପୂର୍ଣ୍ଣ ଦଲିଲ୍‌କୁ ସାର୍ବଜନୀନ କରିବେ। ଆବଶ୍ୟକ ପଡ଼ିଲେ ସେ ଏକ ସାମ୍ବାଦିକ ସମ୍ମିଳନୀ କରି ଚୁକ୍ତିର ପ୍ରତ୍ୟେକ ଶବ୍ଦ ପଢ଼ି ଶୁଣାଇବେ, ଯେପରି ସମସ୍ତଙ୍କ ସାମ୍ନାକୁ ସଠିକ୍ ତଥ୍ୟ ଆସିପାରିବ।

ଏହାରି ମଧ୍ୟରେ ଉଭୟ ଇରାନ ଏବଂ ଓମାନ ମିଳିତ ଭାବେ ଘୋଷଣା କରିଛନ୍ତି ଯେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ଗତି କରୁଥିବା ସମସ୍ତ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରାଯିବ। ଉଭୟ ଦେଶ ଅନ୍ତର୍ଜାତୀୟ ନିୟମାବଳୀର ଅନୁପାଳନ କରିବା ସହ ଏହି ସାମୁଦ୍ରିକ ଅଞ୍ଚଳରେ ସ୍ଥିରତା ବଜାୟ ରଖିବା ଉପରେ ବିଶେଷ ଜୋର ଦେଇଛନ୍ତି।

ସେହିପରି ଅନ୍ୟ ଏକ ରିପୋର୍ଟ ସାମ୍ନାକୁ ଆସୁଛି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ବୁଝାମଣା ପତ୍ର ସ୍ୱାକ୍ଷର ପ୍ରକ୍ରିୟା ପାଇଁ ଚୂଡାନ୍ତ ସ୍ଥାନରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଏହା ଜେନେଭା ଠାରେ ଏହି ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହେବାକୁ ସ୍ଥିର ହୋଇଥିବାବେଳେ, ଏବେ ଏହା ସ୍ୱିଜରଲ୍ୟାଣ୍ଡର ବର୍ଗେନଷ୍ଟକ୍‌ର୍ ରିସର୍ଟ ନାମକ ଏକ ପ୍ରସିଦ୍ଧ ପାର୍ବତ୍ୟ ରିସର୍ଟରେ ଅନୁଷ୍ଠିତ ହେବ। ପାକିସ୍ତାନ ଓ କତାରର ମଧ୍ୟସ୍ଥମାନଙ୍କ ସହ ଆମେରିକା ଏବଂ ଇରାନ ମଧ୍ୟ ଏହି ସ୍ଥାନ ପାଇଁ ସୁପାରିଶ କରିଥିଲେ। ଏହି ହାଇ-ପ୍ରୋଫାଇଲ୍ ଉତ୍ସବକୁ ଦୃଷ୍ଟିରେ ରଖି ସ୍ୱିଜରଲ୍ୟାଣ୍ଡ ସରକାର ଅଭୁତପୂର୍ବ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମସ୍ଥଳର ସୁରକ୍ଷା ପାଇଁ ପ୍ରାୟ ୨,୦୦୦ ସୈନିକ ନିୟୋଜିତ ହେବେ ଏବଂ ଏହାକୁ 'ନୋ-ଫ୍ଲାଇ ଜୋନ୍'ରେ ପରିଣତ କରାଯିବ। ପ୍ରକାଶ, ଜୁନ୍ ୨୦୨୪ ରେ ଏହିଠାରେ ହିଁ ବିଶ୍ୱସ୍ତରୀୟ 'ୟୁକ୍ରେନ ଶାନ୍ତି ଶିଖର ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସାରା ବିଶ୍ୱର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଭତ୍ତା ବଣ୍ଟନରେ ବିଳମ୍ବ ପ୍ରତିବାଦରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ




**ବିଷମକଟକ,୧୭।୬/ଏନ୍ଏନ୍ଏସ୍:** ରାଜ୍ୟରେ ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବାମାନଙ୍କ ପାଇଁ ସାମାଜିକ ସୁରକ୍ଷା ପେନ୍‌ସନ୍ ରାଶି ବଣ୍ଟନରେ ହୋଇଥିବା ଚରମ ବିଳମ୍ବ ଏବଂ ସରକାରଙ୍କ ଉଦାସୀନ ମନୋଭାବ ବିରୋଧରେ ଆଜି ରାୟଗଡ଼ା ଜିଲ୍ଲା ବିଷମକଟକ ସଦର ମହକୁମାରେ ବହୁଜନ ସମାଜପାର୍ଟି ପକ୍ଷରୁ ଏକ ବିଶାଳ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଗତ ୩ ମାସ ଧରି ଗରିବ ଗୁରୁବାଙ୍କୁ ପେନ୍ ?ସନ ରାଶି ମିଳିନଥିବାରୁ ହଜାର ହଜାର ନିଃସହାୟ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ୟାଙ୍କ ସମ୍ମୁଖରେ ଧାଡ଼ିରେ ଠିଆ ହୋଇ ନୟାନ୍ତ ହେଲେଣି। ଜିଲ୍ଲା ବିଏସ୍‌ପି ପ୍ରଭାରୀ ରାମଦାସ ଟାକ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆନ୍ଦୋଳନରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୫ ଶହରୁ ଅଧିକ କର୍ମୀ ଓ ଜନସାଧାରଣ ହାତରେ ପ୍ଲାକାର୍ଡ ଏବଂ ବ୍ୟାନର ଧରି 'ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯାଉ' ନାରା ଦେଇ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗରିବଙ୍କ ସରକାର ବୋଲି ପ୍ରଚାର କରୁଥିବା ବର୍ତ୍ତମାନର ସରକାର ସାମାଜିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଅବ୍ୟାହତ ରଖିବାରେ ବିଫଳ ହୋଇଥିବା ବେଳେ ପୂର୍ବ ସରକାର ନିରବଚ୍ଛିନ୍ନ ଭାବେ ପ୍ରତି ମାସର ୧୫ ତାରିଖ ସୁଦ୍ଧା ଭତ୍ତା ପ୍ରଦାନ ସୁନିଶ୍ଚିତ କରୁଥିଲେ ବୋଲି ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏହି ପେନସନ ବିଳମ୍ବ ଯୋଗୁଁ ଅତି ଦରିଦ୍ର ଲୋକଙ୍କ ଜୀବନଧାରଣ ଦୁର୍ବିସହ ହୋଇପଡ଼ିଛି ବୋଲି ବସପା ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ଟାକ୍ରୀ ଏବଂ ଏସଟି ସେଲ ସଭାପତି ଶ୍ରୀପତି ଉଲ୍ଲାକା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବିଷମକଟକ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକଙ୍କୁ ଜନସାଧାରଣ ବିଜୟୀ କରିଥିଲେ ମଧ୍ୟ ଏଭଳି ସମ୍ବେଦନଶୀଳ ସମସ୍ୟା ଉପରେ ସେ ମୁହଁ ଖୋଲୁନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିକ୍ଷୋଭ ସମାରୋହରେ ବରିଷ୍ଠ ବହୁଜନ ନେତା ଶିବ ପ୍ରାସ୍କା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଭୀମ ପିଡିକାକା, ସମ୍ପାଦକ ନୀଳାଞ୍ଚଳ ହିମିରିକା, ବ୍ଲକ ସଭାପତି ଲଦା ହିକକା, ସୁମନ୍ତ କରକରିଆ ଏବଂ ଦିବାକର ଟାକ୍ରୀଙ୍କ ସମେତ ବହୁ ସଂଖ୍ୟକ ଦଳୀୟ ନେତା ଓ ସଂଗଠକ ଉପସ୍ଥିତ ରହି ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି।

## ପାପଡ଼ାହାଣ୍ଡି ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

**ନବରଙ୍ଗପୁର,୧୭।୬/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଅଞ୍ଚଳର ଫାର୍ସାଗୁଡ଼ା ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ିଯିବା ହେତୁ ଗ୍ରାମବାସୀ ଦୀର୍ଘ ୯ ଦିନ

**ଟ୍ରାନ୍ସଫର୍ମର୍ ପୋଡ଼ିବାକୁ ୯ ଦିନ ବିତିଲା**

ହେଲା ଅନ୍ଧାରରେ ରହିଛନ୍ତି। ଚଳିତ ମାସ ୯ ତାରିଖରେ ପ୍ରବଳ ଘଡ଼ଘଡ଼ି, ପବନ ଓ ବର୍ଷା ଯୋଗୁଁ ଗାଁର ଟ୍ରାନ୍ସଫର୍ମରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳି କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ବିଦ୍ୟୁତ ଅଭାବରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଏହା ସହିତ ରାତି ସମୟରେ ବିଷାକ୍ତ ସରୀସୃପଙ୍କ ଭୟ ମଧ୍ୟ ବୃଦ୍ଧି ପାଇଛି। ଏହି ଗମ୍ଭୀର ସମସ୍ୟା ନେଇ ଗତ ୧୨ ତାରିଖରେ ଗ୍ରାମବାସୀ କୋଷାଗୁମୁଡ଼ା କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ୍ୟ ବିଦ୍ୟୁତ ସେବା ସ୍ୱାଭାବିକ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ବିଭାଗୀୟ ଅବହେଳା ପ୍ରତିବାଦରେ ଆଜି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପାପଡ଼ାହାଣ୍ଡି ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଯଦି ନୂଆ ଟ୍ରାନ୍ସଫର୍ମର୍ ଲଗା ନଯାଏ, ତେବେ ଗ୍ରାମବାସୀ ବାଧ୍ୟ ହୋଇ ରାଜପଥ ଅବରୋଧ କରି ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କୋଷାଗୁମୁଡ଼ା ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଦୁଇ ଦିନ ଭିତରେ ଗ୍ରାମରେ ନୂତନ ଟ୍ରାନ୍ସଫର୍ମର ଲଗାଇ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ବନ୍ଦ ବ୍ୟାଗ୍ ଭିତରୁ ମହିଳାଙ୍କ ମୃତଦେହ ଠାବ

**ରାୟଗଡ଼ା,୧୭।୬/ଏନ୍ଏନ୍ଏସ୍:** ରାୟଗଡ଼ା ସହର ଉପକଣ୍ଠ ଚାନ୍ଦିଲି ଥାନା ଅନ୍ତର୍ଗତ ଖଲିଗୁଡ଼ା ଗ୍ରାମ ନିକଟରେ ଏକ ବନ୍ଦ ବ୍ୟାଗ୍ ମଧ୍ୟରୁ ଜଣେ ମହିଳାଙ୍କ ମୃତଦେହ ଠାବ ହେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ମହିଳାଙ୍କ ବୟସ ଆନୁମାନିକ ୩୦ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା

- ହତ୍ୟା ପରେ ଫିଙ୍ଗି ଦେଇଥିବା ସନ୍ଦେହ
- ସାଇଣ୍ଟିଫିକ୍ ଟିମ୍ ଓ ପୁଲିସର ଖୋଳତାଡ଼

ଅନୁମାନ କରାଯାଉଛି। ପ୍ରାଥମିକ ଅନୁସନ୍ଧାନରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ଦୃଢ଼ ସନ୍ଦେହ କରୁଛି। ମିଳିଥିବା ସୂଚନା ମୁତାବକ, ଆଜି ସକାଳେ ଖଲିଗୁଡ଼ା ନିକଟରେ ଥିବା ଏକ ମୋଟର ଗାଡ଼ି ବିକ୍ରୟ କେନ୍ଦ୍ରର ପରିଚାଳକ ପ୍ରତିଦିନ ଭଳି କାର୍ଯ୍ୟାଳୟ ଖୋଲିବାକୁ ଆସିଥିବା ସମୟରେ ସମ୍ମୁଖରେ ଏକ ସନ୍ଦେହଜନକ ବନ୍ଦ ବ୍ୟାଗ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହି ବ୍ୟାଗରୁ ଅସହ୍ୟ ଦୁର୍ଗନ୍ଧ ବାହାରୁଥିବାରୁ ତାଙ୍କର ସନ୍ଦେହ ହୋଇଥିଲା ଏବଂ ସେ ବିଳମ୍ବ ନକରି ସ୍ଥାନୀୟ ଚାନ୍ଦିଲି ଥାନା ପୁଲିସକୁ ଏ ବିଷୟରେ ଅବଗତ କରାଇଥିଲେ। ଖବର ପାଇ ଚାନ୍ଦିଲି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟାଗଟିକୁ ଜବତ କରିବା ସହ ସୁରକ୍ଷିତ ଭାବେ ଘେରି ରଖିଥିଲା। ଏହି ସମ୍ବେଦନଶୀଳ



ଘଟଣାକୁ ନେଇ ଚାନ୍ଦିଲି ଥାନାରେ ଏକ ଅପରାଧିକ ମାମଲା ରୁଜୁ କରାଯାଇଛି। ପରେ ମାଜିଷ୍ଟ୍ରେଟଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ପୁଲିସ ପକ୍ଷରୁ ସେହି ବନ୍ଦ ବ୍ୟାଗଟିକୁ ଖୋଲାଯାଇ ମୃତଦେହକୁ ବାହାର କରାଯାଇଥିଲା। ପ୍ରାରମ୍ଭିକ ନିରୀକ୍ଷଣରୁ ଏହା ଜଣେ ମହିଳାଙ୍କର ମୃତଦେହ ବୋଲି ସ୍ୱଷ୍ଟ ହୋଇଥିଲେ ହେଁ ମୁହଁ ଗଭୀର ଭାବେ କ୍ଷତବିକ୍ଷତ ଓ କ୍ଷୟ ହୋଇଯାଇଥିବାରୁ ତାଙ୍କର ପରିଚୟ ମିଳିପାରିନାହିଁ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୁଲିସର ବୈଜ୍ଞାନିକ ଦଳ (ସାଇଣ୍ଟିଫିକ୍ ଟିମ୍) ଘଟଣାସ୍ଥଳରେ ପହଞ୍ଚି ବିଧିବଦ୍ଧ ଭାବେ ଫରେନ୍‌ସିକ ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଗ୍ ପଡ଼ିଥିବା ସ୍ଥାନର ଆଖପାଖରୁ ସମସ୍ତ ସମ୍ଭାବ୍ୟ ପ୍ରମାଣ ଓ ସାକ୍ଷ୍ୟ ସଂଗ୍ରହ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଓ ସମୟ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ବିଭତ୍ସ କାଣ୍ଡ ପରେ ଖଲିଗୁଡ଼ା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସ୍ଥାନୀୟ ଅଞ୍ଚଳବାସୀ ଏହି ରହସ୍ୟଜନକ ହତ୍ୟାକାଣ୍ଡର ତୁରନ୍ତ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସମଗ୍ର ତଦନ୍ତ ପ୍ରକ୍ରିୟାକୁ ତୀକ୍ଷ୍ଣ ନଜରରେ ରଖିଛନ୍ତି। ପୁଲିସ ଏହାକୁ ଏକ ସ୍ୱଷ୍ଟ ହତ୍ୟା ମାମଲା ଭାବେ ଗ୍ରହଣ କରି ବିଭିନ୍ନ ଦିଗରୁ ଅନୁସନ୍ଧାନ ଚଳାଇଛି। ସେହି ଅଞ୍ଚଳରେ ଲାଗିଥିବା ସମସ୍ତ ସୁରକ୍ଷା କ୍ୟାମେରା (ସିସିଟିଭି)ର ଦୃଶ୍ୟାବଳୀକୁ ପୁଲିସ ତନ୍ନ ତନ୍ନ କରି ଯାଞ୍ଚ କରୁଛି, ଯେଉଁଥିରେ ସନ୍ଦେହଜନକ ବ୍ୟକ୍ତି ବା ଗାଡ଼ିକୁ ଚିହ୍ନଟ କରାଯାଇପାରିବ। ଖୁବ୍ ଶୀଘ୍ର ଏହି ଅପରାଧର ପରଦାଫାଶ କରାଯାଇ ଅଭିଯୁକ୍ତମାନଙ୍କୁ କଠୋର ଆଇନଗତ ଶାସ୍ତି ପ୍ରଦାନ କରାଯିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ଦୃଢ଼ ଆଶ୍ୱାସନା ଦିଆଯାଇଛି।

# ଓଡ଼ିଶା ଡ୍ୟାନ୍ସ ଏକାଡେମୀର ବାର୍ଷିକ ନୃତ୍ୟୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ୩୮ତମ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟମ୍ବଦା' ଆଜି ସନ୍ଧ୍ୟା ସମୟରେ ରବୀନ୍ଦ୍ର ମଣ୍ଡପରେ ଉଦ୍ଘାଟିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ସହିତ ଆଦିବାସୀ ନୃତ୍ୟ ମଧ ପରିବେଷିତ ହୋଇଥିଲା ।

ଉଦ୍ଘାଟନୀ ସନ୍ଧ୍ୟାରେ ଅତିଥି ଭାବରେ ସମାଜସେବୀ ସୁମିତ୍ରା ଜେନା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ କୁମାର ଜେନା, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ସୁକାନ୍ତ କୁମାର କୁଣ୍ଡୁ, ବିଶିଷ୍ଟ ମର୍ଦ୍ଦଳ ବାଦକ ବିଜୟ କୁମାର ବାରିକ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ଼ଃ ଅରୁଣା ମହାନ୍ତି ଉପସ୍ଥିତ ଥିଲେ । ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ ପଞ୍ଚଭୂତ, ଯାହା ପ୍ରକୃତିର ପାଞ୍ଚଟି ମୌଳିକ ତତ୍ତ୍ୱକୁ ଆଧାର କରି ସୃଷ୍ଟି ହୋଇଥିଲା ଏବଂ ସମସ୍ତ ଜୀବଜଗତକୁ ଧାରଣ ଓ ପୋଷଣ କରୁଥିବା ଶକ୍ତିର ପ୍ରତୀକ ଥିଲା । ଏହାପରେ ପରିବେଷିତ ହୋଇଥିଲା ସ୍ଥାୟୀ ନୃତ୍ୟ, ଯାହା ଭଗବାନ ଶିବଙ୍କ ଅନେକ ରୂପ ମଧ୍ୟରୁ ଗୋଟିଏ ରୂପ, ଭଗବାନ ବଟୁକ ଭୈରବଙ୍କ ଉଦ୍ଦେଶ୍ୟରେ ଏକ ଶୁଦ୍ଧ ନୃତ୍ୟାଞ୍ଜଳି । ପରବର୍ତ୍ତୀ ପରିବେଷଣ ଥିଲା ଆରବୀ ପଲ୍ଲବୀ, ଯାହା ରାଗ ଆରବୀ ଓ ତାଳ ଏକତାଳୀରେ ନିବଦ୍ଧ ଥିଲା । ପରେ ପଲ୍ଲୀ ନୃତ୍ୟ – ଓଡ଼ିଶା ମୋ ଓଡ଼ିଶା ପରିବେଷିତ ହୋଇଥିଲା । ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ତଥା ବିଶିଷ୍ଟ ନୃତ୍ୟାଙ୍ଗନା ଗୁରୁ ଡ଼ଃ ଅରୁଣା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ବରିଷ୍ଠ ଗୁରୁ, ନୃତ୍ୟଶିଳ୍ପୀ ଓ କର୍ମକର୍ତ୍ତା ମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟକ୍ରମଟି ବହୁତ ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମଟିକୁ ସଞ୍ଚାଳନା କରିଥିଲେ ଲୀପଶା ଶତପଥୀ ।

# ଦେବର୍ଷି ନାରଦ ସମ୍ମାନରେ ସମ୍ମାନିତ ହେଲେ ବରିଷ୍ଠ ଓଡ଼ିଆ ସାମ୍ବାଦିକ




**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଇନ୍ଦ୍ରପ୍ରସ୍ଥ ବିଶ୍ୱ ସମ୍ବାଦ କେନ୍ଦ୍ର ଦ୍ୱାରା ଆୟୋଜିତ ଦେବର୍ଷି ନାରଦ ପତ୍ରକାର ସମ୍ମାନ ୨୦୨୬ ବରିଷ୍ଠ ଓଡ଼ିଆ ସାମ୍ବାଦିକ ଶାଶ୍ୱତ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି ଓ ୨୦୨୫ ବର୍ଷ ପାଇଁ ସ୍ତମ୍ଭ ଲେଖନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରୀ ପାଣିଗ୍ରାହୀଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଶ୍ରୀ ପାଣିଗ୍ରାହୀଙ୍କ ସମେତ ୧୨ ଜଣ ଜାତୀୟ ସ୍ତରର ସାମ୍ବାଦିକଙ୍କୁ ସାମ୍ବାଦିକତା ଓ ଗଣ ଯୋଗାଯୋଗର ଭିନ୍ନଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ଦେବର୍ଷି ନାରଦ ପତ୍ରକାର ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନ୍‌ଡିଟିଭିର ସିଇଓ ତଥା ମୁଖ୍ୟ ସମ୍ପାଦକ ରାହୁଲ କନ୍‌ୱଲ୍ କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ.) ଯୁଗରେ ଦେବର୍ଷି ନାରଦଙ୍କର ଚିରନ୍ତନ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏ.ଆଇ. ବର୍ତ୍ତମାନ ସାମ୍ବାଦିକତା ସହ ପାରମ୍ପରିକ ଭାବେ ଜଡ଼ିତ ଅନେକ କାର୍ଯ୍ୟ ସମ୍ପାଦନ କରିବାରେ କ୍ରମଶଃ ସକ୍ଷମ ହେଉଥିଲେ ମଧ ସାମ୍ବାଦିକତାର ମୂଳ ସ୍ୱରୂପ ମାନବୀୟ ହୋଇ ରହିଛି । ଭାରତର ସଭ୍ୟତାଗତ ସ୍ମୃତିରେ ପ୍ରଥମ ସଂବାଦବାହକ ଭାବେ ଦେବର୍ଷି ନାରଦଙ୍କ ଭୂମିକାକୁ ସ୍ମରଣ କରି କନ୍‌ୱଲ କହିଥିଲେ ଯେ, ତ୍ରିଲୋକ ଭ୍ରମଣ କରି ସେ ଭିନ୍ନଭିନ୍ନ ଜଗତ ମଧ୍ୟରେ ସେତୁବନ୍ଧ ସ୍ଥାପନ କରିଥିଲେ । ଯଦିଓ ପ୍ରଯୁକ୍ତିବିଦ୍ୟା ସାମ୍ବାଦିକତାକୁ ନିରନ୍ତର ରୂପାନ୍ତରିତ କରିଚାଲିଛି, କିନ୍ତୁ ସାମ୍ବାଦିକତାର ମୂଳତତ୍ତ୍ୱ ଲୁଚିରହିଛି ମାନବୀୟ ସମ୍ପୃକ୍ତତାରେ, ପ୍ରସଙ୍ଗକୁ ବୁଝିବାରେ ଏବଂ ସମ୍ପର୍କର ସେତୁ ନିର୍ମାଣ କରିବାରେ । ସେଥିପାଇଁ ଏ.ଆଇ. ଯୁଗରେ ଦେବର୍ଷି ନାରଦ ଖୁବ ପ୍ରାସଙ୍ଗିକ ବୋଲି ସେ ଅଭିବ୍ୟକ୍ତି କରିଥିଲେ ।

ମୁଖ୍ୟବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆଂବେକର କହିଥିଲେ ଯେ ସାମ୍ବାଦିକମାନେ ସମାଜର ବାସ୍ତବ ଚିତ୍ର ଲୋକଙ୍କ ପାଖରେ ଉପସ୍ଥାପନ କରିବା ଉଚିତ, ଯାହାଦ୍ୱାରା ଏକ ଉନ୍ନତ ଓ ସୁସ୍ଥ ସମାଜ ଗଠନ ସମ୍ଭବ ହେବ ଓ ରାଜନୈତିକ ଘଟଣାକ୍ରମ ଉପରେ ରିପୋର୍ଟ କରୁଥିବା ସାମ୍ବାଦିକମାନେ ରାଜନୀତିର ଅଂଶବିଶେଷ ନହେବା ପାଇଁ ସେ ମତବ୍ୟକ୍ତ କରିଥିଲେ ।

ଡି.ଡି ନ୍ୟୁଜ୍‌ର ମହାନିର୍ଦ୍ଦେଶିକା ମମତା ବର୍ମା, ଅମର ଉଜାଲା ଗ୍ରୁପ୍‌ର ବରିଷ୍ଠ ପରାମର୍ଶଦାତା ସମ୍ପାଦକ ରାଜ କିଶୋର; ଏନ୍‌ଡିଟିଭି ଇଣ୍ଡିଆର ପ୍ରବନ୍ଧ ସମ୍ପାଦକ ରୋହିତ ବିଶ୍ୱକର୍ମା, ନେଟ୍‌ୱର୍କ୧୮ର ଗ୍ରୁପ୍ ସମ୍ପାଦକ (କନ୍‌ଭର୍ଜେନ୍ସ) ବ୍ରଜେଶ କୁମାର ସିଂହ, ଆଇ.ଟିଭି. ନେଟ୍‌ୱର୍କର ପ୍ରବନ୍ଧ ନିର୍ଦ୍ଦେଶିକା ଐଶ୍ୱର୍ଯ୍ୟା ପଣ୍ଡିତ ଏବଂ ବୁକ୍ରାଫ୍ଟ ଫାଉଣ୍ଡେସନ୍‌ର ବରିଷ୍ଠ ଉପାଧକ୍ଷ ହରିଶଚନ୍ଦ୍ର ବର୍ଣ୍ଣୱାଲଙ୍କ ଦ୍ୱାରା ଗଠିତ ଏକ ବିଚାରକ ମଣ୍ଡଳୀ ଏହି ପୁରସ୍କାର ଚୟନ କରିଥିଲେ ।

ଜଣେ ବରିଷ୍ଠ ମଲ୍ଟିମିଡିଆ ସାମ୍ବାଦିକ ଭାବେ ପରିଚିତ ଶ୍ରୀ ପାଣିଗ୍ରାହୀଙ୍କର ଡିଜିଟାଲ୍, ପ୍ରିଣ୍ଟ୍ ଓ ଟେଲିଭିଜନ୍ ସାମ୍ବାଦିକତା କ୍ଷେତ୍ରରେ ଦୁଇ ଦଶନ୍ଧିର ଅଭିଜ୍ଞତା ରହିଛି । ଡିଜିଟାଲ୍ ସାମ୍ବାଦିକତାର ଜଣେ ଅଗ୍ରଦୂତ ଭାବେ ପରିଚିତ ଶ୍ରୀ ପାଣିଗ୍ରାହୀ ଦେଶର ଅନେକ ପ୍ରତିଷ୍ଠିତ ଗଣମାଧ୍ୟମ ସଂସ୍ଥାରେ ଗୁରୁତ୍ୱପୂର୍ଣ୍ଣ ସମ୍ପାଦକୀୟ ଦାୟିତ୍ୱରେ କାର୍ଯ୍ୟ କରିଛନ୍ତି । ଜଣେ ସ୍ତମ୍ଭକାର ଭାବେ ସମକାଳିନ ଭାରତୀୟ ରାଜନୀତିକୁ ଆକାର ଦେବାରେ ତାଙ୍କର ଉଲ୍ଲେଖନିୟ ଯୋଗଦାନ ରହିଛି । ରାଜନୀତି ସହ ପ୍ରତିରକ୍ଷା, ବୈଦେଶିକ ନୀତି ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ ଭଳି ବିଷୟ ଉପରେ ତାଙ୍କର ତଥ୍ୟଭିତ୍ତିକ ବିଶ୍ଳେଷଣ ଜାତୀୟ ବିମର୍ଶକୁ ସମୃଦ୍ଧ କରିଛି । ମୂଳତଃ ଭଦ୍ରକ ଜିଲ୍ଲାର ବାସିନ୍ଦା ଶ୍ରୀ ପାଣିଗ୍ରାହୀ ଓଡ଼ିଆ ଭାଷା ସାହିତ୍ୟର ଅବସରପ୍ରାପ୍ତ ବରିଷ୍ଠ ପ୍ରାଧାପକ ତଥା ବିଶିଷ୍ଟ କବି ପ୍ରଫେସର ହୃଦାନନ୍ଦ ପାଣିଗ୍ରାହୀ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କନକଲତା କରଙ୍କ ପୁତ୍ର ।

# ତଦନ୍ତ ବାଟବଣା ନହେଉ: ପିଷ୍ଟା

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଜାତୀୟ ଶିକ୍ଷାନୀତି ଆଧାରରେ ଆମ ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଥିଲେ ମଧ ସେଥିରେ ୧୬୭୮ଟି ତ୍ରୁଟି ଦେଖିବାକୁ ମିଳିଥିବାରୁ ସମସ୍ତ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଯାହା ଫଳରେ ଗଣଶିକ୍ଷା ବିଭାଗକୁ ସର୍ବସାଧାରଣରେ ସମାଲୋଚିତ ହେବାକୁ ପଡ଼ିଛି । ଜାତୀୟ ସ୍ତରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ଏନ୍‌ସିଆର୍‌ଟି ଦୁଇରୁ ତିନିବର୍ଷ ନେଉଥିବା ବେଳେ ଆମ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଗଣଶିକ୍ଷା ବିଭାଗ ଏତେ ତରବରିଆ ଭାବେ ତିନି ଚାରିମାସ ଭିତରେ ନୂଆ ପାଠ୍ୟ ପୁସ୍ତକ କିପରି ଓ କାହିଁକି ପ୍ରସ୍ତୁତ କଲେ ଏହା ହେଉଛି ବଡ଼ ପ୍ରଶ୍ନ । ଗୋଟିଏ ପଟେ ଆମ ରାଜ୍ୟରେ ଏକ ଲକ୍ଷରୁ ଅଧିକ ଶିକ୍ଷକ ପଦବୀ ଖାଲି ପଡ଼ିଛି ଓ ଯେତିକି ଶିକ୍ଷକ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ଶିକ୍ଷକ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏବେ ପ୍ରଶ୍ନ ଉଠୁଛି ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକ କିପରି ସଂଶୋଧନ ହେବ ଓ ଶ୍ରେଣୀରେ ଶିକ୍ଷାଦାନ କରାଯିବ ସେଥିପାଇଁ ଶିକ୍ଷକମାନେ ମଧ ଚାପରେ ଅଛନ୍ତି । ପାଠ୍ୟପୁସ୍ତକ ପ୍ରସ୍ତୁତି ପରେ ଓସେପା ତରଫରୁ ସେଥିରେ ଥିବା ତ୍ରୁଟି ବାହାର କରି ଶିକ୍ଷକମାନଙ୍କୁ ତ୍ରୁଟି ସଂଶୋଧନ କରିବାକୁ ନିର୍ଦ୍ଦେଶନାମା ଜାରି କରାଗଲା, କିନ୍ତୁ ନୂଆ ପାଠ୍ୟ ପୁସ୍ତକକୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ଶିକ୍ଷକମାନଙ୍କୁ ଜାନୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ୧୫ତାରିଖ ପର୍ଯ୍ୟନ୍ତ 'ପ୍ରବୋଧନା' ତାଲିମ ସମୟରେ ଯଦି ପାଠ୍ୟପୁସ୍ତକର ସଫ୍ଟ କପି ଯୋଗାଇ ଦିଆଯାଇଥାନ୍ତା ତେବେ ଆଜି ଏ ପରିସ୍ଥିତି ଉପୁଜି ନଥାନ୍ତା । ତାଲିମ ସମୟରେ ଶିକ୍ଷକମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରି ପାରିଥାନ୍ତେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଠ୍ୟ ପୁସ୍ତକରେ ଖାଲି ମୁଦ୍ରଣ ଜନିତ ତ୍ରୁଟି, ସ୍ଥାନ ପରିବର୍ତ୍ତନ ଓ ଫଟୋ ଚିତ୍ର ତ୍ରୁଟି ହୋଇନାହିଁ, ବରଂ ପାଠ୍ୟ ପୁସ୍ତକରେ ବହୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୁରାତନ ଓ ପୌରାଣିକ ବିଷୟ ସ୍ଥାନ ପାଇଛି । ଯେତେବେଳେ ବିଶ୍ୱ ସମୁଦାୟ ବିଜ୍ଞାନ, ବୈଷୟିକ ବିଜ୍ଞାନ ଓ ଗବେଷଣା କରି ଆଧୁନିକ ଆଡ଼କୁ ଯାଉଛି ସେହି ସମୟରେ ଏଭଳି ବହି ପ୍ରସ୍ତୁତ କରିବା ନିନ୍ଦନୀୟ ଅଟେ । ତେଣୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୌରାଣିକ ଓ ପୁରାତନ ଶିକ୍ଷାକୁ ପାଠ୍ୟ ପୁସ୍ତକରୁ ବାଦ୍ ଦେବାକୁ ସଂଘ ଦାବି କରିଛି ।

ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ତିନିଜଣିଆ କମିଟି ଗଠନ କରିଛନ୍ତି ଓ ସାତ ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେଲା ପରେ ଯେଉଁମାନେ ଦୋଷ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଯାହାକୁ ସ୍ୱାଗତ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡ଼ିଶା (ପିଷ୍ଟା) । ତଦନ୍ତ ଯେପରି ବାଟବଣା ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି । ଗଣଶିକ୍ଷା ବିଭାଗ ପାଠ୍ୟ ପୁସ୍ତକ ପ୍ରସ୍ତୁତି ନିମନ୍ତେ କେତୋଟି କମିଟି କରିଥିଲେ ଓ ସେହି କମିଟିରେ କିଏ କିଏ ଥିଲେ, ସେମାନଙ୍କ ନାମ ତାଲିକା ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଘ ଦାବି କରିଛି । ଯେଉଁମାନଙ୍କ ଯୋଗୁ ଆଜି ଗଣଶିକ୍ଷା ବିଭାଗ ସର୍ବସାଧାରଣରେ ନିନ୍ଦିତ ହୋଇଛି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟି ଶୂନ୍ୟ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବାକୁ ସଂଘର ସାଧାରଣ ସଂପାଦକ ବିଭୂ ପ୍ରସାଦ ସାହୁ, ଅଗାଧୁ ସେଠୀ, କାର୍ଯ୍ୟକରି ସଭାପତି ଧରଣୀଧର ମଲ୍ଲିକ, ସୁଧାଂଶୁ ଶେଖର ମଣ୍ଡଳ, ସହସମ୍ପାଦକ ଚିନ୍ତାମଣି ପାଢ଼ୀ, ସନ୍ତୋଷ ଦୁର୍ବେ, ଆଭାଲିନ ପରିଡ଼ା, କେଶବ ଦଳାଇ ପ୍ରମୁଖ ଦାବି କରିଛନ୍ତି ।

# ଡ. ବାସୁଦେବ ସୁନାନୀଙ୍କ କବିତା ସଂଗ୍ରହ 'ରୋଟି ବେଲ୍‌ନା ଆସାନ ନହିଁ' ଉପରେ ଆଲୋଚନାଚକ୍ର




**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଆ ସାହିତ୍ୟର ସୁପ୍ରସିଦ୍ଧ ସାହିତ୍ୟିକ ଡ଼. ବାସୁଦେବ ସୁନାନୀଙ୍କ କବିତା ସଂଗ୍ରହ 'ରୋଟି ବେଲ୍‌ନା ଆସାନ ନହିଁ', ଓଡ଼ିଆ ଭାଷାରୁ ହିନ୍ଦୀ ଭାଷାକୁ ଅନୁଦିତ ହୋଇଛି । ହିନ୍ଦୀରେ ଅନୁଦିତ ଏହି କବିତା ପୁସ୍ତକକୁ କେନ୍ଦ୍ର କରି ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର (ଆଇଜିଏନସିଏ), ନୂଆ ଦିଲ୍ଲୀର ଜନପଦ ସମ୍ପଦା ବିଭାଗ ପକ୍ଷରୁ ଜୁନ୍ ୧୬ ତାରିଖରେ ଏକ ସାରଗର୍ଭକ ଓ ଚିନ୍ତନପ୍ରବଣ ପୁସ୍ତକ ଆଲୋଚନା ଅନୁଷ୍ଠାନର ଉମଂଗ ସଭାଗୃହରେ ଆୟୋଜିତ ହୋଇଥିଲା । ପ୍ରଫେସର ପ୍ରମୋଦ ମେହରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଡ଼. ପ୍ରଭାକର ପାଲକା, ରାଧେଶ୍ୟାମ ତିୱାରୀ ଓ ଅନୀତା ଭାରତୀ ପ୍ରମୁଖ ବିଶିଷ୍ଟ ଲେଖକ ଆଲୋଚକ ଭାବେ ଯୋଗଦେଇଥିଲେ । ଆଲୋଚକମାନେ ଏହି କବିତା ସଂଗ୍ରହରେ ପ୍ରତିଫଳିତ ଦଳିତ ସାହିତ୍ୟ, ଦଳିତ ଚେତନା ଓ ସାମାଜିକ ବୈଷମ୍ୟର ଗଭୀର ଅନୁଭୂତିକୁ ବିସ୍ତୃତ ଭାବେ ବିଶ୍ଳେଷଣ କରିବା ସହ ଏହି କବିତାଗୁଡ଼ିକର ମୂଳ ସାରତତ୍ତ୍ୱ ସାମାଜିକ ବାସ୍ତବତା, ମାନବୀୟ ମର୍ଯ୍ୟାଦା ଓ ଶ୍ରମ ଶୋଷଣକୁ କେନ୍ଦ୍ର କରି ଗଢ଼ିଉଠିଥିବା ଦର୍ଶାଇ ସେଇ ପ୍ରସଂଗ ଉପରେ ବିଷଦ୍ ଆଲୋଚନା କରିଥିଲେ । ଆଲୋଚକ ରାଧେଶ୍ୟାମ ତିୱାରୀ କହିଥିଲେ ଯେ ଦୈନନ୍ଦିନ ରୋଷେଇ କାର୍ଯ୍ୟବେଳେ, ରୋଟି ବେଲିବା ବେଳେ ବ୍ୟବହୃତ ହେଉଥିବା 'ବେଲନା'କୁ ଜୀବନ ଧାରଣ ପାଇଁ ଚାଲିଥିବା କଠିନ ସଂଘର୍ଷର ପ୍ରତୀକ ଭାବରେ ସାଧାରଣ ଲୋକଙ୍କ ଅସ୍ତିତ୍ୱର ଓ ତତ୍ ସଂଲଗ୍ନ ଯନ୍ତ୍ରଣାର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ କବିତାରେ ଉପସ୍ଥାପନା କରାଯାଇ ଥିବା ମତପୋଷଣ କରିଥିଲେ । ଶତାବ୍ଦୀ ଧରି ଅବହେଳିତ ଓ ବଞ୍ଚିତ ସମୁଦାୟମାନଙ୍କର ବେଦନାକୁ ଭାଷା ଦେଇ ଏହି କବିତାଗୁଡ଼ିକ ଅଦୃଶ୍ୟ ଶ୍ରମର ସ୍ୱର, ଭୋକର ଏକ ମର୍ମସ୍ପର୍ଶୀ ପ୍ରତିଫଳନ ଏବଂ ବ୍ୟବସ୍ଥାଗତ ଅନ୍ୟାୟ ବିରୋଧରେ ଏକ ନିରବ ଅଥଚ ତୀବ୍ର ପ୍ରତିବାଦ ରୂପେ ଉଭା ହୋଇଛି ବୋଲି ଶ୍ରୀ ତିୱାରୀ ମତବ୍ୟକ୍ତ କରିଥିଲେ ।

ଡ଼. ସୁନାନୀଙ୍କ ଏହି ସାହିତ୍ୟ କୃତି ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର (ଆଇଜିଏନସିଏ)ର ଜନପଦ ସମ୍ପଦା ବିଭାଗର ମୂଳ ଉଦ୍ଦେଶ୍ୟ ସହ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ବୋଲି ବଭାଗୀୟ ମୁଖ୍ୟ ପ୍ରଫେସର କେ. ଅନୀଲ କୁମାର ନିଜର ପ୍ରାରମ୍ଭିକ ଭାଷଣରେ କହିବା ସହ ନିଜ ବିଭାଗର ଉଦ୍ଦେଶ୍ୟକୁ ବଖାଣ କରିଥିଲେ ।

ଜନପଦ ସମ୍ପଦା ବିଭାଗ ଗ୍ରାମୀଣ, ଆଦିବାସୀ ଓ ପ୍ରାନ୍ତୀୟ ଜନସମୁଦାୟଙ୍କ ଜୀବନଶୈଳୀ ଅଧୟନ, ମୌଖିକ ପରମ୍ପରା, ଲୋକସଂସ୍କୃତି ଓ ଲୋକଜ୍ଞାନର ଦଲିଲୀକରଣରେ ବିଶେଷ ଭାବରେ କାର୍ଯ୍ୟ କରିଥାଏ । ଡ଼. ସୁନାନୀଙ୍କ ଏହି ସାହିତ୍ୟ କୃତି ଏହିପରି ଅଧୟନ ପାଇଁ ଏକ ମୂଲ୍ୟବାନ ସାଂସ୍କୃତିକ ଓ ସାହିତ୍ୟିକ ଦଲିଲ ଭାବେ ପ୍ରତିଷ୍ଠିତ ହୋଇଥିବାରୁ ତାଂକ ସଂସ୍ଥାରେ ଆଲୋଚନା କରିବାର ସୁଯୋଗ ସୃଷ୍ଟି କରିପାରିଲା ବୋଲି ସ୍ୱୀକାର କରିବା ସହ ଉତ୍ସାହୀ ହୋଇ ଉଠିଥିଲେ ।

'ରୋଟି ବେଲନା ଆସାନ ନହିଁ' ପୁସ୍ତକ ଗବେଷଣାର ଦୃଷ୍ଟିକୋଣକୁ ଦଳିତ ଜୀବନଶୈଳୀର ନିର୍ମମ ସାମାଜିକ-ସାଂସ୍କୃତିକ ବାସ୍ତବତା ଓ ନୃତାତ୍ତ୍ୱିକ ଦିଗକୁ ମୁଖ୍ୟତଃ ଆକର୍ଷିତ କରିଥାଏ ବୋଲି କହିବା ସହ କବିତା ପୁସ୍ତକରେ ବ୍ୟବହୃତ ଅନେକ ମୌଳିକ ଶବ୍ଦ ସମୂହ ହିନ୍ଦୀ ଶବ୍ଦକୋଷକୁ ଅନେକ ପରିମାଣରେ ସମୃଦ୍ଧ କରିବ ବୋଲି ପ୍ରଫେସର ପ୍ରଭାକର ପଲାକା କହିଥିଲେ । ଦୁଇ ମୁଠା ଖାଦ୍ୟ ପାଇଁ ପ୍ରତିଦିନ ଚାଲିଥିବା କଠିନ ସଂଘର୍ଷକୁ ବ୍ୟାପକ ବ୍ୟବସ୍ଥାଗତ ଶୋଷଣ ସହିତ ସଂଯୋଗ କରି, ଏହି କବିତାଗୁଡ଼ିକ ସାମାଜ ଗଠନ ଓ ମାନବୀୟ ମର୍ଯ୍ୟାଦା ମଧ୍ୟରେ ଥିବା ସୂକ୍ଷ୍ମ ସମ୍ପର୍କକୁ ଉଜାଗର କରିଥାଏ ବୋଲି ଲେଖିକା ଅନୀତା ଭାରତୀ ନିଜର ବକ୍ତବ୍ୟ ରଖିଥିଲେ ।

ଶେଷରେ ଏହି କବିତା ସଂଗ୍ରହ ଜନପଦ ସମ୍ପଦା ବିଭାଗ ଯେଉଁ ବହୁମାତ୍ରିକ, ଜୀବନ୍ତ ସାମାଜିକ ପରିପ୍ରେକ୍ଷୀକୁ ଗବେଷଣା ତଥା ସଂରକ୍ଷଣ ମାଧ୍ୟମରେ ବୁଝିବାକୁ ଚାହେଁ, ତାହାର ଏକ ସଠିକ୍ ଚିତ୍ର ପ୍ରଦାନ କରିଛି ବୋଲି ସଂଚାଳକ ଶ୍ରୀମାନ ଅର୍ଣବ ତାଂକର ଉପସଂହାର ବକ୍ତବ୍ୟରେ କହିବା ସହ କବିତାର ବଷୟବସ୍ତୁ କିପରି ନିରବ ପ୍ରତିରୋଧ ମାଧ୍ୟମରେ ମଣିଷ ସମାଜର ଚେତନାକୁ ଗଭୀର ଭାବରେ ଜାଗୃତ କରି ସାମାଜିକ ବୈଷମ୍ୟକୁ ଚ୍ୟାଲେଞ୍ଜ କରିପାରେ, ତାହାକୁ ମଧ ଏହି କୃତି ଉଜାଗର କରିପାରିଛି ବୋଲି ଗୁରୁତ୍ୱ ଦେଇଥିଲେ ।

## ଚାରିଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ

# ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜମିଲା ପ୍ରତିଯୋଗିତା



**ବେଗୁନିଆ,୧୭।୬/ଏନ୍‌ଏନ୍‌ଏସ୍:** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀରର ପ୍ରସିଦ୍ଧ ମା' ରାମଚଣ୍ଡୀ ପୀଠରେ ଦୀର୍ଘ ଚାରି ଦିନ ଧରି ଚାଲିଥିବା ପ୍ରସିଦ୍ଧ ରଜ ମହୋତ୍ସବ ବୁଧବାର ଦିନ ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି । ଏହି ପାରମ୍ପରିକ ଉତ୍ସବ ଅବସରରେ ମା'ଙ୍କ ପୀଠରେ ରଜ ଦୋଳି, ରଜ ପାନ, ନାଚ ଗୀତ ଏବଂ ପୁଚି ଖେଳ ସହିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ କୁନି କୁନି ଶିଶୁ କଳାକାରମାନଙ୍କ ଦ୍ୱାରା ପରିବେଷିତ ଉଚ୍ଚକୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା । ମହୋତ୍ସବ ସମୟରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମା' ରାମଚଣ୍ଡୀଙ୍କ ଭବ୍ୟ ଦର୍ଶନ କରିବା ସହ ରଜ ମହୋତ୍ସବର ଭରପୂର ଆନନ୍ଦ ଉଠାଇଥିଲେ । ଗଡ଼ମାଣତୀର ଗ୍ରାମପଞ୍ଚାୟତର ସରପଞ୍ଚ କରୁଣାକର ଦଳସିଂହରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ବ୍ୟକ୍ତି ବଳରାମ ରଣସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏଥିସହିତ ଶ୍ୟାମ ସୁନ୍ଦର ସାହୁ, ପୂର୍ଣ୍ଣଚନ୍ଦ୍ର ମାନସିଂହ ଏବଂ ପଦ୍ମଲୋଚନ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ରତିକାନ୍ତ କହଳସିଂହ ଏବଂ ଜନ୍ମେଶ୍ୱର ମଙ୍ଗରାଜ ଅତି ସୁଗମ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ ।

# କ୍ଲବ୍ ଲାଇଫ୍ ଲାଇନ୍ ପକ୍ଷରୁ ତାସ୍ ପ୍ରତିଯୋଗିତା

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଲୋକପ୍ରିୟ ରଜ ପର୍ବରେ ଅନୁଷ୍ଠିତ ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମ, ପ୍ରତିଯୋଗିତା ଓ ଖେଳ ମଧ୍ୟରେ ତାସ୍‌ଖେଳ ଅନ୍ୟତମ । ଏହି ଅବସରରେ ଭୁବନେଶ୍ୱର ୟୁନିଟ୍- ୬ ସ୍ଥିତ 'କ୍ଲବ୍ ଲାଇଫ୍ ଲାଇନ୍' ଆନୁକୂଲ୍ୟରେ ଏକ ତାସ୍ ପ୍ରତିଯୋଗିତା କ୍ଲବ୍‌ର ସଦସ୍ୟମାନଙ୍କ ମଧ୍ୟରେ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ କ୍ଲବ୍‌ର ବରିଷ୍ଠ ସଦସ୍ୟ ସିଦ୍ଧାର୍ଥ ମିଶ୍ର ଫିତା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କ୍ଲବ୍ ସଭାପତିଙ୍କ ସମେତ ଅନେକ ବରିଷ୍ଠ ସଦସ୍ୟ ଓ ପ୍ରତିଯୋଗୀମାନେ ଉପସ୍ଥିତ ରହି ପ୍ରତିଯୋଗିତାର ଆନନ୍ଦ ନେଇଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାରେ ଲିଗ୍ ପର୍ଯ୍ୟାୟରେ ୬ଟି ଦଳ ଖେଳିଥିଲେ । ସେଥି ମଧ୍ୟରୁ ୪ଟି ଦଳ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲେ । ଫାଇନାଲ୍‌ରେ ଅମୀୟ ରଞ୍ଜନ ଜେନା ଏବଂ ପ୍ରମୋଦ କୁମାର ସୁବୁଦ୍ଧିଙ୍କ ଯୋଡି ମନୋରଞ୍ଜନ ପାଣି ଓ ସୁଶାନ୍ତ କୁମାର ବେହେରାଙ୍କ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ ।

# ପୁରୀ ରେଳ ଷ୍ଟେସନ୍‌ରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ପୁରୀ ରେଳ ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ, ଭିତ୍ତିଭୂମିର ଉନ୍ନତୀକରଣ, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ଚଳାଚଳରେ ଅଧିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ କେତେକ ଟ୍ରେନ୍ ସେବା ଚଳାଚଳରେ ସାମୟିକ ପରିବର୍ତ୍ତନ ଘୋଷଣା କରିଛି । ଚାଲିଥିବା ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ବାତିଲ୍ ରହିବ ସେଗୁଡ଼ିକ ହେଲା: ୧୮୪୧୫ ବଡ଼ବିଲ୍–ପୁରୀ ଏକ୍ସପ୍ରେସ୍, ଯାହା ୧୯ ଜୁନ୍ ୨୦୨୬ରେ ବଡ଼ବିଲ୍‌ରୁ ଯାତ୍ରା ଆରମ୍ଭ କରିବ । ୧୮୪୧୬ ପୁରୀ–ବଡ଼ବିଲ୍ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ୨୦୨୬ ରେ ପୁରୀରୁ ଯାତ୍ରା ଆରମ୍ଭ କରିବ । ୧୮୪୧୩/୧୮୪୧୪ ପୁରୀ–ପାରାଦୀପ–ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ଜୁନ୍ ୧୮ ଏବଂ ୧୯ ତାରିଖରେ ବାତିଲ ରହିବ ।

### ଟ୍ରେନଗୁଡ଼ିକର ଆଂଶିକ ବାତିଲ/ ସଂକ୍ଷିପ୍ତ-ଉତ୍ପତ୍ତି

ଏହା ସହିତ ନିମ୍ନଲିଖିତ ଟ୍ରେନ୍ ଗୁଡ଼ିକ ଜୁନ୍ ୧୮ ଏବଂ ୧୯ ତାରିଖରେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନ୍‌ରେ ସଂକ୍ଷିପ୍ତ ସମାପ୍ତି (ଶର୍ଟ-ଟର୍ମିନେଟ୍) ଏବଂ ସଂକ୍ଷିପ୍ତ ଉତ୍ପତ୍ତି (ଶର୍ଟ-ଓରିଜିନେଟ୍) ହେବ । ୬୮୪୨୧ ଅନୁଗୁଳ–ପୁରୀ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ଠାରେ ସଂକ୍ଷିପ୍ତ ସମାପ୍ତ ହେବ । ୬୮୪୨୨ ପୁରୀ–ଅନୁଗୁଳ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ । ୧୨୮୨୧ ଶାଲିମାର–ପୁରୀ ଏକ୍ସପ୍ରେସ୍ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍ ଠାରେ ସଂକ୍ଷିପ୍ତ ସମାପ୍ତ ହେବ । ୧୨୮୨୨ ପୁରୀ–ଶାଲିମାର୍ ଏକ୍ସପ୍ରେସ୍ ଜୁନ୍ ୧୯ ଏବଂ ୨୦ରେ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ ।

### ଟ୍ରେନ୍‌ଗୁଡ଼ିକର ସମୟ ପରିବର୍ତ୍ତନ

ନିର୍ଦ୍ଧାରିତ ତାରିଖଗୁଡ଼ିକରେ ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକର ସମୟ ପରିବର୍ତ୍ତନ କରାଯାଇଛି: ୨୦୮୬୧ ପୁରୀ–ଅହମ୍ମଦାବାଦ ଏକ୍ସପ୍ରେସ୍, ଯାହା ଜୁନ୍ ୧୭ରେ ସନ୍ଧ୍ୟା ୦୭:୧୦ ଘଣ୍ଟାରେ ପୁରୀରୁ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ସେହି ଦିନ ରାତି ୧୧:୩୦ ଘଣ୍ଟାରେ ପୁରୀରୁ ଛାଡିବ । ୧୮୪୫୨ ପୁରୀ–ହଟିଆ ତପସ୍ୱିନୀ ଏକ୍ସପ୍ରେସ୍, ଯାହା ଜୁନ୍ ୧୮ ରାତି ୦୮:୦୦ ଘଣ୍ଟାରେ ପୁରୀ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ଜୁନ୍ ୧୯ ତାରିଖ ରାତି ୧୨:୪୫ ଘଣ୍ଟାରେ ପୁରୀରୁ ଛାଡିବ । ୧୨୮୦୧ ପୁରୀ-ଆନନ୍ଦ ବିହାର ଟର୍ମିନାଲ୍ ପୁରୁଷୋତ୍ତମ ଏକ୍ସପ୍ରେସ୍ , ଯାହା ଜୁନ୍ ୧୮ ତାରିଖ ରାତି ୦୯:୫୫ ଘଣ୍ଟାରେ ପୁରୀରୁ ଛାଡିବାକୁ ନିର୍ଦ୍ଧାରିତ ଥିଲା ତାହା ବର୍ତ୍ତମାନ ୧୯ ଜୁନ୍ ୨୦୨୬ ରିଖ ରାତି ୧୨:୧୫ ଘଣ୍ଟାରେ ପୁରୀରୁ ଛାଡିବ । ୧୮୪୭୭ ପୁରୀ–ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ୍, ଯାହା ଜୁନ୍ ୧୮ ତାରିଖ ରାତି ୨୦:୪୫ ଘଣ୍ଟାରେ ପୁରୀ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ଜୁନ୍ ୧୯ ତାରିଖ ରାତି ୦୧:୦୦ ଘଣ୍ଟାରେ ଛାଡିବ । ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି । ଟ୍ରେନ୍ ସମ୍ବନ୍ଧୀୟ ଅଦ୍ୟତନ (ଅପଡେଟ୍) ସୂଚନା ପାଇଁ ଯାତ୍ରୀମାନେ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସ୍‌ନାଲ୍ ଟ୍ରେନ୍ ଇନ୍‌କ୍ୱାରୀ ସିଷ୍ଟମ୍ (ଏନ୍‌ଟିଇଏସ୍) ଦେଖିପାରିବେ କିମ୍ବା ସରକାରୀ ରେଳ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ ।

# ଗଞ୍ଜାମରେ ଏକରିକ୍ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲା ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍ ମିଶନ୍

**ଭୁବନେଶ୍ୱର,୧୭।୬/ଏନ୍‌ଏନ୍‌ଏସ୍:** ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍ (ଜିସିଏଫ୍)ର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲା ଗସ୍ତକରି ଭାରତୀୟ ଉପକୂଳ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଅଭିବୃଦ୍ଧି (ଏକରିକ୍) ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ପ୍ରତିନିଧି ଦଳ ଚିଲିକା–ଗଞ୍ଜାମ ଏବଂ ବାହୁଦା ଉପକୂଳୀୟ ପରିଦୃଶ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ କାର୍ଯ୍ୟକ୍ରମଗୁଡ଼ିକ ପରିଦର୍ଶନ କରି ପରିବେଶତନ୍ତ୍ରର ପୁନରୁଦ୍ଧାର ଏବଂ ଜଳବାୟୁ-ସହନଶୀଳ ଜୀବିକା କିପରି ଉପକୂଳବର୍ତ୍ତୀ ଅସୁରକ୍ଷିତ ସମୁଦାୟମାନଙ୍କର ଅନୁକୂଳନ କ୍ଷମତାକୁ ସୁଦୃଢ଼ କରୁଛି, ତାହା ଆକଳନ କରିଥିଲେ । ପ୍ରତିନିଧି ଦଳରେ ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍‌ର ପୂର୍ବ ଏବଂ ଦକ୍ଷିଣ ଏସିଆ ଆଞ୍ଚଳିକ ପରିଚାଳିକା ଡାଏନ୍ ଜେଗମ୍ ଏବଂ ପ୍ରମୁଖ ଜଳବାୟୁ ନିବେଶ ବିଶେଷଜ୍ଞ ଡଃ ବାପନ ଫଖରୁଦ୍ଦିନ୍ ଅନ୍ତର୍ଭୁକ୍ତ ଥିଲେ । ଗସ୍ତ ସମୟରେ ପ୍ରତିନିଧି ଦଳ ଏକରିକ୍ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ତଥା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝାଙ୍କ ସହ ସାକ୍ଷାତ କରି ରାଜ୍ୟରେ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରେମ କୁମାର ଝା କହିଥିଲେ, 'ଓଡ଼ିଶାର ଉପକୂଳ ଅଞ୍ଚଳ ଘୂର୍ଣ୍ଣିଝଡ଼, ଜୁଆର ଜଳୋଚ୍ଛ୍ୱାସ, ଉପକୂଳ କ୍ଷୟ ଏବଂ ବନ୍ୟା ଭଳି ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରତି ଦିନକୁ ଦିନ ଅଧିକ ସଂବେଦନଶୀଳ ହେଉଛି । ତେବେ ପରିବେଶ ତନ୍ତ୍ରର ପୁନରୁଦ୍ଧାର ଓ ସମୁଦାୟଭିତ୍ତିକ ଅନୁକୂଳନ ମାଧମରେ ସହନଶୀଳତା ବୃଦ୍ଧିର ବ୍ୟାପକ ସୁଯୋଗ ମଧ ରହିଛି । ଏହି ପ୍ରକଳ୍ପ ମାଧମରେ ଗଞ୍ଜାମ, ପୁରୀ, କେନ୍ଦ୍ରାପଡ଼ା ଏବଂ ବାଲେଶ୍ୱର ଜିଲ୍ଲାର ଉପକୂଳବର୍ତ୍ତୀ ଅସୁରକ୍ଷିତ ସମୁଦାୟମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ୍‌ର ପ୍ରତିନିଧି ଦଳଙ୍କୁ ଏହି ପ୍ରୟାସଗୁଡ଼ିକୁ କ୍ଷେତ୍ରସ୍ତରରେ ଅବଲୋକନ କରିବା ପାଇଁ ସ୍ୱାଗତ କରି ଆମେ ଆନନ୍ଦିତ । ପ୍ରତିନିଧି ଦଳ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କ୍ଷେତ୍ରସ୍ତରୀୟ ପଦକ୍ଷେପ ଯଥା ଘରୋଇ ଅଳଙ୍କାରିକ ମତ୍ସ୍ୟଚାଷ ୟୁନିଟ୍, ସାମୁଦ୍ରିକ ଘାସ (ସିଗ୍ରାସ୍) ପୁନରୁଦ୍ଧାର, ମାଙ୍ଗ୍ରୋଭ୍ ବୃକ୍ଷରୋପଣ, ସମୁଦ୍ର ଶୈବାଳ ଚାଷ ଏବଂ କଙ୍କଡ଼ା ପାଳନ ଆଦିର ସମୀକ୍ଷା କରିଥିଲେ । ଗସ୍ତର ଏକ ପ୍ରମୁଖ ଆକର୍ଷଣ ଥିଲା 'କ୍ଲାଇମେଟ୍ ଚାମ୍ପିଅନ୍'ମାନଙ୍କ ସହ ଆଲୋଚନା, ଯେଉଁମାନଙ୍କୁ ପ୍ରକଳ୍ପ ଅଧୀନରେ ଚିହ୍ନଟ ଓ ପ୍ରଶିକ୍ଷିତ କରାଯାଇ ସେମାନଙ୍କ ସମୁଦାୟରେ ଜଳବାୟୁ-ସହନଶୀଳ ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯାଉଛି । ଡାଏନ୍ ଜେଗମ୍ କହିଥିଲେ, 'ଦୀର୍ଘମିଆଦି ଜଳବାୟୁ ସହନଶୀଳତା ଗଠନ ପାଇଁ ଆବଶ୍ୟକ ସମନ୍ୱିତ ଏବଂ ସମୁଦାୟ-ନେତୃତ୍ୱାଧୀନ ସମାଧାନର ଏକ ଉତ୍କୃଷ୍ଟ ଉଦାହରଣ ହେଉଛି ଏହି ପ୍ରକଳ୍ପ । ପରିବେଶତନ୍ତ୍ରର ପୁନରୁଦ୍ଧାରକୁ ସ୍ଥାୟୀ ଜୀବିକା ସହ ଯୋଡ଼ି ଏହା କେବଳ ଅସୁରକ୍ଷିତତା ହ୍ରାସ କରୁନାହିଁ, ବରଂ ଉପକୂଳ ଅଞ୍ଚଳରେ ଅନ୍ତର୍ଭୁକ୍ତିମୂଳକ ଓ ବ୍ୟାପକ ଅନୁକୂଳନ ପାଇଁ ନୂତନ ପଥ ସୃଷ୍ଟି କରୁଛି ।'

ଗଞ୍ଜାମ ଜିଲ୍ଲାରେ ଏହି ପ୍ରକଳ୍ପ ୪ଟି ବ୍ଲକ୍, ୪୦ଟି ଗ୍ରାମ ପଞ୍ଚାୟତ ଏବଂ ୧୯୧ଟି ଗ୍ରାମରେ କାର୍ଯ୍ୟକାରୀ ହେଉଛି । ଏହା ଦ୍ୱାରା ପ୍ରାୟ ୫୦ ହଜାର ପରିବାର ଉପକୃତ ହେଉଥିବାବେଳେ, ୨୫୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧମରେ ସଂଗଠିତ ୫ ହଜାର ପ୍ରତ୍ୟକ୍ଷ ହିତାଧିକାରୀ ଏଥିରେ ସାମିଲ ଅଛନ୍ତି । ପ୍ରତିନିଧି ଦଳ ସହ ଥିବା ବ୍ରହ୍ମପୁର ବନଖଣ୍ଡର ଡିଏଫ୍ଓ ତଥା ଗଞ୍ଜାମ ଜିଲ୍ଲା ପାଇଁ ଏକରିକ୍ ପ୍ରକଳ୍ପର ନୋଡାଲ୍ ଅଫିସର ସନି ଖୋଖର କହିଥିଲେ, 'ଚିଲିକା–ଗଞ୍ଜାମ ଏବଂ ବାହୁଦା ପରିଦୃଶ୍ୟରେ ମାଙ୍ଗ୍ରୋଭ୍ ଓ ସାମୁଦ୍ରିକ ଘାସ ପୁନରୁଦ୍ଧାର, ସମୁଦ୍ର ଶୈବାଳ ଚାଷ, ସିଷ୍ଟମ୍ ଅଫ୍ ରାଇସ୍ ଇଣ୍ଟେନ୍ସିଫିକେସନ୍, କଙ୍କଡ଼ା ପାଳନ ଏବଂ ରଙ୍ଗିନ୍ ମାଛଚାଷ ଭଳି କାର୍ଯ୍ୟକ୍ରମ ମାଧମରେ ଉପକୂଳୀୟ ପରିବେଶତନ୍ତ୍ରର ପୁନରୁଦ୍ଧାର କରାଯାଉଛି । ତା ସହିତ ସ୍ଥାନୀୟ ସମୁଦାୟ ପାଇଁ ସ୍ଥାୟୀ ଜୀବିକାର ସୁଯୋଗ ମଧ ସୃଷ୍ଟି ହେଉଛି । ଆମ କ୍ଲାଇମେଟ୍ ଚାମ୍ପିଅନ୍‌ମାନଙ୍କର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ, କାରଣ ସେମାନେ ସମୁଦାୟକୁ ସଂଗଠିତ କରିବା, ସ୍ଥାନୀୟ ମାଲିକାନା ଭାବନା ବିକଶିତ କରିବା ଏବଂ ତୃଣମୂଳ ସ୍ତରରେ ଜଳବାୟୁ ଅନୁକୂଳନ ପ୍ରୟାସକୁ ଆଗେଇ ନେବାରେ ସହଯୋଗ କରୁଛନ୍ତି । ଏହି ଅବସରରେ ଏକରିକ୍ ପ୍ରକଳ୍ପର ଜାତୀୟ ପ୍ରକଳ୍ପ ସଂଯୋଜକ ଡଃ ସୁଦୀପ, ଉପ ବନ ସଂରକ୍ଷକ ଶିଶିର କୁମାର ମିଶ୍ର, ଚିଲିକା ବନଖଣ୍ଡର ଡିଏଫଓ ଅମ୍ଳାନ ନାୟକ, ୟୁଏନଡିପି ବ୍ୟାଙ୍କକ୍ ରିଜିଓନାଲ୍ ହବ୍‌ର ଆଞ୍ଚଳିକ ବୈଷୟିକ ବିଶେଷଜ୍ଞ (ଜଳବାୟୁ ପରିବର୍ତ୍ତନ ଅନୁକୂଳନ) ଆଇଶାଥ ଆଜାଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସୁଫିୟା ସୁଫି



ଦୁନିଆର ସବୁଠାରୁ କଠିନ ରନିଂ ରୁଟ୍ସ ମଧ୍ୟରୁ ଅନ୍ୟତମ ମନାଲିରୁ ଲେହ ପର୍ଯ୍ୟନ୍ତ ଥିବା ରାସ୍ତା। ଏହି ରାସ୍ତାରେ ଯାତ୍ରା କରିବା ପାଇଁ ହେଲେ ଉଚ୍ଚ ଉଚ୍ଚ ପାହାଡ଼, ବିପଦଜନକ ମୋଡ଼, ବର୍ଫିଲା ପବନ ଓ ବହୁତ କମ୍ ଅକ୍ସିଜେନ୍ ପରି ପରିସ୍ଥିତିଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼େ। ସାଧାରଣ ମଣିଷଙ୍କ ପାଇଁ ଏହି ରାସ୍ତାରେ ଚାଲିବା କଷ୍ଟକର ହୋଇପଡ଼େ। କିନ୍ତୁ ସୁଫିୟା ସୁଫି ଏହି ରାସ୍ତାରେ ଦୌଡ଼ି ନିଜ ନାମକୁ ଗିନିଜ ବୁକ୍ ଅଫ୍ ୱାର୍ଲଡ୍ ରେକର୍ଡରେ ସାମିଲ କରିଛନ୍ତି। ବହୁତ ଅଧିକ ଉଚ୍ଚରେ ଥିବା ରାସ୍ତା, କମ୍ ଅକ୍ସିଜେନ୍ ସତ୍ତ୍ୱେ ସୁଫିୟା ପରାଜୟ ସ୍ୱୀକାର ନକରି ଲଗାତର ଆଗକୁ ବଢ଼ିଥିଲେ। ଏହି କଠିନ ଦୌଡ଼ର ବିଜୟ ସହିତ ସୁଫିୟା ୧୦୦ ଘଣ୍ଟାରୁ କମ୍ ସମୟରେ ଏହି ବିପଦଜନକ ରୁଟ୍‌କୁ ପୂରା କରିଥିବା ମହିଳା ଭାବରେ ରେକର୍ଡ କରିଛନ୍ତି। ସୁଫିୟାଙ୍କ ଏହି ସଫଳତା କେବଳ ଏକ ରେକର୍ଡ ନୁହେଁ ଲକ୍ଷାଧିକ ମହିଳାଙ୍କ ପାଇଁ ପ୍ରେରଣା। ସେ ପ୍ରମାଣିତ କରିଛନ୍ତି ଯେ ଯଦି ଲକ୍ଷ୍ୟ ମଜଭୁତ ଥିବ ତେବେ ମହିଳାମାନେ କୌଣସି କ୍ଷେତ୍ରରେ ବି ଇତିହାସ ରଚି ପାରିବେ।



ଆମ ଦେଶରେ ଏପରି ଅନେକ ମହିଳା ଅଛନ୍ତି ଯେଉଁମାନେ ମହିଳାମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିଥାନ୍ତି। ଏହି ସୂଚୀରେ ଅଛି ସୁଫିୟା ସୁଫିଙ୍କ ନାମ। ରାଜସ୍ଥାନର ଆଜ୍‌ମେର ଠାରେ ଜନ୍ମିତ ସୁଫିୟା ସୁଫି ଆଜି ଜଣେ ବିଶ୍ୱ ପ୍ରସିଦ୍ଧ ଅଲ୍ଟ୍ରା-ରନର୍। ଦିଲ୍ଲୀରେ ଆଭିଏସନ୍ କ୍ଷେତ୍ରର ସୁରକ୍ଷିତ ଚାକିରି ଛାଡ଼ିଥିବା ସୁଫିୟା ଏହା ପ୍ରମାଣିତ କରିଛନ୍ତି ଯେ ଦୃଢ଼ ସଂକଳ୍ପ ପ୍ରତି କାମକୁ ସହଜ କରିଦେଇପାରେ। ନିକଟରେ ସେ ମନାଲିରୁ ଲେହ ପର୍ଯ୍ୟନ୍ତ ୪୮୦ କି.ମିର ଦୁର୍ଗମ ରାସ୍ତାକୁ ମାତ୍ର ୯୮ ଘଣ୍ଟା ୨୭ ମିନିଟ୍ ମଧ୍ୟରେ ଦୌଡ଼ି ପୂରା କରିଥିଲେ। ସମୁଦ୍ର ପତ୍ତନରୁ ୧୭,୦୦୦ ଫୁଟ୍ ଉଚ୍ଚରେ ଅକ୍ସିଜେନ୍‌ର ଭାରି ଅଭାବ ଥାଏ ଓ ଏହା ସହିତ ହାଡ଼ ଥରାଉଥିବା ଥଣ୍ଡା। ଏସବୁ ପରିସ୍ଥିତି ସତ୍ତ୍ୱେ ସୁଫିୟା ଏହି ରାସ୍ତାରେ ଦୌଡ଼ି ଗିନିଜ୍ ବୁକ୍‌ରେ ନିଜ ନାମକୁ ସାମିଲ କରିବାରେ ସଫଳ ହୋଇଛନ୍ତି। ଏହା ସହିତ ବିଶ୍ୱର ସବୁଠାରୁ ସାହସୀ ମହିଳା ଆଥ୍‌ଲେଟମାନଙ୍କ ମଧ୍ୟରୁ ଅନ୍ୟତମ ହୋଇପାରିଛନ୍ତି। ତେବେ ତାଙ୍କର ଏହି ଅସାଧାରଣ ଉପଲବ୍ଧି ପାଇଁ ୨ ଫେବୃଆରୀରେ ଆଧିକାରିକ ଗିନିଜ୍ ୱାର୍ଲଡ ରେକର୍ଡର ଆୱାର୍ଡରେ ତାଙ୍କୁ ସମ୍ମାନିତ କରାଯାଇଛି। ପ୍ରଥମେ ଚାକିରି କରୁଥିବା ସୁଫିୟା ପରବର୍ତ୍ତୀ ସମୟରେ ଚାକିରି ଛାଡ଼ି ରନିଂରେ କ୍ୟାରିୟର୍ ଗଢ଼ି ଆଜି ଦେଶ ପାଇଁ ହୋଇପାରିଛନ୍ତି ପ୍ରେରଣା।



ସୁଫିୟା ମହର୍ଷି ଦୟାନନ୍ଦ ସରସ୍ୱତୀ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଓ ୨୦୦୮ରେ ଆଭିଏସନ୍ କୋର୍ସ କରିବା ପରେ ଦିଲ୍ଲୀ ଏୟାରପୋର୍ଟରେ ଜଣେ ଗ୍ରାଉଣ୍ଡ୍ ହ୍ୟାଣ୍ଡ୍ଲିଂ ଅଫିସର୍ ଭାବରେ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। ପାଖାପାଖି ୧୦ ବର୍ଷ ପର୍ଯ୍ୟନ୍ତ ସଫଳତାର ସହିତ ଚାକିରି କରିବା ପରେ ୨୦୧୯ରେ ତାଙ୍କ ଭିତରେ ଜଣେ ରନର୍‌କୁ ଚିହ୍ନିବା ଓ ନିଜର ଦୌଡ଼ର ସ୍ୱପ୍ନକୁ ପୂରଣ କରିବା ପାଇଁ ଏକ ଖୁବ୍ ଭଲ ଚାକିରିକୁ ଛାଡ଼ିବା ପାଇଁ ସେ ସ୍ଥିର କଲେ। ଏପରି ସ୍ଥିତିରେ ସମାଜକୁ ପରବାୟ ନକରି ନିଜ ସ୍ୱପ୍ନକୁ ସଫଳ କରିବା ପାଇଁ ସେ ଆଗକୁ ବଢ଼ିଥିଲେ ଓ ଆଜି ସେ ଅନେକଗୁଡ଼ିଏ ଗିନିଜ ୱାର୍ଲଡ ରେକର୍ଡର ଅଧିକାରୀ ହେବା ସହିତ ଜଣେ ଖୁବ୍ ଭଲ ଅଲ୍ଟ୍ରା-ରନର୍ ଭାବେ ପ୍ରସିଦ୍ଧ ହୋଇ ସାରିଲେଣି।

ମନାଲିରୁ ଲେହ ପର୍ଯ୍ୟନ୍ତ ଦୂରତା ୪୭୦-୪୮୦ କି.ମି ହେବ। ହିମାଳୟର ପାଞ୍ଚଟି ଉଚ୍ଚ ପାହାଡ଼ିଆ ରାସ୍ତା ଦେଇ ଏହି ରାସ୍ତାକୁ ଅତିକ୍ରମ କରିବାକୁ ପଡ଼େ। ଏହି ମାର୍ଗରେ ୮,୫୦୦ ମିଟରରୁ ଅଧିକ ଉଚ୍ଚକୁ ଚଢ଼ିବାକୁ ପଡୁଥିବାରୁ ଏହା ବିଶ୍ୱର ସବୁଠାରୁ କଠିନ ଲମ୍ବା ଦୂରତାର ମାର୍ଗ ଭାବରେ ଜଣାଶୁଣା। ସୁଫିୟା ଏହି ଦୌଡ଼ ୯୮ ଘଣ୍ଟା ଓ ୨୭ ମିନିଟ୍‌ରେ ପୂରା କରିଥିଲେ ଓ ଶହେ ଘଣ୍ଟାର ଲକ୍ଷ୍ୟକୁ ମାମୁଲି ପାର୍ଥକ୍ୟ ଦ୍ୱାରା ଅତିକ୍ରମ କରିଥିଲେ। ସୁଫିୟାଙ୍କ ଅନୁସାରେ ଏହି ରେକର୍ଡକୁ ଆଧିକାରିକ ଭାବରେ ୨୦୨୩ରେ ମଞ୍ଜୁରୀ ମିଳିଯାଇଥିଲା, କିନ୍ତୁ ପ୍ରମାଣପତ୍ର ସେମାନଙ୍କ ପାଖରେ ପହଞ୍ଚିବା ପାଇଁ ଲାଗିଯାଇଥିଲା ଅନେକ ସମୟ। ଏହା ପୂର୍ବରୁ ୨୦୨୧ରେ ତାଙ୍କର ପୁରୁଣା ରେକର୍ଡକୁ ପୁଣି ଥରେ ହାସଲ କରିବା ପାଇଁ ସଂକଳ୍ପ ନେଇଥିଲେ ସୁଫିୟା। ବର୍ତ୍ତମାନ ତାଙ୍କ ପାଖରେ ଆଧିକାରିକ ପ୍ରମାଣପତ୍ର ପହଞ୍ଚିବା ପରେ ସୁଫିୟା ନିଜର ପ୍ରାୟୋଜକ ଓ ସମର୍ଥକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ସୁଫିୟାଙ୍କ ପାଇଁ ଏହି ରେକର୍ଡକୁ ପ୍ରାପ୍ତ କରିବା କିଛି ନୂଆ କଥା ନୁହେଁ। ଏହା ପୂର୍ବରୁ ସେ କେତେଗୁଡ଼ିଏ ଗିନିଜ ୱାର୍ଲଡ ରେକର୍ଡ କରିସାରିଛନ୍ତି ଯେଉଁଥିରେ ସାମିଲ ଅଛି କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଦ୍ରୁତଗତିରେ ଦୌଡୁଥିବା ମହିଳା ହେବାର ସୌଭାଗ୍ୟ ଓ ପୂରା ଦେଶରେ ୬,୦୦୦ କି.ମିରୁ ଅଧିକ ଦୂରତାକୁ ଅତିକ୍ରମ କରି ଗୋଲ୍ଡେନ କ୍ୱାଡ୍ରିଲେଟେରାଲ୍ ରନ୍‌କୁ ପୂରା କରିବାର ଉପଲବ୍ଧି। ସେ ଦେଶର କଠିନ କ୍ଷେତ୍ର ଓ ଜଳବାୟୁ ମଧ୍ୟରେ ବି ଅଲ୍ଟ୍ରା-ଡିଷ୍ଟାନ୍ସ ରନ୍ ପୂରା କରିଛନ୍ତି। ଏହାପରେ ଦେଶର ସବୁଠାରୁ କୁଶଳ ସହନଶକ୍ତି ଧାବିକା ଭାବରେ ସେ ନିଜର ପ୍ରତିଷ୍ଠାକୁ ମଜଭୁତ କରିଛନ୍ତି।

## ସୁଫିୟାଙ୍କ ରେକର୍ଡ

**୨୦୧୯- ଟ୍ରାନ୍ସ ଇଣ୍ଡିଆ ରୋଡ୍ ରନିଂ ଚ୍ୟାଲେଞ୍ଜ (କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ (୪୦୦୦ କି.ମି)।**
**୨୦୨୧-ଗୋଲ୍ଡେନ କ୍ୱାଡ୍ରିଲେଟେରାଲ୍ ରୋଡ୍ ରନିଂ ଚ୍ୟାଲେଞ୍ଜ (୬୦୦୦ କି.ମି)।**
**୨୦୨୩-ମନାଲି-ଲେହ ରନିଂ ଚ୍ୟାଲେଞ୍ଜ (ପୁରୁଷ ଓ ମହିଳା ଶ୍ରେଣୀରେ)।**
**୨୦୨୩-କତରରେ ଦୀର୍ଘ ରାସ୍ତା ଅତିକ୍ରମ କରିଥିବା ପ୍ରଥମ ମହିଳା।**
**-ସିୟାଚୀନ୍‌ରୁ କାର୍‌ଗିଲ ପର୍ଯ୍ୟନ୍ତ ଦୌଡ଼ିଥିବା ପ୍ରଥମ ମହିଳା।**
**-ଗଲ୍‌ୱାନରୁ କାରଗିଲ୍ ପର୍ଯ୍ୟନ୍ତ ଦୌଡିଥିବା ପ୍ରଥମ ମହିଳା।**

ଏହାପରେ ସୁଫିୟା ୧ ଅଗଷ୍ଟରୁ ଦେଶର ପୂର୍ବ ଭାଗରୁ ପଶ୍ଚିମ ପର୍ଯ୍ୟନ୍ତ ଦୌଡ଼ିବେ। ଯଦି ଏହି ରେସ୍ ସେ ପୂରା କରିବେ ତେବେ ଏହା ଗିନିଜ ୱାର୍ଲଡ୍ ରେକର୍ଡରେ ସ୍ଥାନ ପାଇବ। ଏହାପରେ ଡିସେମ୍ବରରେ ରନ୍ ଆରାଉଣ୍ଡ ଦ ୱାର୍ଲଡ୍ ଆରମ୍ଭ ହେବ ଯେଉଁଥିରେ ୩୦,୦୦୦ କି.ମି ଦୂରତାକୁ ଅତିକ୍ରମ କରିବାକୁ ପଡ଼ିବ। ଏଥିରେ ପାଖାପାଖି ୬୩୦ ଦିନରେ ୩୦ଟି ଦେଶକୁ କଭର କରିବାର ଲକ୍ଷ୍ୟ ରଖାଯାଇଛି।

# ଘରେ ତିଆରି କରନ୍ତୁ କ୍ଲେ

ଛୁଟି ହେଲେ ପିଲାମାନଙ୍କୁ ଭରପୂର ମାତ୍ରାରେ ଖେଳିବାକୁ ସୁଯୋଗ ମିଳିଯାଏ। ପିତା-ମାତା ବି ଚାହାନ୍ତି ପିଲାମାନେ ମୋବାଇଲ୍, ଟିଭି ଦେଖିବା ପରିବର୍ତ୍ତେ କିଛି ଏପରି ଆକ୍ଟିଭିଟି କରନ୍ତୁ ଯେଉଁଥିରେ ସେମାନେ ଖେଳିବା ସହିତ କିଛି ନୂଆ ଶିଖିପାରିବେ। କ୍ଲେ ସହିତ ଖେଳିବାକୁ ପିଲାମାନେ ଅଧିକ ପସନ୍ଦ କରନ୍ତି କାରଣ ଏହା ଜରିଆରେ ସେମାନେ ସବୁ ପ୍ରକାରର ଆକୃତି ତିଆରି କରି ନିଜ କଳ୍ପନାଶକ୍ତିକୁ ନୂଆ ରୂପ ଦେଇଥାନ୍ତି। ତେଣୁ ବଜାରରୁ କ୍ଲେ ନ କିଣି ଘରେ ରସାୟନମୁକ୍ତ କ୍ଲେ ତିଆରି କରନ୍ତୁ।



ଆବଶ୍ୟକ ସାମଗ୍ରୀ

**ମଇଦା ଓ ଲୁଣ ତିଆରି କ୍ଲେ** - ମଇଦା-୧ କପ୍, ଲୁଣ-ଅଧା କପ୍, ପାଣି-୩/୪ କପ୍, ତେଲ-୧ ବଡ଼ ଚାମଚ, ଫୁଡ୍ କଲର୍।

**ପ୍ରଣାଳୀ**-ପ୍ରଥମେ ଏକ ବାସନରେ ମଇଦା ଓ ଲୁଣ ନେଇ ମିଶାନ୍ତୁ। ଏଥିରେ ତେଲ ଢ଼ାଳି ମିଶେଇବେ। ପାଣି ଢ଼ାଳି ଅଟା ପରି ଦଳି ଦିଅନ୍ତୁ। ଏବେ ଅଳ୍ପ ଅଳ୍ପ ଅଟା ନେଇ ସେଥିରେ ଅଲଗା ଅଲଗା ରଙ୍ଗ ମିଶାଇ ପୁଣି ଥରେ ଦଳିଦେବେ। ଏହାପରେ କ୍ଲେକୁ କିଛି ସମୟ ପାଇଁ ଘୋଡ଼େଇ ରଖିବେ ଯେପରି ଟେକ୍ସଚର ଆହୁରି ଭଲ ହେବ। ଏହାର ବିଶେଷତା ହେଉଛି ଏହାକୁ ଏୟାରଟାଇଟ୍ ଡ଼ବାରେ ରଖିପାରିବେ ଓ ସହଜରେ ଆକାର ଦେଇପାରିବେ।

**କର୍ଣ୍ଣଫ୍ଲୋର୍ ଓ ବେକିଂ ସୋଡ଼ା** - କର୍ଣ୍ଣଫ୍ଲୋର୍-୧ କପ୍, ବେକିଂ ସୋଡ଼ା-୨ କପ୍, ପାଣି- ୧ କପ୍‌ରୁ ଅଧିକ, ଫୁଡ୍ କଲର୍।

**ପ୍ରଣାଳୀ**-ଏସବୁ ସାମଗ୍ରୀକୁ ଏକ ପ୍ୟାନ୍‌ରେ ରଖି ଧିମା ଆଞ୍ଚରେ ଲଗାତର ଚଲାନ୍ତୁ। ଯେତେବେଳେ ଲାଗିବ ଯେ ମିଶ୍ରଣ ଗାଢ଼ ହୋଇ ଅଟା ପରି ହୋଇଗଲାଣି ଗ୍ୟାସ୍ ବନ୍ଦ କରିବେ। ଥଣ୍ଡା ହେବା ପରେ ଭଲ ଭାବରେ ଦଳି ଦିଅନ୍ତୁ। ଆବଶ୍ୟକ ହେଲେ ଏହା ଉପରେ କର୍ଣ୍ଣଫ୍ଲୋର ଛିଞ୍ଚିଦେବେ। ଏହାକୁ ଗୁଳା କରି ବିଭିନ୍ନ ପ୍ରକାରର ରଙ୍ଗ ମିଶାଇ କ୍ଲେ ପ୍ରସ୍ତୁତ କରନ୍ତୁ। ଏଥିରେ ଛୋଟ ମଡେଲ୍ସ, ଫୁଲ ବା ସାଜସଜା ସାମଗ୍ରୀଗୁଡ଼ିକର ଆକୃତି ତିଆରି କରିହେବ।

# ମେହେନ୍ଦୀ ଓ ପୁରୁଣା ପରମ୍ପରା






ବିବାହ ଉତ୍ସବରେ ମେହେନ୍ଦୀ ଲଗେଇବା ହେଉଛି ଶହ ଶହ ବର୍ଷର ଏକ ପୁରୁଣା ପରମ୍ପରା। କେବଳ ହାତ ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରେଇବା ପାଇଁ ମେହେନ୍ଦୀ ଯେ ଲଗାଯାଏ ତାହା ନୁହେଁ ଏହା ପଛରେ ରହିଛି ଧାର୍ମିକ, ସାଂସ୍କୃତିକ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ଅନେକ ମହତ୍ତ୍ୱପୂର୍ଣ୍ଣ କାରଣ। ଭାରତୀୟ ସଂସ୍କୃତି ଓ ସଭ୍ୟତାରେ ମେହେନ୍ଦୀକୁ ପ୍ରାଚୀନ କାଳରୁ ଶୁଭ, ସୌଭାଗ୍ୟ ଓ ଆନନ୍ଦମୟ ଜୀବନର ପ୍ରତୀକ ଭାବରେ ଗ୍ରହଣ କରାଯାଇଛି। ପ୍ରାଚୀନ ମିସ୍ର ଓ ଆମ ଦେଶରେ ମୋଗଲ କାଳରୁ ମେହେନ୍ଦୀର ରହିଛି ବିଶେଷ ମହତ୍ତ୍ୱ।

ବୈଦିକ ମାନ୍ୟତାରେ ମେହେନ୍ଦୀକୁ ପ୍ରେମ, ସମୃଦ୍ଧି ଓ ଫର୍ଟିଲିଟି ସହିତ ଯୋଡ଼ି କରି ଦେଖାଯାଏ। ଏହି କାରଣରୁ ବିବାହ ପୂର୍ବରୁ ଝିଅର ହାତ ଓ ପାଦରେ ସୁନ୍ଦର ମେହେନ୍ଦୀ ରଚିବାର ପରମ୍ପରା ଆଜି ବି ନିଭଉଛନ୍ତି ଲୋକମାନେ।

ମେହେନ୍ଦୀରେ ଏପରି କିଛି ଗୁଣ ରହିଥାଏ ଯାହା ତ୍ୱଚାର ଯତ୍ନରେ ସାହାଯ୍ୟ କରେ। ପାରମ୍ପରିକ ମାନ୍ୟତା ଅନୁସାରେ ତ୍ୱଚା ସମ୍ବନ୍ଧୀୟ କିଛି ସମସ୍ୟାଗୁଡ଼ିକରୁ ମେହେନ୍ଦୀ କିଛି ପରିମାଣରେ ରକ୍ଷା କରିପାରେ। ଅନେକ ବର୍ଷ ହେଲାଣି ଶରୀରକୁ ଥଣ୍ଡା କରିବା ପାଇଁ, ମୁଣ୍ଡବିନ୍ଧା ବା କ୍ଲାନ୍ତ ହେବା ପରି ସମସ୍ୟାଗୁଡ଼ିକୁ କମ୍ କରେଇବା ପାଇଁ ମେହେନ୍ଦୀର ବ୍ୟବହାର କରାଯାଉଛି। ଭାରତୀୟ ସଂସ୍କୃତିରେ ମେହେନ୍ଦୀକୁ ଶୁଭ ବୋଲି ସମସ୍ତେ ଭାବନ୍ତି। ନୂଆ ଜୀବନର ଆନନ୍ଦମୟ ଆରମ୍ଭର ପ୍ରତୀକ ହେଉଛି ମେହେନ୍ଦୀ। ମେହେନ୍ଦୀ ଡିଜାଇନ୍‌ରେ ଥିବା ମୟୂର, ପଦ୍ମଫୁଲ ଓ ଅନ୍ୟ ପାରମ୍ପରିକ ଆକୃତିଗୁଡ଼ିକରେ ପ୍ରେମ, ସୌନ୍ଦର୍ଯ୍ୟ, ପବିତ୍ରତା ଓ ସମୃଦ୍ଧିର ସନ୍ଦେଶ ମିଳିଥାଏ।

ବିବାହର ପରମ୍ପରାରେ ଏକ ଲୋକପ୍ରିୟ ମାନ୍ୟତା ହେଉଛି ଝିଅ ହାତରେ ମେହେନ୍ଦୀର ରଙ୍ଗ ଯେତେ ଗାଢ଼ ହୋଇଥାଏ, ପତି ଓ ଶ୍ୱଶୁର ଘରୁ ସେତେ ଅଧିକ ଭଲପାଇବା ମିଳିଥାଏ। ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ, କିନ୍ତୁ ଏହି ପରମ୍ପରା ଆଜି ବି ଲୋକମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇ ରହିଛି। ମେହେନ୍ଦୀର ଲାଲ୍ ଓ ବ୍ରାଉନ୍ ରଙ୍ଗ ନକାରାତ୍ମକ ଉର୍ଜାରୁ ଦୂରରେ ରଖେ ଓ ନବବିବାହିତ ଯୋଡ଼ିଙ୍କ ଜୀବନରେ ସୁଖ ଓ ସମୃଦ୍ଧି ଆଣିଥାଏ ବୋଲି ବିଶ୍ୱାସ ରହିଛି।

# ସୁସ୍ଥ ଖାଦ୍ୟପେୟ କିନ୍ତୁ ମୋଟାପଣ କାହିଁକି ?

**ମହିଳାମାନଙ୍କ ଅଧିକାଂଶ ସମସ୍ୟା ହର୍ମୋନାଲ୍ ବାଲାନ୍ସ ବିଗିଡ଼ିବା ଯୋଗୁ ହୋଇଥାଏ। ମୋଟାପଣ ବି ଏହି ସମସ୍ୟାଗୁଡ଼ିକ ମଧ୍ୟରେ ସାମିଲ ଅଛି। ଅଧିକାଂଶ ଲୋକ ଭାବନ୍ତି ଯେ ଅଧିକ ଖାଇବା ଦ୍ୱାରା ଓ ବସି ରହିବା ଦ୍ୱାରା ଶରୀରରେ ଚର୍ବି ଜମା ହୋଇଯାଏ। ପିଏମ୍‌ଓଏସ୍ ଗ୍ରସ୍ତ ମହିଳାମାନଙ୍କର ଫ୍ୟାଟ୍ ସମସ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ମହିଳାମାନେ ବୃଦ୍ଧି ପାଉଥିବା ଓଜନ ସମସ୍ୟା ଦ୍ୱାରା ଚିନ୍ତିତ ରହୁଛନ୍ତି। ସାଧାରଣତଃ ମୋଟାପଣର କାରଣ ଅଧିକ ଖାଦ୍ୟ ବା ଖରାପ ଖାଦ୍ୟପେୟ ବୋଲି କୁହାଯାଏ। କିନ୍ତୁ କିଛି ମହିଳାଙ୍କର ସାମାନ୍ୟ ଭୋଜନ ପରେ ବି ଲଗାତର ଓଜନ ବୃଦ୍ଧି ହୁଏ। ତେଣୁ ସହଜରେ ଜଣାପଡ଼େ ନାହିଁ ଯେ ଓଜନ ବୃଦ୍ଧିର କାରଣ କ'ଣ ଓ ଏହାକୁ କିପରି କମ୍ କରିହେବ।**

ତେବେ ମହିଳାମାନଙ୍କର ମୋଟାପଣ କଥା ଯଦି ଆସେ ତେବେ ଏହାର ସବୁଠାରୁ ସାଧାରଣ କାରଣ ପିଏମ୍‌ଓଏସ୍ ଯାହାକୁ ପୂର୍ବରୁ ପିସିଓଏସ୍ (ପଲିସିଷ୍ଟିକ୍ ଓଭାରି ସିଣ୍ଡ୍ରୋମ୍) ବୋଲି କୁହାଯାଉଥିଲା। କିଛି ତଥ୍ୟ ଅନୁସାରେ ଆମ ଦେଶରେ ପାଞ୍ଚ ଜଣ ମହିଳାଙ୍କ ମଧ୍ୟରୁ ଜଣେ ଏହି ସ୍ଥିତି ଦ୍ୱାରା ଗ୍ରସ୍ତ ହୋଇଥାନ୍ତି।

**ପିଏମ୍‌ଓଏସ୍ ଦ୍ୱାରା ମୋଟାପଣର ବିପଦ**-ପଲିଏଣ୍ଡୋକ୍ରାଇନ୍ ମେଟାବୋଲିକ୍ ଓଭାରିଆନ୍ ସିଣ୍ଡ୍ରୋମ୍ ମହିଳାମାନଙ୍କୁ ହେଉଥିବା ଏକ ହର୍ମୋନାଲ୍ ସମସ୍ୟା। ଏହି ସ୍ଥିତିରେ ପୁରୁଷ ହର୍ମୋନ୍ (ଆଣ୍ଡ୍ରୋଜେନ୍)ର ମାତ୍ରା ବୃଦ୍ଧି ହୋଇଯାଏ। ଏହା ସହିତ ଶରୀରରେ ଇନ୍‌ସୁଲିନ୍ ଠିକ୍ ଭାବରେ କାମ କରେ ନାହିଁ ଯାହାକୁ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବୋଲି କୁହାଯାଏ। ଏହାର କାରଣ ଶରୀରର କୋଷିକାଗୁଡ଼ିକ ରକ୍ତରେ ଥିବା ସୁଗାର୍‌କୁ ସଠିକ୍ ଉପାୟରେ ଉର୍ଜାରେ ପରିବର୍ତ୍ତିତ କରିପାରନ୍ତି ନାହିଁ। ପରିଣାମସ୍ୱରୂପ ଶରୀରରେ ଇନ୍‌ସୁଲିନ୍ ଓ ସୁଗାର ସ୍ତର ବୃଦ୍ଧି ହୋଇଯାଏ। ଶରୀରରେ ଯେତେବେଳେ ଇନ୍‌ସୁଲିନ୍ ଅଧିକ ମାତ୍ରାରେ ତିଆରି ହୁଏ ଏହା ଆଣ୍ଡ୍ରୋଜେନ୍ ହର୍ମୋନର ଉତ୍ପାଦନକୁ ଆହୁରି ବୃଦ୍ଧି କରାଇଦିଏ। ଏହି କାରଣରୁ ପେଟ ଓ ଅଣ୍ଟାର ଚର୍ବି ବୃଦ୍ଧି ହୁଏ। ତେବେ ମୋଟାପଣକୁ ପିଏମ୍‌ଓଏସ୍ ବେଲି ବା ସେଣ୍ଟ୍ରାଲ୍ ଓବେସିଟି କୁହାଯାଏ। ମୋଟାପଣ କାରଣରୁ ମୁହଁରେ ବ୍ରଣ, ଶରୀରରେ କେଶ, ମାନସିକ ଚାପ ଓ ଅବସାଦ ପରି ସମସ୍ୟା ବି ହୋଇପାରେ।

ଯେତିକି ଯେତିକି ଓଜନ ବୃଦ୍ଧି ହୁଏ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବି ବଢ଼ିଯାଏ। ଏହାଦ୍ୱାରା ହର୍ମୋନାଲ୍ ଅସନ୍ତୁଳନ ଆହୁରି ଗମ୍ଭୀର ହୋଇଯାଏ ଯାହାଦ୍ୱାରା ଓଜନ କମ୍ କରିବା କଷ୍ଟକର ହୋଇଯାଏ। ଏହା ସହିତ ଶରୀରରେ ଚର୍ବି ଜମା ହେବାର ପ୍ରକ୍ରିୟା ଦ୍ରୁତତର ହୋଇଯାଏ। ଅନେକ ମହିଳାଙ୍କ ଶରୀର ମଧ୍ୟରେ ହାଲୁକା ସ୍ୱେଲିଂ ସମସ୍ୟା ବି ରହିଥାଏ ଯାହାଦ୍ୱାରା ମେଟାବୋଲିଜିମ୍ ପ୍ରଭାବିତ ହୁଏ ଓ ଓଜନ ବୃଦ୍ଧିର ସମ୍ଭାବନା ବୃଦ୍ଧି ପାଇଥାଏ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ଘରେ କାହାରି ସ୍ୱାସ୍ଥ୍ୟ ହାନି ହୋଇପାରେ। ଆର୍ଥିକ ସ୍ଥିତି ପାଇଁ ଷ୍ଟ୍ରେସ୍‌ରେ ରହିବେ। ବ୍ୟାପାରୀଙ୍କ ପାଇଁ ଦିନଟି କଷ୍ଟକର ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଚିନ୍ତିତ ରହିପାରନ୍ତି।

**ବୃଷ** - ମିତ୍ରଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ବାଣୀ ଉପରେ ସଂଯମ ରଖନ୍ତୁ। ଅଚାନକ ବଡ଼ ଡିଲ୍ ଫାଇନାଲ୍ କରିବେ। ପୁରୁଣା ସମସ୍ୟାର ସମାଧାନ ହେବ। ନୂଆ ଶିଖରକୁ ପ୍ରାପ୍ତ କରିବେ।

**ମିଥୁନ** - ପୈତୃକ ସମ୍ପତ୍ତିର କାଗଜପତ୍ରକୁ ସମ୍ଭାଳି ରଖିବେ। ଉଚ୍ଚ ଅଧିକାରୀଙ୍କ ସହଯୋଗ ପ୍ରାପ୍ତ କରିବେ। ବିଷମ ପରିସ୍ଥିତିରେ ଶାନ୍ତ ରହିବେ। ବ୍ୟାପାରୀମାନେ ସମସ୍ୟାର ସମାଧାନ ଖୋଜିନେବେ।

**କର୍କଟ** - ବୌଦ୍ଧିକ ବିକାଶ ଓ ନିର୍ଣ୍ଣୟ ନେବାର କ୍ଷମତାରେ ସୁଧାର ହେବ। କିଛି ଲାଭ ପାଇବାରେ ସଫଳ ହେବେ। କ୍ୟାରିୟର୍‌ରେ ନୂଆ ଓ ରୋଚକ ଆଇଡିଆଜ୍‌କୁ ଆପଣାଇବେ। ଧୈର୍ଯ୍ୟ ଧରି ରୁହନ୍ତୁ।

**ସିଂହ** - ବୈବାହିକ ଜୀବନରେ କାହାରି ଏଣ୍ଟ୍ରି ହୋଇପାରେ। ବିଶ୍ୱାସକୁ ମଜଭୁତ ରଖନ୍ତୁ। କିଛି ବଡ଼ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଚିନ୍ତା କରି ନିବେଶ କରନ୍ତୁ। ଛାତ୍ରଛାତ୍ରୀମାନେ ଆଳସ୍ୟ ତ୍ୟାଗ କରିବେ।

**କନ୍ୟା** - ଖୁସି ଖବର ପାଇଁ ଦିନଟି ଖାସ୍ ରହିବ। ବ୍ୟାବସାୟରେ ନୂଆ ପରିବର୍ତ୍ତନ ଆସିବ। ବସ୍‌ଙ୍କ ସହିତ ଦୂରତା ଶେଷ ହେବ। ଭାବନାରେ କୌଣସି ନିଷ୍ପତ୍ତି ନନେଲେ ଭଲ। ଶକ୍ତ ନିଷ୍ପତ୍ତି କାହାକୁ ଦୁଃଖ ଦେଇପାରେ।

**ତୁଳା** - ଆପଣଙ୍କ ପରିଶ୍ରମ ଓ ଅନୁଭବ ଲୋକମାନଙ୍କୁ ପ୍ରଭାବିତ କରିବ। ବରିଷ୍ଠ ଅଧିକାରୀ କାମରେ ଖୁସି ହେବେ। ଉର୍ଜା ସ୍ତର ଖୁବ୍ ଭଲ ରହିବ। ସ୍ୱାସ୍ଥ୍ୟକୁ ଅଣଦେଖା ନକଲେ ଭଲ।

**ବିଛା** - ଲାଭର ଅବସର ପାଇବେ। ବ୍ୟାପାରରେ ରଣନୀତି ବଦଳେଇବାର ଆବଶ୍ୟକତା ରହିଛି। ସମୟ ସହିତ ମାନସିକ ଶାନ୍ତି ପାଇବେ। ପରିବାରରେ ବିବାଦର ସ୍ଥିତି ରହିବ। ସନ୍ତୁଳନ ବଜାୟ ରଖିବା ଜରୁରୀ।

**ଧନୁ** - କାମକୁ ଟାଳିଲେ କ୍ଷତି ସହିବେ। ବିଦ୍ୟାର୍ଥୀ ଓ ଜ୍ଞାନ ସହିତ ଜଡ଼ିତ କାର୍ଯ୍ୟରେ ପ୍ରଗତି ହେବ। ପରିବାର ସହିତ ଖୁବ୍ ଭଲ ସମୟ ବିତେଇବେ। ବାଣୀରେ ନିୟନ୍ତ୍ରଣ ରହିବା ଜରୁରୀ।

**ମକର** - ବ୍ୟାପାର ପାଇଁ ଯାତ୍ରା ଲାଭଦାୟକ ହୋଇପାରେ। ବଡ଼ ନିବେଶ ନକଲେ ଭଲ। ଦୀର୍ଘ ଦିନର ଅବଧିର ଯୋଜନା କରି ଆଗକୁ ବଢ଼ିବେ। ଆର୍ଥିକ ଯୋଜନାରେ ପରିଣାମ ସୁଖଦ ରହିବ।

**କୁମ୍ଭ** - କାର୍ଯ୍ୟକ୍ଷେତ୍ରରେ ନୂଆ ପ୍ରାରମ୍ଭ ପାଇଁ ପ୍ରେରଣା ମିଳିପାରେ। ଆପଣଙ୍କର ବ୍ୟବହାର ଲୋକମାନଙ୍କୁ ପ୍ରଭାବିତ କରିବ। କୌଣସି ପ୍ରିୟଜନ ଆସିଲେ ଖୁସିର ପରିବେଶ ରହିବ। ସମ୍ପର୍କରେ ମଧୁରତା ରହିବ।

**ମୀନ** - ଆଜି ସକାରାତ୍ମକ ଅବସର ମିଳିପାରେ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜରୁରୀ। ବଜେଟ୍ ତିଆରି କରି ଚାଲିଲେ ଲାଭ ପାଇବେ। ପରିବାର ପ୍ରତି ଦାୟିତ୍ୱ ଓ ସମର୍ପଣର ପ୍ରଶଂସା ମିଳିବ। ବିଦେଶରୁ ଭଲ ଖବର ପାଇବେ।

# ତ୍ରିକୋଣୀୟ ସିରିଜ୍ ଫାଇନାଲ୍‌ରେ ଇଣ୍ଡିଆ-ଏ



## ଆଫଗାନିସ୍ତାନ-ଏ'କୁ ୧୦୧ ରନ୍‌ରେ ହରାଇଲା

## ପ୍ରିୟାଂଶ-କୁଶାଗ୍ର ଓ ତିଳକଙ୍କ ଅର୍ଦ୍ଧଶତକ; ନିଶାନ୍ତଙ୍କୁ ୪ ୱିକେଟ୍

**ଦାମ୍ବୁଲା,୧୬/ଏଜେନ୍ସି:** ଶ୍ରୀଲଙ୍କା-ଏ'ଠାରୁ ବିପକ୍ଷ ସୁପର୍ ଓଭର୍‌ରେ ହାରିବାର ଦୁଇଦିନ ପରେ ଇଣ୍ଡିଆ-ଏ ଜୋରଦାର ପ୍ରତ୍ୟାବର୍ତ୍ତନ କରିଛି। ଦାମ୍ବୁଲାରେ ବୁଧବାର ଖେଳାଯାଇଥିବା କର ବା ମର ମ୍ୟାଚ୍‌ରେ ଭାରତୀୟ ଟିମ୍ ଆଫଗାନିସ୍ତାନ-ଏ'କୁ ୧୦୧ ରନ୍‌ରେ ହରାଇ ତ୍ରିକୋଣୀୟ ସିରିଜ୍‌ର ଫାଇନାଲ୍ (ଜୁନ୍ ୨୧)ରେ ସ୍ଥାନ ପକ୍କା କରିଛି। ଇଣ୍ଡିଆ-ଏ' ଆଗରେ କେବଳ ବିଜୟ ହାସଲ କରିବା ଚ୍ୟାଲେଞ୍ଜ୍ ନଥିଲା, ବରଂ ନେଟ୍ ରନ୍ ରେଟ୍‌ର ସମୀକରଣ ଅନୁସାରେ ଆଫଗାନିସ୍ତାନକୁ ୨୩୬ ରନ୍ ମଧ୍ୟରେ ରୋକିବାର ଥିଲା। ଟିମ୍ ଦୁଇଟି ଯାକ କାମ ଚମତ୍କାର ଭାବେ ପୂରା କରିଛି। ପ୍ରଥମେ ଇଣ୍ଡିଆ-ଏ ୫୦ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୩୧୯ ରନ୍ କରିଥିଲା। କ୍ୟାପ୍‌ଟେନ୍ ତିଳକ ବର୍ମା, ପ୍ରିୟାଂଶ ଆର୍ଯ୍ୟ ଏବଂ କୁମାର କୁଶାଗ୍ର ଅର୍ଦ୍ଧଶତକ ହାସଲ କରି ଟିମ୍‌କୁ ମଜଭୁତ ସ୍କୋର୍‌ରେ ପହଞ୍ଚାଇଥିଲେ। ଜବାବରେ ଆଫଗାନିସ୍ତାନ-ଏ' ୩୬.୫ ଓଭର୍‌ରେ ମାତ୍ର ୨୧୮ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଥିଲା। ୩୧ ରନ୍ ଦେଇ ୪ଟି ୱିକେଟ୍ ହାସଲ କରିଥିବା ନିଶାନ୍ତ ସିନ୍ଧୁ ଭାରତର ବିଜୟରେ ହିରୋ ସାଜିଥିଲେ।

୩୨୦ ରନ୍‌ର ବଡ଼ ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ-ଏ' ଭାରତୀୟ ବୋଲର୍‌ଙ୍କୁ ସାମ୍ନା କରିନପାରି ୩୬.୫ ଓଭର୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଟିମ୍ ପକ୍ଷରୁ ବାହିର ଶାହ ସର୍ବାଧିକ ୫୬ ରନ୍ କରିଥିଲେ। ଏହା ବ୍ୟତୀତ ଫୈସଲ ଶିନୋଜାଦା ୪୬, କ୍ୟାପ୍‌ଟେନ୍ ଇମ୍ରାନ୍ ମିର ୩୨, ଫରମାନୁଲ୍ଲାହ ସାଫି ୧୭, ମହମ୍ମଦ ଇଶାକ୍ ୧୬, ହସନ୍ ଇସାଖିଲ୍ ୧୪ ଏବଂ ଖଲିଦ୍ ତନିୱାଲ୍ ୧୩ ରନ୍ କରିଥିଲେ। ଭାରତ ପକ୍ଷରୁ ନିଶାନ୍ତ ସିନ୍ଧୁ ୪, ଯଶ୍ ଠାକୁର ୨ ୱିକେଟ୍ ନେଇଥିବା ବେଳେ ଅଂଶୁଲ କମ୍ବୋଜ, ବିଜରାଜ ନିଗମ, ଅନୁକୁଳ ରାୟ ଏବଂ ସୂର୍ଯ୍ୟାଂଶ ଶେଗ୍‌ଡ଼େ ୧-୧ ସଫଳତା ପାଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଇଣ୍ଡିଆ-ଏ'ର ଆରମ୍ଭ ବହୁ ଖରାପ ଥିଲା। ଯୁବ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୩୮ ରନ୍‌ରେ ଆଉଟ୍ ହୋଇଥିଲେ। ତେବେ ପ୍ରଭସିମ୍‌ରନ୍ ସିଂହଙ୍କ ସ୍ଥାନରେ ଚୂଡ଼ାନ୍ତ ଏକାଦଶରେ ସାମିଲ ପ୍ରିୟାଂଶ ଆର୍ଯ୍ୟ ପ୍ରଥମରୁ ହିଁ ଲୟରେ ଥିଲେ। ମାତ୍ର ୩୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପ୍ରିୟାଂଶ ୫୮ ରନ୍‌ରେ ଫାରମନୁଲ୍ଲାହଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ପ୍ରଥମ ଥର ଏହି ସିରିଜ୍‌ରେ ଖେଳିଥିବା କୁମାର କୁଶାଗ୍ର କ୍ୟାପ୍‌ଟେନ୍ ତିଳକ ବର୍ମାଙ୍କ ସହ ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୧୦୪ ରନ୍‌ର ପାର୍ଟନରଶିପ୍ କରିଥିଲେ। କୁମାର କୁଶାଗ୍ର ୬୭ ବଲ୍‌ରେ ୫୮ ରନ୍ କରି ବୋଲ୍ଡ ହୋଇଥିଲେ। ପ୍ରଥମରୁ ମନ୍ଥର ଗତିରେ ରନ୍ ସଂଗ୍ରହ କରୁଥିବା ତିଳକ ଏହାପରେ ଗତି ବଢ଼ାଇ ୬୭ ବଲ୍‌ରେ ଅର୍ଦ୍ଧଶତକ ପୂରା କରିଥିଲେ। ଚଳିତ ସିରିଜ୍‌ରେ ଏହା ତାଙ୍କର ଚାରି ଇନିଂସ୍‌ରେ ୩ୟ ଅର୍ଦ୍ଧଶତକ। ଋତୁରାଜ ଗାଏକ୍‌ୱାଡ୍ ୩୦ ରନ୍‌ରେ ଆଉଟ୍ ହେବାପରେ ତିଳକ ମଧ୍ୟକ୍ରମରେ ଦାୟିତ୍ୱ ସମ୍ଭାଳି ସ୍ପିନର୍‌ଙ୍କ ବିପକ୍ଷରେ ଷ୍ଟ୍ରାଇକ୍ ରୋଟେଟ୍ ସହ ଇନିଂସ୍ ଆଗେଇ ନେଇଥିଲେ। ତାଙ୍କ ୫୯ ରନ୍‌ର ଇନିଂସ୍ ବଡ଼ ସ୍କୋର୍‌ର ମୂଳଦୁଆ ପକାଇଥିଲା। ତାଙ୍କ ଆଉଟ୍ ପରେ ଭାରତ ରନ୍‌ଗତି କିଛିଟା ଧୀମା ହୋଇଯାଇଥିଲା। କିନ୍ତୁ ନିଶାନ୍ତ ସିନ୍ଧୁ () ଓ ବିପରାଜ ନିଗମ ଉପଯୋଗୀ ଇନିଂସ୍ ଖେଳି ଟିମ୍‌ର ସ୍କୋର୍ ୩୧୯ ରନ୍‌ରେ ପହଞ୍ଚାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ଫାରମନୁଲ୍ଲାହ ଏବଂ ଅବ୍‌ଦୁଲ୍ଲା ଅହମଦଜଇ ୨-୨ ୱିକେଟ୍ ନେଇଥିଲେ।

## ମହିଳା ଟି-୨୦ ବିଶ୍ୱକପ୍

# ଭାରତର ଲଗାତାର ଦ୍ୱିତୀୟ ବିଜୟ



## ନେଦରଲାଣ୍ଡ୍‌ସକୁ ୯୫ ରନ୍‌ରେ ହରାଇଲା

## ମନ୍ଧାନା-ଶେଫାଳୀଙ୍କ ଅର୍ଦ୍ଧଶତକ, ଶ୍ରୀ ଚରଣୀଙ୍କୁ ୪ ୱିକେଟ୍

**ହେଡିଙ୍ଗ୍‌ଲେ,୧୭।୬/ଏଜେନ୍ସି:** ଭାରତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ଟିମ୍ ନେଦରଲାଣ୍ଡ୍‌ସକୁ ୯୫ ରନ୍‌ରେ ହରାଇ ଦେଇଛି। ଲିଡ୍ସରେ ଭାରତ ପ୍ରଥମେ ୨୦ ଓଭର୍‌ରେ ୫ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା। ଏହା ଟି-୨୦ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ସର୍ବୋଚ୍ଚ ସ୍କୋର୍। ଜବାବରେ ନେଦରଲାଣ୍ଡ୍‌ସ ୧୭.୩ ଓଭର୍‌ରେ ୧୧୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ଭାରତ ପକ୍ଷରୁ ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ପ୍ରଥମ ୱିକେଟ୍ ପାଇଁ ୧୧୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ମନ୍ଧାନା ୪୭ ବଲ୍‌ରେ ୧୧ ଚୌକା ଓ ଗୋଟିଏ ଛକା ସହାୟତାରେ ୭୪ ରନ୍ କରି ଆଉଟ୍ ହୋଇଥିଲା। ଶେଫାଳୀ ୧୦ ଚୌକା ବଳରେ ୩୮ ବଲ୍‌ରୁ ୫୫ ରନ୍ କରିଥିଲେ। ଏହା ବ୍ୟତୀତ ସେ ୩ଟି ୱିକେଟ୍ ମଧ୍ୟ ନେଇଥିଲେ। ଜେମିମା ରୋଡ୍ରିଗ୍ସ ୧୯ ଏବଂ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ୧୨ ରନ୍ କରିଥିବା ବେଳେ ରିଚା ଘୋଷ ୨୦ ଏବଂ ଦୀପ୍ତି ଶର୍ମା ୧୦ ରନ୍‌ରେ ଅପରାଜିତ ଫେରିଥିଲେ। ନେଦରଲାଣ୍ଡ୍‌ସ ପକ୍ଷରୁ କାରୋଲିନ୍ ଡି ଲାଙ୍ଗୋ ଦୁଇଟି ୱିକେଟ୍ ପାଇଥିଲେ।

୨୧୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ନେଦରଲାଣ୍ଡ୍‌ସ ପକ୍ଷରୁ କ୍ୟାପ୍‌ଟେନ୍ ବାବେଟେ ଡି ଲିଡେ ସର୍ବାଧିକ ୨୮ ରନ୍ କରିଥିଲେ। ସେହିପରି ହିଥର ସିଗର୍ସ (୨୧), ଫେବେ ମୋଲ୍‌କେନ୍‌ବୋଏର୍ (୧୫) ଏବଂ ଷ୍ଟେରେ କାଲିସ୍ (୧୮ ରନ୍)ଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଶ୍ରୀ ଚରଣୀ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଶେଫାଳୀ ବର୍ମାଙ୍କୁ ୩ଟି ସଫଳତା ମିଳିଥିଲା। ଏହା ବ୍ୟତୀତ ବିଶ୍ୱକପ୍‌ରେ ଡେବ୍ୟୁ କରିଥିବା ନନ୍ଦିନୀ ଶର୍ମା ୨ଟି ଏବଂ ଦୀପ୍ତି ଶର୍ମା ଗୋଟିଏ ୱିକେଟ୍ ହାସଲ କରିଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ୨୧ ତାରିଖରେ ଭେଟିବ।

## ଫିଫା ବିଶ୍ୱକପ୍ ୨୦୨୬

# ବିଶ୍ୱକପ୍‌ରେ ମେସିଙ୍କ ପ୍ରଥମ ହ୍ୟାଟ୍ରିକ୍



## ରୋନାଲ୍ଡୋଙ୍କ ରେକର୍ଡ ଭାଙ୍ଗିଲେ

## ହ୍ୟାଟ୍ରିକ୍ ଗୋଲ୍‌ରେ ବୟୋଜ୍ୟେଷ୍ଠ ଫୁଟ୍‌ବଲର୍

## ଆଲ୍‌ଜେରିଆକୁ ୩-୦ରେ ହରାଇଲା ଆର୍ଜେଣ୍ଟିନା

**କାନ୍‌ସାସ୍ ସିଟି,୧୭।୬/ଏଜେନ୍ସି:** ଆର୍ଜେଣ୍ଟିନାର ଷ୍ଟାର୍ ଫୁଟ୍‌ବଲର୍ ଲିଓନେଲ୍ ମେସି ବୁଧବାର ଫିଫା ବିଶ୍ୱକପ୍‌ରେ ପର୍ତ୍ତୁଗାଲ୍‌ର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଆଲ୍‌ଜେରିଆ ବିପକ୍ଷରେ ମେସି ୩ଟି ଗୋଲ୍ କରିଛନ୍ତି। ଏହା ସହିତ ସେ ଏବେ ଫୁଟ୍‌ବଲ୍ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ଗୋଲ୍ କରିବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଏହା ମଧ୍ୟ ବିଶ୍ୱକପ୍‌ରେ ମେସିଙ୍କ ପ୍ରଥମ ହ୍ୟାଟ୍ରିକ୍। ରୋନାଲ୍ଡୋ ୨୦୧୮ ବିଶ୍ୱକପ୍‌ରେ ୩୩ ବର୍ଷ ବୟସରେ ଋଷ ବିପକ୍ଷରେ ହ୍ୟାଟ୍ରିକ୍ ଗୋଲ୍ କରିଥିଲେ। ଏବେ ମେସି ୩୮ ବର୍ଷ ବୟସରେ ଏପରି କରି ରୋନାଲ୍ଡୋଙ୍କ ରେକର୍ଡ ଭାଙ୍ଗିଛନ୍ତି। ମେସିଙ୍କ ଏହି ହ୍ୟାଟ୍ରିକ୍ ଏକ ବିଶେଷ ମୁହୂର୍ତ୍ତରେ ହୋଇଛି। ସେ ୨୦୦୬ ଜୁନ୍ ୧୬ ତାରିଖରେ ଫିଫା ବିଶ୍ୱକପ୍‌ରେ ନିଜର ପ୍ରଥମ ମ୍ୟାଚ୍ ଖେଳିଥିଲେ।

୩୮ ବର୍ଷୀୟ ମେସି ଆଲ୍‌ଜେରିଆ ବିପକ୍ଷରେ ୧୭ତମ, ୬୦ତମ ଏବଂ ୭୬ତମ ମିନିଟ୍‌ରେ ଗୋଲ୍ ସ୍କୋର୍ କରିଥିଲେ। ମେସିଙ୍କ ଏହି ଦମ୍‌ଦାର ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନା ଗ୍ରୁପ୍-ଜେ' ମ୍ୟାଚ୍‌ରେ ଆଲ୍‌ଜେରିଆକୁ ୩-୦ରେ ହରାଇଛି। ମେସି ବର୍ତ୍ତମାନ ସୁଦ୍ଧା ୧୧ ଅନ୍ତର୍ଜାତୀୟ ହ୍ୟାଟ୍ରିକ୍ ହାସଲ କରିସାରିଛନ୍ତି। ଏହା ସହିତ ବିଶ୍ୱକପ୍ ଇତିହାସରେ ମେସି ସର୍ବାଧିକ ୧୬ ଗୋଲ୍‌ର ରେକର୍ଡ ସମକକ୍ଷ ମଧ୍ୟ ହୋଇଛନ୍ତି। ଏହି ରେକର୍ଡ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ନାମରେ ଥିଲା। ସେହିପରି ଏହା ମେସିଙ୍କ ଷଷ୍ଠ ବିଶ୍ୱକପ୍ ହୋଇଥିବା ୫ ବିଶ୍ୱକପ୍‌ରେ ଗୋଲ୍ କରିବାରେ ବିଶ୍ୱର ଦ୍ୱିତୀୟ ଫୁଟ୍‌ବଲର୍ ହୋଇଛନ୍ତି। ପର୍ତ୍ତୁଗାଲ୍‌ର ରୋନାଲ୍ଡୋ ମଧ୍ୟ ଏହି କାରନାମା କରିସାରିଛନ୍ତି। ଆଲ୍‌ଜେରିଆ ବିପକ୍ଷ ଏହି ମ୍ୟାଚ୍ ତାଙ୍କ କ୍ୟାରିୟର୍‌ର ୨୦୦ତମ ମ୍ୟାଚ୍।

## ୩୬ ବର୍ଷ ପରେ ଅଷ୍ଟ୍ରିଆର ପ୍ରଥମ ବିଜୟ

### ଜୋର୍ଡାନ୍‌କୁ ୩-୧ରେ ହରାଇଲା



ସାନ୍ ଫ୍ରାନ୍ସିସ୍କୋରେ ଆଜି ଖେଳାଯାଇଥିବା ଗ୍ରୁପ୍-ଜେ'ର ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ଜୋର୍ଡାନ୍‌କୁ ହରାଇ ଦେଇଛି। ଏହା ଅଷ୍ଟ୍ରିଆର ଫିଫା ବିଶ୍ୱକପ୍‌ରେ ୧୯୯୦ ପରେ ପ୍ରଥମ ବିଜୟ। ଟିମ୍ ଶେଷଥର ପାଇଁ ୧୯୯୦ ଜୁନ୍ ୧୯ ତାରିଖରେ ଆମେରିକାକୁ ୨-୧ରେ ହରାଇଥିଲା। ଅଷ୍ଟ୍ରିଆ ୧୯୯୮ ପରେ ପ୍ରଥମ ଥର ବିଶ୍ୱକପ୍ ଖେଳୁଛି। ଅନ୍ୟପକ୍ଷରେ ଜୋର୍ଡାନ୍‌ର ଏହା ପ୍ରଥମ ବିଶ୍ୱକପ୍। ମ୍ୟାଚ୍‌ରେ ଅଷ୍ଟ୍ରିଆ ପକ୍ଷରୁ ରୋମାନୋ ସ୍ମିଡ୍ ୨୧ତମ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ଜୋର୍ଡାନ୍‌ର ଅଲୀ ଓଲୱାନ୍ ୫୦ତମ ମିନିଟ୍‌ରେ ଗୋଲ୍ କରି ସ୍ଥିତି ୧-୧ କରିଥିଲେ। ତେବେ ୭୬ତମ ମିନିଟ୍‌ରେ ଜୋର୍ଡାନ୍‌ର ୟାଜାନ୍ ଅଲ୍ ଅରବଙ୍କ ଏକ ଆତ୍ମଘାତୀ ଗୋଲ୍ ଏବଂ ଅନ୍ତିମ ମୁହୂର୍ତ୍ତ (୯୦+୧୨ତମ ମିନିଟ୍)ରେ ମାର୍କୋ ଅର୍‌ନାଉଟୋଭିଚ୍‌ଙ୍କ ପେନାଲ୍ଟିରୁ ଏକ ଗୋଲ୍ ବଳରେ ଅଷ୍ଟ୍ରିଆ ମ୍ୟାଚ୍ ନିଜ ନାମରେ କରିନେଇଥିଲା।

# ୨୮ ବର୍ଷ ପରେ ନରୱେର ବିଜୟୀ ପ୍ରତ୍ୟାବର୍ତ୍ତନ

## ପ୍ରଥମ ମ୍ୟାଚ୍‌ରେ ଇରାକକୁ ୪-୧ ଗୋଲ୍‌ରେ ହରାଇଲା



ଡେବ୍ୟୁ ବିଶ୍ୱକପ୍‌ରେ ଷ୍ଟ୍ରାଇକର୍ ଏର୍ଲିଙ୍ଗ୍ ହାଲଣ୍ଡଙ୍କ ଦୁଇଟି ଗୋଲ୍ ବଳରେ ନରୱେ ଚଳିତ ଫିଫା ବିଶ୍ୱକପ୍‌ରେ ନିଜର ପ୍ରଥମ ମ୍ୟାଚ୍‌ରେ ଇରାକକୁ ୪-୧ରେ ହରାଇଛି। ବୁଧବାର ବୋଷ୍ଟନ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏହି ମ୍ୟାଚ୍‌ରେ ନରୱେ ଟୁର୍ଣ୍ଣାମେଣ୍ଟରେ ବିଜୟ ସହିତ ପ୍ରତ୍ୟାବର୍ତ୍ତନ କରିଛି। ୨୮ ବର୍ଷ ପରେ ଟୁର୍ଣ୍ଣାମେଣ୍ଟ ଖେଳୁଥିବା ନରୱେ ପକ୍ଷରୁ ଅନ୍ୟ ଦୁଇଟି ଗୋଲ୍ ଲିୟୋ ଓଷ୍ଟିଗାର୍ଡ ଦେଇଥିବା ବେଳେ ଇରାକର ଆୟମେନ୍ ହୁସେନ୍‌ଙ୍କ ଆତ୍ମଘାତୀ ଗୋଲ୍ ନରୱେ ବଡ଼ ବିଜୟ ଦେଇଥିଲା। ଷ୍ଟାର୍ ଫରୱାର୍ଡ ଏର୍ଲିଙ୍ଗ୍ ହାଲଣ୍ଡ ୨୯ତମ ମିନିଟ୍‌ରେ ଗୋଲ୍ କରି ନରୱେକୁ ପ୍ରାରମ୍ଭିକ ଅଗ୍ରଣୀ ପ୍ରଦାନ କରିଥିଲେ। ମାତ୍ର ଆୟମେନ୍ ହୁସେନ୍ ୩୯ତମ ମିନିଟ୍‌ରେ ସ୍ଥିତି ବରାବର କରିଥିଲେ। କିନ୍ତୁ ହାଫ୍ ଟାଇମ୍‌ର ଠିକ୍ ପୂର୍ବରୁ ହାଲଣ୍ଡ (୪୩ତମ) ବ୍ୟକ୍ତିଗତ ଗୋଲ୍ ଦେଇ ନରୱେକୁ ପୁଣିଥରେ ଆଗୁଆ କରିଥିଲେ। ଏହାପରେ ଦ୍ୱିତୀୟ ହାଫ୍‌ରେ ଓଷ୍ଟିଗାର୍ଡ (୭୬ତମ) ତୃତୀୟ ଗୋଲ୍ କରିଥିଲେ। ମ୍ୟାଚ୍‌ର ଅନ୍ତିମ କ୍ଷଣରେ ଆୟମେନ୍‌ଙ୍କ ଆତ୍ମଘାତୀ ଗୋଲ୍ ନରୱେକୁ ୪-୧ରେ ଏକତରଫା ବିଜୟୀ କରିଥିଲା।

## କିଲିୟନ୍ ଏମ୍‌ବାପେଙ୍କ ଡବଲ୍ ଗୋଲ୍

# ସେନେଗାଲ୍‌କୁ ୩-୧ରେ ହରାଇଲା ଫ୍ରାନ୍ସ



**ନ୍ୟୁ ଜର୍ସି,୧୭।୬/ଏଜେନ୍ସି:** ବୁଧବାର ଚଳିତ ବିଶ୍ୱକପ୍‌ର ଗ୍ରୁପ୍-ଆଇ'ରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ନିଜର ପ୍ରଥମ ମ୍ୟାଚ୍ ଖେଳିଥିବା ଫ୍ରାନ୍ସ ୩-୧ରେ ସେନେଗାଲ୍‌କୁ ହରାଇ ଦେଇଛି। ଷ୍ଟାର୍ ଫରୱାର୍ଡ କିଲିୟନ୍ ଏମ୍‌ବାପେ ମ୍ୟାଚ୍‌ରେ ଦୁଇଟି ଗୋଲ୍ ଦେଇ ଫ୍ରାନ୍ସ ଇତିହାସରେ ସର୍ବାଧିକ ଗୋଲ୍ ସ୍କୋରର୍ ହୋଇଛନ୍ତି। ସେ ପୂର୍ବତନ ଷ୍ଟ୍ରାଇକର୍ ଓଲିଭିୟର୍ ଗିରୁଡ଼ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଫ୍ରାନ୍ସ ପକ୍ଷରୁ ବ୍ରେଡଲୀ ବାରକୋଲା ମଧ୍ୟ ଗୋଟିଏ ଗୋଲ୍ ଦେଇଥିଲେ। ସେହିପରି ସେନେଗାଲ୍ ପାଇଁ ଏକମାତ୍ର ଗୋଲ୍‌ଟି ଇବ୍ରାହିମ୍ ଏମ୍‌ବାୟ କରିଥିଲେ।

ମ୍ୟାଚ୍‌ର ପ୍ରଥମ ହାଫ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ଏମ୍‌ବାପେ (୬୦ତମ ମିନିଟ୍) ଫ୍ରାନ୍ସକୁ ଅଗ୍ରଣୀ କରିଥିଲେ। ଏହାପରେ ବାରକୋଲା (୮୨ତମ ମିନିଟ୍) ସ୍କୋର୍ ୨-୦ରେ ପହଞ୍ଚାଇଥିଲେ। ସେନେଗାଲ୍‌ର ୧୮ ବର୍ଷୀୟ ଇବ୍ରାହିମ୍ ଏମ୍‌ବାଏ (୯୦+୫ତମ ମିନିଟ୍) ଗୋଲ୍ କରି ବ୍ୟବଧାନ କମାଇବା ସହିତ ବିଶ୍ୱକପ୍‌ରେ ଗୋଲ୍ କରିବାରେ ସର୍ବକନିଷ୍ଠ ଆଫ୍ରିକୀୟ ଖେଳାଳି ହୋଇଥିଲେ। ମାତ୍ର ଇଞ୍ଜୁରୀ ଟାଇମ୍ (୯୦+୬ତମ ମିନିଟ୍)ରେ ଏମ୍‌ବାପେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ ଦେଇ ଫ୍ରାନ୍ସର ବିଜୟ ପକ୍କା କରିଥିଲେ। ଏହା ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ୧୪ତମ ଗୋଲ୍ ଥିଲା। ଏହା ସହିତ ସେ ଜର୍ମାନୀର ମହାନ୍ ଷ୍ଟ୍ରାଇକର୍ ଗର୍ଡ ମୁଲର୍‌ଙ୍କ ସମକକ୍ଷ ହୋଇଥିବା ବେଳେ ସର୍ବକାଳୀନ ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍ (୧୬ ଗୋଲ୍)ଙ୍କଠାରୁ ମାତ୍ର ୨ ଗୋଲ୍ ପଛରେ ରହିଛନ୍ତି।

## ଦ୍ୱିତୀୟ ଦିନିକିଆ: ଗିଲ୍ ଓ ଇଶାନ୍‌ଙ୍କ ଶତକ; ଅର୍ଶଦୀପ୍-ଗୁରନୁରଙ୍କୁ ୩-୩ ୱିକେଟ୍

# ଆଫଗାନିସ୍ତାନ ବିପକ୍ଷରେ ଭାରତର ବଡ଼ ବିଜୟ

**ଲକ୍ଷ୍ନୌ,୧୭।୬/ଏଜେନ୍ସି:** କ୍ୟାପ୍‌ଟେନ୍ ଶୁଭମନ ଗିଲ୍ (୧୫୪) ଏବଂ ଇଶାନ୍ କିଶନ୍ (୧୨୫)ଙ୍କ ଶତକୀୟ ଇନିଂସ୍ ବଳରେ ଭାରତ ଦ୍ୱିତୀୟ ଦିନିକିଆରେ ଆଫଗାନିସ୍ତାନ ବିପକ୍ଷରେ ୧୭୦ ରନ୍‌ର ବଡ଼ ବିଜୟ ହାସଲ କରିଛି। ଏହା ସହିତ ଟିମ୍ ଇଣ୍ଡିଆ ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍ ୨-୦ରେ କବ୍‌ଜା କରିଛି। ବୁଧବାର ଏଠାକାର ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମେ ବ୍ୟାଟିଂ ପାଇଥିବା ଟିମ୍ ଇଣ୍ଡିଆ ୪୯.୫ ଓଭର୍‌ରେ ୪୦୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହା ଆଫଗାନିସ୍ତାନ ବିପକ୍ଷରେ ଟିମ୍‌ର ସବୁଠାରୁ ବଡ଼ ଦିନିକିଆ ସ୍କୋର୍। ଜବାବରେ ଆଫଗାନିସ୍ତାନ ୪୪.୩ ଓଭର୍‌ରେ ୨୩୨ ରନ୍ ମଧ୍ୟରେ ଅଲ୍‌ଆଉଟ୍ ହୋଇଯାଇଛି। ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ଗୁରନୁର ବ୍ରାର୍ ୩-୩ ୱିକେଟ୍ ଅକ୍ତିଆର କରିଛନ୍ତି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ଜୁନ୍ ୨୦ ତାରିଖରେ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯିବ।

୪୦୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲା। ମାତ୍ର ଜରୁରୀ ରନ୍ ରେଟ୍ ଅଧିକ ହୋଇଥିବାରୁ ଟିମ୍ ଚାପଗ୍ରସ୍ତ ହୋଇପଡ଼ିଥିଲା। ଟିମ୍ ପକ୍ଷରୁ ରହମତ ଶାହ ସର୍ବାଧିକ ୭୯ ରନ୍ କରିଥିଲେ। ତାଙ୍କ ୮୯ ରନ୍‌ର ଇନିଂସ୍‌ରେ ୮ ଚୌକା ସାମିଲ ଥିଲା। ସେହିପରି

## ସିରିଜ୍ ୨-୧ରେ କବ୍‌ଜା

ସେଦକୁଲ୍ଲାହ ଅଟଲ ୪୨ ଏବଂ ରହମାନୁଲ୍ଲାହ ଗୁରବାଜ ୪୧ ରନ୍‌ର ଯୋଗଦାନ ଦେଇଥିଲେ। ଇବ୍ରାହିମ୍ ଜାଦରାନ୍ (୨୧) ଓ ରଶିଦ୍ ଖାନ୍ (୧୨ ରନ୍)ଙ୍କ ବ୍ୟତୀତ ଆଉ କେହି ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ଗୁରନୁର ବ୍ରାର୍ ୩-୩ ୱିକେଟ୍ ନେଇଥିବା ବେଳେ ଡେବ୍ୟୁଟାଣ୍ଟ ପ୍ରିନ୍ସ ଯାଦବଙ୍କୁ ଗୋଟିଏ ସଫଳତା ମିଳିଥିଲା। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ୍ ଓ



କୁଲଦୀପ ଯାଦବଙ୍କ ପ୍ରତ୍ୟାବର୍ତ୍ତନ ଘଟିଥିବା ବେଳେ ପ୍ରିନ୍ସ ଯାଦବଙ୍କ ଡେବ୍ୟୁ ହୋଇଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ଭାରତର ଆରମ୍ଭ ବହୁ ଖରାପ ଥିଲା ଏବଂ ଓପ୍ନର୍ ଯଶସ୍ୱୀ ଜୟସ୍ୱାଲ୍ ମାତ୍ର ୪ ରନ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତେବେ ଏହାପରେ ରୋହିତ ଶର୍ମା ଏବଂ ତିନି ନମ୍ବରରେ ଆସିଥିବା କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ୮୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ରୋହିତ ୪୮ ରନ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ଇଶାନ୍ ଶର୍ମାଙ୍କ ସହ ଗିଲ୍ ୧୪୦ ବଲ୍‌ରେ ୨୨୪ ରନ୍‌ର ପାର୍ଟନରଶିପ୍ କରି ବଡ଼ ସ୍କୋର୍‌ର ମୂଳଦୁଆ ପକାଇଥିଲେ। ଇଶାନ୍ କିଶନ୍ ୭୯ ବଲ୍‌ରେ ୧୪ ଚୌକା ଓ ୭ ଛକା ସହାୟତାରେ ୧୨୫ ରନ୍ କରି ଆଉଟ୍ ହୋଇଥିଲେ। ସେ ୫୨ ବଲ୍‌ରେ ଅର୍ଦ୍ଧଶତକ ଏବଂ ୭୧ ବଲ୍‌ରେ ଶତକ ହାସଲ କରିଥିଲେ। ସେହିପରି ୩୮ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଗିଲ୍ ୭୭ ବଲ୍‌ରେ ଶତକ ପୂରଣ କରିଥିଲେ। ଏହା ତାଙ୍କର ନବମ ଦିନିକିଆ ଶତକ। ଗିଲ୍ ୧୧୦ ବଲ୍‌ରେ ୨୨ ଚୌକା ଓ ୨ ଛକା ସହାୟତାରେ ୧୫୪ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଟିମ୍ ଲଗାତାର ୱିକେଟ୍ ହରାଇ ୪୯.୫ ଓଭର୍‌ରେ ଅଲ୍‌ଆଉଟ୍ ହୋଇଥିଲା। ନିମ୍ନକ୍ରମରେ କେବଳ ୱାଶିଂଟନ୍ ସୁନ୍ଦର (୧୯) ଦୁଇଅଙ୍କ ଛୁଇଁବାରେ ସଫଳ ହୋଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନାଙ୍ଗେୟାଲିଆ ଖାରୋଟି ସର୍ବାଧିକ ୪ ଏବଂ ରଶିଦ ଖାନ୍ ୩ ୱିକେଟ୍ ନେଇଥିଲେ।

## ଦେଶ ବିଦେଶ

# ଉଦ୍ଧବ ଗୋଷ୍ଠୀର ୬ ସାଂସଦ ସାଜିଲେ ବିଦ୍ରୋହୀ

**ମୁମ୍ବାଇ,୧୭।୬/ଏଜେନ୍ସି:** ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୯ ଜଣ ସାଂସଦଙ୍କ ମଧ୍ୟରୁ ୬ ଜଣ ସାଂସଦ ଦଳ ବିରୋଧରେ ବିଦ୍ରୋହ କରିଛନ୍ତି। ସୂତ୍ର ଅନୁଯାୟୀ, ବୁଧବାର ସକାଳ ୯:୩୦ ସମୟରେ ଏହି ୬ ବିଦ୍ରୋହୀ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ପଠାଇଛନ୍ତି। ଚିଠିରେ ସେମାନେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ (ଅସଲି ଶିବସେନା) ସହ ମିଶ୍ରଣ ପାଇଁ ଅନୁରୋଧ କରିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ବାଚସ୍ପତି କିମ୍ବା ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏନେଇ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ଦିଆଯାଇନାହିଁ। ସବୁଠୁ ବଡ଼ କଥା ହେଉଛି ବିଦ୍ରୋହୀ ସାଂସଦମାନଙ୍କ ମଧ୍ୟରେ ନାଗେଶ ପାଟିଲ୍ ଆଷ୍ଟିକର ଏବଂ ସଞ୍ଜୟ ଦୀନା ପାଟିଲ୍‌ଙ୍କ ଭଳି ୟୁବିଟି ବଡ଼ ବଡ଼ ନେତାଙ୍କ ନାମ ସାମ୍ନାକୁ ଆସିଛି। ଏହି ବଡ଼ ଧରଣର ବିଦ୍ରୋହ ପରେ ଦିଲ୍ଲୀରେ ଶିବସେନା (ୟୁବିଟି) ନେତା ତଥା ରାଜ୍ୟସଭା ସାଂସଦ ସଞ୍ଜୟ ରାଉତ ଏକ ସମ୍ବାଦିକ ସମ୍ମିଳନୀ କରି କ୍ଷୋଭ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଞ୍ଜୟ ରାଉତ ଅତ୍ୟନ୍ତ କ୍ରୋଧିତ ହୋଇ ବିଦ୍ରୋହୀ ସାଂସଦମାନଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବା ସହ ସେମାନଙ୍କୁ 'ବେଇମାନ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ଏହି ସାଂସଦମାନେ ୫୦ କୋଟି ଟଙ୍କାରେ ବିକ୍ରି ହୋଇଯାଇଛନ୍ତି। ବେଇମାନି ଏମାନଙ୍କ ରକ୍ତରେ ରହିଛି। ତେବେ ପରେ ନିଜ ସଫେଇରେ ସେ କହିଛନ୍ତି ଯେ ମରାଠୀ ଭାଷାରେ ଏଭଳି ଶବ୍ଦ ସାଧାରଣ ବୋଲଚାଲ୍‌ର ଏକ ଅଂଶ ଅଟେ। ତେବେ ତାଙ୍କର ଏପ୍ରକାର ଶବ୍ଦ ପ୍ରୟୋଗକୁ ନେଇ ତାଙ୍କ ବିରୋଧରେ ମାନହାନୀ ମୋକଦ୍ଦମା ଦାୟର କରିବେ ବୋଲି ବିଦ୍ରୋହୀ ସାଂସଦମାନେ କହିଛନ୍ତି। ପ୍ରକାଶ, ଆଞ୍ଚଳିକ ଦଳ ଶିବସେନାରେ ଗତ ୪ ବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ବଡ଼ ଧରଣର ମେଳି। ଏହା ପୂର୍ବରୁ ଜୁନ୍ ୨୦୨୨ରେ ଏକନାଥ ଶିନ୍ଦେଙ୍କ ନେତୃତ୍ୱରେ ୩୯ ଜଣ ବିଧାୟକ ଉଦ୍ଧବ ଠାକରେଙ୍କ ବିରୋଧରେ ବିଦ୍ରୋହ କରିଥିଲେ, ଯାହାଫଳରେ ଶିବସେନା ଦୁଇ ଭାଗରେ ଅର୍ଥାତ୍ ଗୋଟିଏ ଉଦ୍ଧବ ଗୋଷ୍ଠୀ (ୟୁବିଟି) ଏବଂ ଅନ୍ୟଟି ଶିନ୍ଦେ ଗୋଷ୍ଠୀରେ ବିଭକ୍ତ ହୋଇଯାଇଥିଲା। ଏପରିକି ମହାରାଷ୍ଟ୍ରରେ ସେସମୟରେ କ୍ଷମତାସୀନ ଥିବା ଶିବସେନା ନେତୃତ୍ୱାଧୀନ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଭାଙ୍ଗିଯାଇଥିଲା ଏବଂ ଶିନ୍ଦେ ବିଜେପି ସହ ମିଶି ସରକାର ଗଠନ କରିଥିଲେ। ବିଧାୟକଙ୍କ ପରେ ଏବେ ସାଂସଦସ୍ତରରେ ମଧ୍ୟ ଉଦ୍ଧବ ଠାକରେଙ୍କୁ ଏକ ବଡ଼ ଝଟ୍‌କା ଲାଗିଛି।

# ସାଇବର୍ ଅପରାଧୀଙ୍କୁ ଜେଲ୍‌ରେ ରଖିବା ଜରୁରୀ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ,୧୭।୬/ଏଜେନ୍ସି:** ଦେଶରେ ଦ୍ରୁତ ଗତିରେ ବଢ଼ୁଥିବା ସାଇବର ଜାଲିଆତି ମାମଲାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ଏଭଳି କିଛି ଆବେଦନ ଉପରେ ବୁଧବାର ଶୁଣାଣି କରିବା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, "ସାଇବର ଅପରାଧୀମାନେ ସମାଜର ପରଜୀବୀ ସଦୃଶ। ଏମାନେ ବାହାରେ ଖୋଲାରେ ବିଚରଣ କରିବା ସମାଜ ପାଇଁ କଦାପି ମଙ୍ଗଳକାରୀ ନୁହେଁ, ଏମାନଙ୍କୁ ଜେଲ୍‌ର ବନ୍ଦ କୋଠରୀ ମଧ୍ୟରେ ରଖାଯିବା ଉଚିତ୍। ଏହାଦ୍ୱାରା ହିଁ ସମାଜର ସର୍ବୋତ୍ତମ ହିତ ସାଧନ ହୋଇପାରିବ।" ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଛନ୍ତି ଯେ, ଏହି ଅପରାଧୀମାନେ ନିରୀହ ନାଗରିକଙ୍କୁ ଲୁଟ୍ କରୁଛନ୍ତି ଏବଂ ଏମାନଙ୍କ କାର୍ଯ୍ୟକଳାପ ସମଗ୍ର ଭାରତରେ ବ୍ୟାପିଛି। ତେଣୁ ସାଇବର ଅପରାଧୀଙ୍କ ବିରୋଧରେ ଆଇନକୁ ଆହୁରି ଅଧିକ କଠୋର କରିବାର ଆବଶ୍ୟକତା ରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra